# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜୁନ୍ ୩/୨୦୨୧ (୧୨ ପୃଷ୍ଠା) | Balasore, Thursday, June 3/2021 | ★★★★

୪୭ଶ ଭାଗ ୧୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ନୋରାଙ୍କ ପରାମର୍ଶ**

କରୋନା ମହାମାରୀ ସମୟରେ କିପରି ମାନସିକ ଶାନ୍ତିରେ ରହିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି ଅଭିନେତ୍ରୀ ନୋରା ଫତେହୀ। ୧୦

୧୨ **ପଦାର୍ପଣ ଟେଷ୍ଟରେ ଶତକ**

ଟେଷ୍ଟ କ୍ୟାରିୟରର ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଶତକ ହାସଲ କରିଛନ୍ତି ନ୍ୟୁଜିଲାଣ୍ଡର ଡେଭନ କନୱେ।



# ଟିକା ନୀତି ସ୍ୱେଚ୍ଛାଚାରୀ: ସୁପ୍ରିମକୋର୍ଟ

**କରୋନା କାଳରେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୋହଲିଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ଟିକା କିଣିବା ଅବସ୍ଥାରେ ନାହାନ୍ତି। ତେଣୁ ଯୁବବର୍ଗଙ୍କ ଟିକାକରଣ ଦାୟିତ୍ୱ କେନ୍ଦ୍ର ସରକାର ବହନ କରନ୍ତୁ ବୋଲି ପୂର୍ବରୁ ଦିଲ୍ଲୀ, ଛତିଶଗଡ଼ ଓ କେରଳ ସମେତ ଅନେକ ରାଜ୍ୟ କହିଆସୁଛନ୍ତି। ଅନ୍ୟପକ୍ଷେ ଓଡ଼ିଶା ଏବଂ ଉତ୍ତରପ୍ରଦେଶ ଭଳି କେତେକ ରାଜ୍ୟ ନିଜସ୍ୱ ସମ୍ବଳରେ ଟିକା କିଣିବା ପାଇଁ ଆଗ୍ରହ ପ୍ରକାଶ କରି ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଛନ୍ତି। ହେଲେ ଲଜିଷ୍ଟିକ୍, କ୍ଲିୟରାନ୍ସ ଓ ଗ୍ୟାରେଣ୍ଟି ସହ ଅନେକ ଅସୁବିଧା ରହିଥିବାରୁ ବିଦେଶୀ କମ୍ପାନୀ ରାଜ୍ୟଗୁଡ଼ିକୁ ଟିକା ଯୋଗାଇବାକୁ ରାଜି ହେଉନାହାନ୍ତି। ଏଭଳି ସମୟରେ କେନ୍ଦ୍ରର ଭାକ୍ସିନ ନୀତି ଉପରେ ସୁପ୍ରିମକୋର୍ଟ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଟିକାକୁ ନେଇ କେନ୍ଦ୍ରର ଯୋଜନା ଏବଂ ଆମଦାନୀ ସମ୍ପର୍କିତ ସମସ୍ତ ତଥ୍ୟ ୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।**




**ନୂଆଦିଲ୍ଲୀ,୨।୬(ପି.ଟି.)**

୧୮ରୁ ୪୪ ବର୍ଷୀୟଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଟିକାକରଣ ନୀତିକୁ ବୁଧବାର ସୁପ୍ରିମକୋର୍ଟ ସ୍ୱେଚ୍ଛାଚାରୀ ଓ ଅଯୌକ୍ତିକ ବୋଲି ଭର୍ତ୍ସନା କରିଛନ୍ତି। ଏହାସହ ଅଦ୍ୟାବଧି କେବେ କେତେ ପରିମାଣର କୋଭାକ୍ସିନ, କୋଭିଶିଲ୍ଡ ଓ ସ୍ପୁଟ୍‌ନିକ୍-ଭି ସମେତ ଅନ୍ୟ ଟିକା କିଣାଯାଇଛି ସେନେଇ ସବିଶେଷ ବିବରଣୀ ସତ୍ୟପାଠ ଜରିଆରେ ଦାଖଲ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାକ୍ସିନ କିଣିବା ପାଇଁ ସରକାର କେନ୍ଦ୍ରୀୟ ବଜେଟରେ ଆବଣ୍ଟନ କରିଥିବା ୩୫,୦୦୦ କୋଟି ଟଙ୍କା କିପରି ଖର୍ଚ୍ଚ କରାଯାଇଛି। ଏହି ଅର୍ଥକୁ ୧୮-୪୪ ବର୍ଷୀୟଙ୍କ ଟିକାକରଣରେ କାହିଁକି ଖର୍ଚ୍ଚ କରାଯାଇ ନାହିଁ ବୋଲି ଶୀର୍ଷ ଅଦାଲତ କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ୨ ସପ୍ତାହ ମଧ୍ୟରେ ଏହିସବୁ ତଥ୍ୟ ଦେବାକୁ କହିଛନ୍ତି।

ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ଭାକ୍ସିନ ନୀତିକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର କରାଯାଇଛି। ତେବେ କୋଭିଡ୍ ମୁକାବିଲା ପାଇଁ ସୁପ୍ରିମକୋର୍ଟ ନିଜ ଆଡୁ ଆରମ୍ଭ କରିଥିବା ମାମଲାର ଶୁଣାଣି କରିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଏଲ୍.ଏନ୍. ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ମେ' ୩୧ରେ ଦେଇଥିବା ଏହି ରାୟ ☞ପୃଷ୍ଠା-୪

## କେନ୍ଦ୍ର ଟିକା କିଣି ଯୋଗାଉ: ନବୀନ

**ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସହଯୋଗ ଲୋଡ଼ିଲେ**

- ରାଜନୈତିକ ବିଦ୍ୱେଷରୁ ଊର୍ଦ୍ଧ୍ୱକୁ ଉଠି ଲୋକଙ୍କୁ ବଞ୍ଚାଇବାକୁ ନବୀନଙ୍କ ଆହ୍ୱାନ
- ୬ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା
- ପ୍ରସ୍ତାବକୁ ସମର୍ଥନ କଲେ ମମତା



**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ବିଶ୍ୱ ବଜାରରୁ ଟିକା କିଣିବା ନେଇ ଅସଫଳ ହେବା ପରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସମସ୍ତ ରାଜ୍ୟର ସହଯୋଗ ଲୋଡ଼ିଛନ୍ତି। ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟାର ସମାଧାନ ଲାଗି ମିଳିତ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ରାଜ୍ୟକୁ ଚିଠି ଲେଖିଛନ୍ତି। ଟିକା କିଣିବାକୁ ଚାହୁଁଥିବା ରାଜ୍ୟଗୁଡ଼ିକ ପାଇଁ କେନ୍ଦ୍ର ସରକାର ବିଶ୍ୱ ବଜାରରୁ କ୍ରୟ କରି ରାଜ୍ୟଗୁଡ଼ିକ ମଧ୍ୟରେ ତୁରନ୍ତ ବଣ୍ଟନ କରନ୍ତୁ। ଏପ୍ରସ୍ତାବ ଉପରେ ରାଜ୍ୟଗୁଡ଼ିକ ସହମତ ହେଲେ ତୃତୀୟ ଲହର ଆସିବା ପୂର୍ବରୁ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ନବୀନ ପତ୍ରରେ ଉଲ୍ଲେଖ କରିଛନ୍ତି।

କୋଭିଡ୍-୧୯ ମହାମାରୀକୁ ରୋକିବା ଲାଗି ଟିକା ହେଉଛି ଏକମାତ୍ର ବିକଳ୍ପ। ରାଜ୍ୟ ସରକାର ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କୁ ମାଗଣାରେ ଟିକା ଦେବାକୁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଟିକା ଯୋଗାଇ ପାରୁ ନ ଥିବାରୁ ଓଡ଼ିଶା ସରକାର ବିଶ୍ୱ ବଜାରରୁ ଟିକା କିଣିବା ନେଇ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ଏଥିରେ କୌଣସି ଟିକା ଉତ୍ପାଦନକାରୀ କିମ୍ବା ଯୋଗାଣକାରୀ ସଂସ୍ଥା ଅଂଶଗ୍ରହଣ ନ କରିବାରୁ ଟେଣ୍ଡର ସର୍ତ୍ତାବଳୀକୁ କୋହଳ କରାଯାଇଥିଲା। ଏପରି କି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଅନୁମତି ବିନା ଟେଣ୍ଡରରେ ଅଂଶଗ୍ରହଣ ☞ପୃଷ୍ଠା-୪

## ପରଲୋକରେ ବିଜୟଶ୍ରୀ ରାଉତରାୟ



**ବାସୁଦେବପୁର, ୨।୬ (ଡି.ଏନ.ଏ.)**

ପୂର୍ବତନ ମନ୍ତ୍ରୀ, ଭଦ୍ରକ ଜିଲା ବାସୁଦେବପୁରର ପୂର୍ବତନ ବିଧାୟକ, ବିଜେଡିର ବରିଷ୍ଠ ଉପସଭାପତି ବିଜୟଶ୍ରୀ ରାଉତରାୟ (୬୮)ଙ୍କ ବୁଧବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କରୋନାରୁ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ଅନ୍ୟ ରୋଗରେ ପୀଡ଼ିତ ଥିବାରୁ ଚିକିତ୍ସାଧୀନ ଥିଲେ। ☞ପୃଷ୍ଠା-୪




## ଗୋଇନ୍ଦା, ସୁରକ୍ଷା ଅଧିକାରୀଙ୍କ ଉପରେ ଅଙ୍କୁଶ

**ବିନା ଅନୁମତିରେ ତଥ୍ୟ ପ୍ରକାଶ କରିପାରିବେନି**

**ନୂଆଦିଲ୍ଲୀ, ୨।୬(ଆଇଏଏନ୍ଏସ୍)**

ଦେଶର ଗୋଇନ୍ଦା କିମ୍ବା ସୁରକ୍ଷା ବିଭାଗରେ କାର୍ଯ୍ୟରତ ଅଧିକାରୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କର ପ୍ରାକ୍ ମଞ୍ଜୁରୀ ବିନା କୌଣସି ବିଷୟ ପ୍ରକାଶ କରିପାରିବେ ନାହିଁ। ସେମାନଙ୍କୁ କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଦିଆଯାଇଛି। ଏହା ଅଧୀନରେ 'ର' (ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍), ଆଇବି, ଡିଆର୍ଆଇ, ସିଇଆଇବି, ଇଡି, ଏନ୍‌ସିବି, ଏଆର୍‌ସି, ସ୍ପେଶାଲ ଫ୍ରଣ୍ଟିୟର ଫୋର୍ସ, ବିଏସ୍ଏଫ୍, ସିଆର୍‌ପିଏଫ୍, ଆଇଟିବିପି, ସିଆଇଏସ୍ଏଫ୍, ଏନ୍ଏସ୍‌ଜି, ଆସାମ ରାଇଫଲ୍ସ, ଏସ୍ଏସ୍‌ବି, ଆୟକର ଡିଜି (ତଦନ୍ତ), ଏନ୍‌ଟିଆର୍‌ଓ, ଏଫ୍‌ଆଇୟୁ, ଏସ୍‌ପିଜି, ଡିଆର୍‌ଡିଓ, ସୀମା ସଡ଼କ ଉନ୍ନୟନ ସଂସ୍ଥା, ଏନ୍ଏସ୍‌ସି, ସିବିଆଇ, ଏନ୍ଆଇଏ ଏବଂ ନାଟ୍‌ଗ୍ରୀଡ୍ ଆସୁଛି। ଏହି ନିୟମାବଳୀ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ସଂଶୋଧନ ନିୟମାବଳୀ, ୨୦୨୦ର ଅଂଶବିଶେଷ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ☞ପୃଷ୍ଠା-୪

## ଭାରତରେ ବିଦେଶୀ ଟିକାର ପରୀକ୍ଷା ଲୋଡ଼ାନାହିଁ

**ନୂଆଦିଲ୍ଲୀ, ୨।୬(ଆଇଏଏନ୍ଏସ୍)**

ବିଶ୍ୱସ୍ତରରେ ଉପଲବ୍ଧ ହେଉଥିବା କୋଭିଡ୍ ଟିକା ଏବେ ଭାରତରେ ବିନା କ୍ଲିନିକାଲ ପରୀକ୍ଷା ଏବଂ ଅନୁମୋଦନରେ ବ୍ୟବହାର ହୋଇପାରିବ। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଟିକାଗୁଡ଼ିକ ଆମେରିକାର ଏଫ୍‌ଡିଏ, ଏଏମ୍ଏ, ବ୍ରିଟେନ୍‌ର ଏମ୍ଏଚ୍ଆର୍ଏ, ଜାପାନର ପିଏମ୍‌ଡିଏ ଦ୍ୱାରା ବ୍ୟବହାର ଅନୁମତି ପାଇଛି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ଜରୁରୀ ବ୍ୟବହାର ତାଲିକାରେ ରହିଛି ତଥା ଲକ୍ଷ ଲକ୍ଷ ଲୋକ ଉକ୍ତ ଟିକା ନେଇସାରିଲେଣି, ଭାରତରେ ତାହାର ଆଉ ପରୀକ୍ଷା କରାଇବା କିମ୍ବା ପରୀକ୍ଷା ପରବର୍ତ୍ତୀ ଅନୁମୋଦନର ଆବଶ୍ୟକ ପଡ଼ିବ ନାହିଁ ବୋଲି ଡିସିଜିଆଇ ପକ୍ଷରୁ କୁହାଯାଇଛି। ଫାଇଜର ଏବଂ ମଡର୍ନା ଟିକା କ୍ଷେତ୍ରରେ ଏହି ନିୟମ ଲାଗୁ ହେବାକୁ ଯାଉଛି। କାରଣ ପୂର୍ବରୁ ଆଷ୍ଟ୍ରାଜେନିକା କମ୍ପାନୀର କୋଭିଶିଲ୍ଡ ଏବଂ ରୁଷିଆର ସ୍ପୁଟ୍‌ନିକ୍ ଭି ଟିକାକୁ ମଞ୍ଜୁରୀ ମିଳିସାରିଛି। ତେବେ ଚାଇନା ଟିକା ଏହି ନିୟମ ପରିସରରେ ଆସିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଭାରତରେ କୋଭିଡ୍ ଟିକା ନିଅଣ୍ଟ ଭରଣା ପାଇଁ ତୁରନ୍ତ ବିଦେଶରୁ ଟିକା ଆଣିବା ଜରୁରୀ ହୋଇପଡ଼ିଥିବାରୁ ନିୟମରେ କୋହଳ କରାଯାଇଛି।

**ଆଜିର ସମ୍ପାଦକୀୟ**

**ପରିବେଶକୁ କାଳ ସିନ୍ଥେଟିକ୍ କପଡ଼ା**

## ୧୫ ଲକ୍ଷ କୋଟିର କାରବାର କ୍ଷତି

**ନୂଆଦିଲ୍ଲୀ,୨।୬**

**କରୋନା ଦ୍ୱିତୀୟ ଲହର ପ୍ରଭାବ**

- ଖୁଚୁରା ବ୍ୟବସାୟୀ ବେଶି ପ୍ରଭାବିତ
- ପ୍ରାୟ ୪୦% କର୍ମଚାରୀ ଛଟେଇ ଆଶଙ୍କା

କରୋନା ମହାମାରୀ ଦେଶର ଅର୍ଥ ବ୍ୟବସ୍ଥାକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଏହାର ଦ୍ୱିତୀୟ ଲହରରେ ଦେଶ ମଧ୍ୟରେ ବ୍ୟବସାୟୀମାନେ ୧୫ ଲକ୍ଷ କୋଟି ଟଙ୍କାର କାରବାର କ୍ଷତି ସହିଛନ୍ତି। ଖୁଚୁରା ବ୍ୟବସାୟକୁ ୯ ଲକ୍ଷ କୋଟି ଏବଂ ପାଇକାରୀ ବ୍ୟବସାୟକୁ ୬ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ବ୍ୟବସାୟରେ ଚାପ ଯୋଗୁ ବର୍ତ୍ତମାନ ଏହି କ୍ଷେତ୍ରରେ ଛଟେଇ ବଢୁଥିବା ଦେଖାଯାଉଛି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ ଏଭଳି ସୂଚନା ଦିଆଯାଇଥିବାବେଳେ ବାସ୍ତବ କାରବାର କ୍ଷତି ବହୁଗୁଣ ଅଧିକ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। କାରଣ ମହାସଂଘର ହିସାବ ପରିସରକୁ ଆସୁ ନ ଥିବା ଖବରକାଗଜ ସଂସ୍ଥା ଭଳି ଅନେକ ଛୋଟବଡ଼ ବ୍ୟବସାୟିକ ଅନୁଷ୍ଠାନକୁ ଦେଖିଲେ କ୍ଷତି ପରିମାଣ ଆହୁରି ବଢ଼ିବ।

ମହାସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି, କରୋନା ଦ୍ୱିତୀୟ ଲହର ଯୋଗୁ ଦେଶର ପ୍ରାୟ ଅଧିକାଂଶ ସହରରେ ଲକ୍‌ଡାଉନ ଜାରି କରାଯାଇଛି। ଗତ ୬୦ ଦିନ ହେବ ବ୍ୟବସାୟୀମାନେ ବୃହତ୍ ପରିମାଣରେ କ୍ଷତି ସହୁଛନ୍ତି। ବ୍ୟବସାୟୀମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଫଳରେ ବାଧହୋଇ କର୍ମଚାରୀଙ୍କ ସଂଖ୍ୟା କମ୍ କରାଯାଉଥିବା ଦେଖାଯାଉଛି।

ସିଏଆଇଟି ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି, କରୋନା ଯୋଗୁ ବ୍ୟବସାୟରେ କ୍ଷତି ବଢୁଥିବାରୁ ବ୍ୟବସାୟୀମାନେ ☞ପୃଷ୍ଠା-୪




**ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ୪୪% ଶେଷ**

ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ୩୦ରୁ ୪୪ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବା ଏହାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି। ଗତ ଏପ୍ରିଲରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଫଗାନିସ୍ତାନରୁ ସେପ୍ଟେମ୍ବର ୧୧ ସୁଦ୍ଧା ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିନେବାକୁ ଘୋଷଣା କରିଥିଲେ। ଏହା ପରେ ମେ' ୧ରୁ ସୈନ୍ୟ ପ୍ରତ୍ୟାହାର ଆରମ୍ଭ ହୋଇଥିଲା।



## ସଂକ୍ଷେପରେ

### ଦ୍ୱିତୀୟ ଭଳି ଗମ୍ଭୀର ହୋଇପାରେ ତୃତୀୟ ଲହର

**ନୂଆଦିଲ୍ଲୀ, ୨।୬:** କରୋନାରେ ଦ୍ୱିତୀୟ ଲହର ଭଳି ଭାରତରେ ତୃତୀୟ ଲହର ମଧ୍ୟ ଅନୁରୂପ ଭୟାବହ ସ୍ଥିତି ସୃଷ୍ଟି କରିପାରେ। ଏହା ୯୮ ଦିନ ପର୍ଯ୍ୟନ୍ତ ରହିବ ବୋଲି ଏସ୍‌ବିଆଇ ଇକୋରାପ୍ ରିପୋର୍ଟରେ କୁହାଯାଇଛି। ତୃତୀୟ ଲହର ଦ୍ୱିତୀୟଠାରୁ ଭିନ୍ନ ହେବ ନାହିଁ। ତେବେ ଭଲ ପ୍ରସ୍ତୁତି ଯୋଗୁ ଉକ୍ତ ଲହରରେ ମୃତ୍ୟୁସଂଖ୍ୟା କମ୍ ହୋଇପାରେ ବୋଲି କୁହାଯାଇଛି। ଦ୍ୱିତୀୟ ଲହର ୧୦୮ ଦିନ ରହିବାକୁ ଥିବାବେଳେ ତୃତୀୟ ଲହର ୯୮ ଦିନ ରହିବ। ଏହାର ପିକ୍ ଦ୍ୱିତୀୟ ଲହରର ୧.୮ଗୁଣ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଦ୍ୱିତୀୟ ଲହରର ପିକ୍ ମେ' ମାସ ଥିଲା। ଏହି ମାସରେ ପ୍ରାୟ ୯୦.୩ ଲକ୍ଷ ସଂକ୍ରମିତ ହୋଇଛନ୍ତି ଓ ୧.୨ ଲକ୍ଷରୁ ଅଧିକ ପ୍ରାଣ ହରାଇଛନ୍ତି।

### ଆଇଜାକ୍ ହର୍‌ଜୋଗ୍ ଇସ୍ରାଏଲ ରାଷ୍ଟ୍ରପତି



ଜେରୁଜେଲମ, ୨।୬: ଇସ୍ରାଏଲରେ ବୁଧବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଅଭିଜ୍ଞ ରାଜନେତା ଆଇଜାକ୍ ହର୍‌ଜୋଗ୍ ବିଜୟୀ ହୋଇଛନ୍ତି। ଇସ୍ରାଏଲ ପାର୍ଲାମେଣ୍ଟ 'ନେସେଟ୍'ରେ ୧୨୦ ଜଣ ସଦସ୍ୟ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ଭୋଟ ଦେଇଥିଲେ। ୮୭ ଭୋଟ୍ ତାଙ୍କ ସପକ୍ଷରେ ପଡ଼ିଥିଲା। ଇସ୍ରାଏଲ ଲେବର ପାର୍ଟିର ପୂର୍ବତନ ମୁଖ୍ୟ ତଥା ବିରୋଧୀ ଦଳ ନେତା ୬୦ ବର୍ଷୀୟ ହର୍‌ଜୋଗ୍‌ଙ୍କ ବିପକ୍ଷରେ ଶିକ୍ଷାବିତ୍ ମେରିୟମ ପେରେଜ୍ ଛିଡ଼ା ହୋଇଥିଲେ। ଏକ ପ୍ରତିଷ୍ଠିତ ଇହୁଦୀ ପରିବାରରୁ ଆସିଥିବା ହର୍‌ଜୋଗ୍ ୨୦୧୩ ନିର୍ବାଚନରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଛିଡା ହୋଇଥିଲେ ହେଁ ପରାଜିତ ହୋଇଥିଲେ। ଆସନ୍ତା ମାସରେ ବର୍ତ୍ତମାନର ରାଷ୍ଟ୍ରପତି ରିୟୁଭେନ୍ ରିଭିଲିନ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ହର୍‌ଜୋଗ୍ ଦେଶର ୧୧ତମ ରାଷ୍ଟ୍ରପତି ହେବେ।

### ୪ ବର୍ଷ ପରେ ପାକିସ୍ତାନ ଜେଲରୁ ଫେରିଲେ



ହାଇଦ୍ରାବାଦ, ୨।୬: ସୀମା ଡେଇଁ ପାକିସ୍ତାନ ପଳାଇଥିବା ତେଲଙ୍ଗାନାର ଜଣେ ଯୁବକ ୪ ବର୍ଷ ପରେ ଭାରତ ଫେରିଛନ୍ତି। ୨୦୧୭ ଏପ୍ରିଲରୁ ପ୍ରଶାନ୍ତ ନିଖୋଜ ରହିଥିଲେ। ପ୍ରଶାନ୍ତ ବ୍ୟକ୍ତିଗତ କାରଣରୁ ସୁଇଜରଲାଣ୍ଡ ଯିବାକୁ ବାହାରିଥିବାବେଳେ ବିମାନ ଯାତ୍ରା ବ୍ୟୟ ବହନ କରିପାରି ନ ଥିଲେ। ତେଣୁ ସେ ଚାଲିଚାଲି ଯିବାକୁ ସ୍ଥିର କରିଥିଲେ। ଉକ୍ତ ବର୍ଷ ଏପ୍ରିଲ ୧୧ରେ ରାଜସ୍ଥାନର ବିକାନେରକୁ ଟ୍ରେନ୍ ଯୋଗେ ଯିବା ପରେ ଭାରତ-ପାକିସ୍ତାନ ସୀମା ଡେଇଁ ପାକିସ୍ତାନକୁ ପଳାଇଥିଲେ। ପାକ୍ ଅଧିକାରୀମାନେ ତାଙ୍କୁ ବେଆଇନ ଭାବେ ସୀମା ଡେଇଁବା ଅଭିଯୋଗରେ ଗିରଫ କରି ନେଇଥିଲେ। ଆଇଟି ସେକ୍ଟରରେ ଚାକିରି କରିଥିବା ପ୍ରଶାନ୍ତଙ୍କୁ ପାକିସ୍ତାନ ସୋମବାର ଅଟାରି-ୱାଘା ବର୍ଡରରେ ଭାରତୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ତେଲଙ୍ଗାନା ସରକାର ତାଙ୍କୁ ମୁକୁଳାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ଯୋଗାଯୋଗ କରିଥିଲେ।

## ବାଘ ଖୋଜୁଛନ୍ତି ବିଦ୍ୟା



ଚର୍ଚ୍ଚାରେ ଥିବା ବଲିଉଡ୍ ଫିଲ୍ମ 'ଶେର୍‌ନି'ର ଟ୍ରେଲର ରିଲିଜ ହୋଇଛି। ଏଥିରେ ବିଦ୍ୟା ବାଲାନଙ୍କ ନୂଆ ଅବତାର ଦେଖିବାକୁ ତାଙ୍କ ଫ୍ୟାନ୍ ବେଶ୍ ଉତ୍ସାହିତ ଅଛନ୍ତି। ବିଦ୍ୟା ଏହି ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। 'ସାହସୀ, ଦୃଢ଼, ନିର୍ଭିକ ହୁଅ; ଏବେ ଶେର୍‌ନି ଗର୍ଜନ କରିବାର ସମୟ ଆସିଛି' ବୋଲି ବିଦ୍ୟା ପୋଷ୍ଟରେ ଲେଖିଛନ୍ତି। ଅଢ଼େଇ ମିନିଟ୍‌ର ଏହି ଟ୍ରେଲରରେ ବିଦ୍ୟାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ଏଥିରେ ସେ ଜଣେ ବନବିଭାଗ ଅଧିକାରୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଗାଁ ଲୋକଙ୍କ ପାଇଁ ବିପଦ ସାଜିଥିବା ଏକ ବାଘ ଧରିବା ମିଶନରେ ବିଦ୍ୟା ବାହାରିଥିବା ଦେଖିବାକୁ ମିଳିଛି। ଜଙ୍ଗଲ ସଂରକ୍ଷଣ ସମେତ ମହିଳା ସଶକ୍ତୀକରଣ ବାର୍ତ୍ତା ମଧ୍ୟ ଚଳଚ୍ଚିତ୍ରରେ ରହିଛି। ଅମିତ ମସୁରକରଙ୍କ ନିର୍ଦ୍ଦେଶିତ 'ଶେର୍‌ନି' ଜୁନ୍ ୧୮ରେ ଆମାଜନ ପ୍ରାଇମ୍‌ରେ ମୁକ୍ତିଲାଭ କରିବ।

## ଆଖି ନ ଥାଇ ଏଭରେଷ୍ଟ ଚଢ଼ିଲେ




ଚାଇନାର ଜଣେ ପର୍ବତାରୋହଣକାରୀ ବିନା ଦୃଷ୍ଟିଶକ୍ତିରେ ବିଶ୍ୱର ସର୍ବୋଚ୍ଚ ପର୍ବତ ଶୃଙ୍ଗ ଏଭରେଷ୍ଟ ଚଢ଼ିବାରେ ସଫଳ ହୋଇଛନ୍ତି। ୪୪ ବର୍ଷୀୟ ଝାଙ୍ଗ ହୋଙ୍ଗ୍ ଏପରି କରିବାରେ ଏସିଆ ମହାଦେଶର ପ୍ରଥମ ଏବଂ ବିଶ୍ୱର ତୃତୀୟ ବ୍ୟକ୍ତି ହୋଇଛନ୍ତି। ଶେର୍‌ପା ଏବଂ ଗାଇଡ୍‌ଙ୍କ ସହଯୋଗରେ ଝାଙ୍ଗ ମେ' ୨୪ରେ ନେପାଳ ପଟରୁ ଏଭରେଷ୍ଟ ଆରୋହଣ କରିଥିଲେ। ୨୦୦୧ରେ ଏହି ପର୍ବତଶୃଙ୍ଗରେ ଚଢ଼ିଥିବା ଆଉ ଜଣେ ନେତ୍ରହୀନ ଆମେରିକୀୟ ପର୍ବତାରୋହଣକାରୀ ଏରିକ୍ ୱେଇହେନ୍‌ମେୟରଙ୍କ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ ବୋଲି ଝାଙ୍ଗ୍ କହିଛନ୍ତି। ଅଷ୍ଟ୍ରିଆର ଜଣେ ଦୃଷ୍ଟିହୀନ ପର୍ବତାରୋହଣକାରୀ ଏଭରେଷ୍ଟ ଶୃଙ୍ଗକୁ ଯାଇ ସଫଳତାର ସହ ଫେରିଥିଲେ। ୨୧ ବର୍ଷର ହୋଇଥିବାବେଳେ ଗ୍ଲୁକୋମାରେ ପୀଡ଼ିତ ହୋଇ ଝାଙ୍ଗଙ୍କ ଦୃଷ୍ଟିଶକ୍ତି ନଷ୍ଟ ହୋଇଥିଲା। ଏଭରେଷ୍ଟ ଆରୋହଣ କରିବା ପୂର୍ବରୁ ସେ ୫ ବର୍ଷ ଟ୍ରେନିଂ ନେଇଥିଲେ ବୋଲି କହିଛନ୍ତି।

# ୧୦୦ କୋଟିଙ୍କୁ ଟିକା ଲକ୍ଷ୍ୟ କେତେ ଦୂର




**୨୦୨୧ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାର ୧୦୦ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ ସ୍ଥିର କରିଛନ୍ତି। ତେବେ ବର୍ତ୍ତମାନର ମନ୍ଥର ଟିକାକରଣକୁ ଦେଖିଲେ ଏହି ଲକ୍ଷ୍ୟ ଏତେ ସହଜରେ ପୂରଣ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**



## ଭାର୍ଗବଙ୍କ ଦାବି ଗୁଜବ



ମମତା ବାନାର୍ଜୀ

ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସାରା ଦେଶରେ ଟିକାକରଣ ଶେଷ ହୋଇଯାଇଥିବ ବୋଲି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍) ଅଧ୍ୟକ୍ଷ ଡ. ବଳରାମ ଭାର୍ଗବଙ୍କ ଦାବିକୁ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ଗୁଜବ ବୋଲି ଅଭିହିତ କରିଛନ୍ତି। ଏଥିସହ କେନ୍ଦ୍ର ଭାକ୍ସିନ କିଣି ରାଜ୍ୟଗୁଡ଼ିକୁ ମାଗଣାରେ ଯୋଗାଇବା ଆବଶ୍ୟକ ବୋଲି ଏକ ଖବରଦାତା ସମ୍ମିଳନୀରେ ସେ ଦାବି କରିଛନ୍ତି। ମମତାଙ୍କ ମତରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୨୧ ଡିସେମ୍ବର ସୁଦ୍ଧା ସମସ୍ତ ନାଗରିକଙ୍କ ଟିକାକରଣ ଶେଷ ହେବ ବୋଲି ଯେଉଁ ଦାବି କରୁଛନ୍ତି, ତାହା କେବଳ ଏକ ପରିହାସ ମୂଳକ ପ୍ରତାରଣା। ସେମାନେ ଭିତ୍ତିହୀନ ଦାବି କରୁଛନ୍ତି। ଭାରତରେ ୧୪୦ କୋଟି ଲୋକ ଅଛନ୍ତି। ସମସ୍ତଙ୍କୁ ଟିକା ଦେବା ଛୋଟ କଥା ନୁହେଁ। ପ୍ରକାଶ ଯେ, ଆସନ୍ତା ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସ ଆରମ୍ଭ ବେଳକୁ ଦିନକୁ ୧ କୋଟି ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। ଏଥିପାଇଁ ଧୈର୍ଯ୍ୟ ଧରିବାକୁ ପଡ଼ିବ ବୋଲି ମଙ୍ଗଳବାର ଭାର୍ଗବ କହିଥିଲେ।

## ଏବର୍ଷ ଅସମ୍ଭବ: ବିଶେଷଜ୍ଞ

ନୂଆଦିଲ୍ଲୀ/ କୋଲକାତା,୨।୬

ଭାରତରେ ପ୍ରସ୍ତୁତ କୋଭିଡ୍ ଭାକ୍ସିନ ଦେଶବାସୀଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଟିକାକରଣ ଜାରି ରଖିବା ପାଇଁ ଆବଶ୍ୟକ ପରିମାଣର ଭାକ୍ସିନ ଉପଲବ୍ଧ ନାହିଁ। ତେଣୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚର ବିଶେଷଜ୍ଞମାନେ କେନ୍ଦ୍ରର ଦୁର୍ବଳ ଟିକାକରଣ ଯୋଜନାକୁ ସମାଲୋଚନା କରିଛନ୍ତି।

ଚଳିତବର୍ଷ ଶେଷ ସୁଦ୍ଧା ୧୦୦ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ ଦେଶରେ କୋଭାକ୍ସିନ ଓ କୋଭିଶିଲ୍ଡ ଟିକା ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। କିନ୍ତୁ ଏହା ଅସମ୍ଭବ ମନେହେଉଛି ବୋଲି ବୁଧବାର ବିଜିଏମ୍ ଗ୍ଲୋବାଲ ହେଲ୍‌ଥ ଜର୍ନାଲରେ ଏକ ରିପୋର୍ଟ ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଦେଶର ମୋଟ ଜନସଂଖ୍ୟାର ମାତ୍ର ୩% ଲୋକଙ୍କୁ ଟିକା ଦିଆଯାଇପାରିଛି। ତେଣୁ ବିଦେଶୀ କମ୍ପାନୀଗୁଡ଼ିକୁ ଭାରତରେ ଭାକ୍ସିନ ଯୋଗାଣ ପାଇଁ ଅନୁମତି ଦିଆଯାଉ ବୋଲି ବିଶେଷଜ୍ଞମାନେ କେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଦୁଇଟି ଯାକ ଡୋଜ୍ ନେବାର ୨ ସପ୍ତାହ ପରେ ସ୍ୱାସ୍ଥ୍ୟଗତ ସୁରକ୍ଷା ମିଳିଥାଏ। ଭାକ୍ସିନର ଚାହିଦା ଅଧିକ ଥିବାରୁ ସଂକ୍ରମଣ ରୋକିବାକୁ ହେଲେ ଆଗାମୀ ଦିନରେ ଭାରତକୁ ଭାକ୍ସିନର ଅଧିକ ଉତ୍ସ ଖୋଜିବାକୁ ପଡ଼ିବ। ଅଧିକରୁ ଅଧିକ ଲୋକଙ୍କୁ ଟିକା ଦେବା ପାଇଁ ସରକାର ଘରୋଇ ହସ୍ପିଟାଲଗୁଡ଼ିକୁ ଟିକାକରଣ ଅନୁମତି ଦେଇଛନ୍ତି। ହସ୍ପିଟାଲଗୁଡ଼ିକ ଏଥିଲାଗି ଡୋଜ୍ ପିଛା ପ୍ରାୟ ୨୨୦ରୁ ୧,୦୯୮ ଟଙ୍କା ନେଉଛନ୍ତି। ଅର୍ଥାତ୍ ଲୋକେ ମଧ୍ୟ ଜୀବନ ବଞ୍ଚାଇବା ପାଇଁ ଏତେ ଟଙ୍କା ପଇଠ କରିବାକୁ ସକ୍ଷମ। ତେଣୁ ଭାରତକୁ କରୋନା ମୁକ୍ତ କରିବାକୁ ହେଲେ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ମାସକୁ ୨୩୮ ନିୟୁତ ଡୋଜ୍ ଦରକାର

୨୦୨୧ ସୁଦ୍ଧା ଦେଶର ସମସ୍ତ ସାବାଳକଙ୍କୁ ଟିକା ଦେବାକୁ ହେଲେ ଭାରତକୁ ମୋଟ ୧.୮ ବିଲିୟନ୍ ଡୋଜ୍ ଆବଶ୍ୟକ। ଏଥିରୁ ୧.୬୭ ବିଲିୟନ୍ ଅର୍ଥାତ୍ ୮୯% ଡୋଜ୍ ଟିକା ଦିଆଯିବା ବାକି ଅଛି। ଅର୍ଥାତ୍ ଦେଶରେ ଜୁନ୍‌ରୁ ପ୍ରତିମାସ ୨୩୮ ନିୟୁତ ଡୋଜ୍ ଟିକା ଦିଆଯିବା ଦରକାର। ଏହି ଅବଧି ମଧ୍ୟରେ ୧୮ ବର୍ଷରୁ କମ୍ ବୟସ୍କଙ୍କ ସମେତ ସମସ୍ତଙ୍କୁ ଟିକା ଦେବାକୁ ହେଲେ ଭାରତକୁ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ମାସିକ ୨.୫୧ ବିଲିୟନ୍ ଡୋଜ୍ ଭାକ୍ସିନ ଲୋଡ଼ା ପଡ଼ିବ। କୋୱିନ୍ ଡ୍ୟାଶ୍‌ବୋର୍ଡ ଅନୁସାରେ ବର୍ତ୍ତମାନ ଦୈନିକ ୩.୮ ନିୟୁତ ଡୋଜ୍ ଟିକା ଦିଆଯାଉଛି। ଜୁନ୍ ୧ ସୁଦ୍ଧା ଦେଶରେ ମୋଟ ୨୧୬ ନିୟୁତ ଡୋଜ୍ ଟିକା ଦିଆଯାଇଛି। ତେଣୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

## 'ସମସ୍ତଙ୍କୁ ମାଗଣା ଦିଅ'



ରାହୁଲ ଗାନ୍ଧୀ

ମାଗଣାରେ ସାର୍ବଜନୀନ ଟିକାକରଣ ପାଇଁ କେନ୍ଦ୍ର ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚାପ ଅଭିଯାନ ଆରମ୍ଭ କରିଛନ୍ତି। ଟୁଇଟରରେ ହାଶଟ୍ୟାଗ୍ ସ୍ପିକ୍‌ଅପ୍ ଫର୍ ଫ୍ରି ୟୁନିଭର୍ସାଲ ଭାକ୍ସିନେଶନ ଶୀର୍ଷକ କ୍ୟାମ୍ପେନ ଆରମ୍ଭ କରି ରାହୁଲ ଲେଖିଛନ୍ତି, ଟିକା ହେଉଛି ମହାମାରୀ କରୋନା ବିରୋଧରେ ଲଢ଼ିବା ପାଇଁ ସବୁଠୁ ବଡ଼ ସୁରକ୍ଷା କବଚ। କେନ୍ଦ୍ର ସରକାର କୋଭିଡ୍ ମୃତ୍ୟୁର ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ଲୋକେ ସରକାରଙ୍କଠାରୁ ସାର୍ବଜନୀନ ମାଗଣା ଟିକା ପାଇଁ ସ୍ୱର ଉତ୍ତୋଳନ କରନ୍ତୁ।

## ପିଲାଙ୍କଠାରେ କୋଭାକ୍ସିନ ପରୀକ୍ଷା ଆରମ୍ଭ

୨ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କଠାରେ ଭାରତର ସ୍ୱଦେଶୀ କୋଭିଡ୍ ଟିକା କୋଭାକ୍ସିନ୍‌ର କ୍ଲିନିକାଲ ପରୀକ୍ଷା ବୁଧବାର ପାଟନାସ୍ଥିତ ଏମ୍ସରେ ଆରମ୍ଭ ହୋଇଛି। ଏଥିପାଇଁ ଗତ ସପ୍ତାହରୁ ନାମ ପଞ୍ଜୀକରଣ ଚାଲିଥିଲା। ପିଲାମାନଙ୍କଠାରେ କୋଭାକ୍ସିନ୍‌ର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରିବାକୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ମଞ୍ଜୁରୀ ପ୍ରଦାନ କରିବା ପରେ ଏମ୍ସ ପାଟନା, ଏମ୍ସ ଦିଲ୍ଲୀ ଏବଂ ମେଡିଟ୍ରିନା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ନାଗପୁରରେ ଏହି ପରୀକ୍ଷା କରାଇବାକୁ ସ୍ଥିର ହୋଇଥିଲା। ୭୦ରୁ ୮୦ ଜଣ ପିଲାଙ୍କଠାରେ ପରୀକ୍ଷା କରାଇବାକୁ ଲକ୍ଷ୍ୟ ରଖାଯାଇଥିବା ପାଟନା ଏମ୍ସ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ପଞ୍ଜୀକରଣ କରିଥିବା ପିଲାମାନଙ୍କର ଆର୍‌ଟି-ପିସିଆର ଏବଂ ଆଣ୍ଟିବଡ଼ି ପରୀକ୍ଷା ପରେ ନେଗେଟିଭ୍ ରିପୋର୍ଟ ଆସିଥିବା ପିଲାଙ୍କୁ ଟିକା ଦିଆଯିବ।

## ଇରାନ ନୌସେନା ଜାହାଜ ଜଳିଗଲା



**ତେହରାନ, ୨।୬:** ଇରାନ ନୌସେନାର ବୃହତ୍ତମ ଯୁଦ୍ଧ ଜାହାଜରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗିଯିବା ସହ ଏହା ଗଲ୍‌ଫ ଅଫ୍ ଓମାନରେ ବୁଡ଼ିଯାଇଛି। ଏପରି ଘଟିବା ପଛର କାରଣ ଜଣାପଡିନାହିଁ। ଏକ ଦ୍ୱୀପର ନାଁ ଅନୁସାରେ ଜାହାଜର ନାମ ଖର୍ଗ ରଖାଯାଇଥିଲା। ଏହା ଇରାନ ପାଇଁ ମୁଖ୍ୟ ତୈଳ ଟର୍ମିନାଲ ଭାବେ କାମ କରୁଥିଲା। ନିଆଁ ଲିଭାଇବାକୁ ଉଦ୍ୟମ ସତ୍ତ୍ୱେ ଅଗ୍ନିଶମ ଅଧିକାରୀ ବିଫଳ ହୋଇଥିଲେ। ଫଳରେ ଜାହାଜଟି ଇରାନ ବନ୍ଦର ଜାସ୍କ ନିକଟରେ ବୁଡ଼ିଯାଇଥିଲା। ତେବେ ଜାହାଜ ଚାଳକଙ୍କ ସମେତ ସେଥିରେ ଥିବା ଅନ୍ୟ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଜାହାଜ ଜଳୁଥିବାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ନିଆଁ ଏତେ ଭୟଙ୍କର ଥିଲା ଯେ ମହାକାଶ ସାଟେଲାଇଟ ଏହାର ଫଟୋ ଉତ୍ତୋଳନ କରିଛି। ଏହି ଜାହାଜ ୧୯୭୭ ମସିହାରେ ବ୍ରିଟେନରେ ନିର୍ମିତ ହୋଇଥିଲା। ୧୯୮୪ ମସିହାରେ ଏହା ଇରାନ ନୌସେନାରେ ସାମିଲ ହୋଇଥିଲା।

## ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ: ୨୪ ଗିରଫ

ଗୁଆହାଟୀ, ୨।୬(ଆଇଏଏନ୍‌ଏସ୍)

ଆସାମର ହୋଜାଇ ଜିଲାର ଏକ ସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ୨୪ ଜଣଙ୍କୁ ଗିରଫ କରିଛି। ସେଉଜ୍ କୁମାର ସେନାପତି ନାମକ ଏହି ଡାକ୍ତର ହୋଜାଇ ଜିଲାର ଉଡାଲି କୋଭିଡ୍ କେୟାର ସେଣ୍ଟରରେ ନିଯୁକ୍ତ ହୋଇଥିଲେ। ମଙ୍ଗଳବାର ସେଠାରେ ଅକ୍ସିଜେନ ଅଭାବରୁ ଜଣେ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ଗୋଇଠା ମାରିବା ସହ ଇଟା ଓ ଧାତବ ଖଣ୍ଡରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଡାକ୍ତରଙ୍କୁ ନାଗାଓଁର ଅନ୍ୟ ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ୨୪ ଜଣ ଆକ୍ରମଣକାରୀଙ୍କୁ ଗିରଫ କରାଗଲାଣି ଓ ଖୁବ୍‌ଶୀଘ୍ର ଚାର୍ଜଶିଟ୍ ଦାଖଲ ହେବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ସେ ନିଜେ ଘଟଣା ଉପରେ ନଜର ରଖିଛନ୍ତି ଏବଂ ଡାକ୍ତରଙ୍କୁ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଇସ୍ତଫା ଦେଲେଣି ୮ ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨।୬

**କୋଭିଡ୍ ପରିଚାଳନାରେ ବିଫଳତା**

ବିଭିନ୍ନ ଦେଶରେ କୋଭିଡ୍ ପରିଚାଳନାଗତ ତ୍ରୁଟି ପାଇଁ ଗତ ୫ ମାସ ମଧ୍ୟରେ ୮ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇସାରିଲେଣି। ଇକ୍ୱେଡର ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ରୋଡଲ୍ଫ ଫାର୍‌ଫାନ ନିଯୁକ୍ତ ହେବାର ୩ ସପ୍ତାହ ପରେ ଗତ ମାର୍ଚ୍ଚରେ ଇସ୍ତଫା ଦେଇଥିଲେ। ଟିକାକରଣ ଅଭିଯାନରେ ତାଙ୍କ ବିରୋଧରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ହୋଇଥିଲା, ଯାହାର ତଦନ୍ତ ଜାରି ରହିଛି। ତାଙ୍କ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ଜୁଆନ୍ କାର୍ଲୋସ ଜେଭାଲୋସ୍ ମଧ୍ୟ ମାସେ ପୂର୍ବରୁ ଟିକାକରଣ ଅନିୟମିତତାକୁ ନେଇ ଇସ୍ତଫା ଦେଇଥିଲେ। କୋଭିଡ୍‌କୁ ନେଇ ଅତ୍ୟଧିକ ଚାପ ହେତୁ ଏପ୍ରିଲ ୧୩ରେ ଅଷ୍ଟ୍ରିଆ ସ୍ୱାସ୍ଥ୍ୟମନ୍ତ୍ରୀ ରୁଡଲ୍ଫ ଆନ୍‌ସୋବର ଇସ୍ତଫା ଦେଇଥିଲେ। ଇରାକର ଏକ କୋଭିଡ୍ ହସ୍ପିଟାଲରେ ନିଆଁ ଲାଗି ୮୦ ଜଣଙ୍କ ମୃତ୍ୟୁ ହେବା ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ହାସନ ଅଲତାମିମି ଗତ ମେ' ମାସରେ ଇସ୍ତଫା ଦେଇଥିଲେ। ଟିକାକରଣ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗରେ ଆର୍ଜେଣ୍ଟିନା ସ୍ୱାସ୍ଥ୍ୟମନ୍ତ୍ରୀ ଗତ ଫେବୃୟାରୀରେ ଇସ୍ତଫା ଦେଇଥିଲେ। ସରକାରୀ ହସ୍ପିଟାଲରେ ୬ ରୋଗୀଙ୍କ ମୃତ୍ୟୁ ହେବାରୁ ମାର୍ଚ୍ଚ ମାସରେ ଜୋର୍ଡାନ ସ୍ୱାସ୍ଥ୍ୟମନ୍ତ୍ରୀ ନାଜିର ଓବେଇଡାଟ୍ ପଦ ଛାଡ଼ିଥିଲେ। ପେରୁରେ ସାଧାରଣ ଜନତାଙ୍କୁ ଟିକା ମିଳିବା ପୂର୍ବରୁ ପୂର୍ବତନ ରାଷ୍ଟ୍ରପତି ଟିକା ନେବାକୁ ନେଇ ସମାଲୋଚନା ହେବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ପିଲାର ମାଜେଟି ଇସ୍ତଫା ଦେଇଥିଲେ। ମହାମାରୀ ପରିଚଳାନାରେ ବିଫଳତା ଅଭିଯୋଗ ହେବାରୁ ସ୍ଲୋଭାକିଆ ସ୍ୱାସ୍ଥ୍ୟମନ୍ତ୍ରୀ ମାରେକ୍ କ୍ରାଜି ପଦ ଛାଡ଼ିଥିଲେ। ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ମଙ୍ଗୋଲିଆରେ ଜଣେ ମହିଳା ଓ ତାଙ୍କ ନବଜାତ ଶିଶୁ କୋଭିଡ୍‌ରେ ପ୍ରାଣ ହରାଇବାରୁ ପ୍ରଧାନମନ୍ତ୍ରୀ ଖୁରେଲସୁଖ ଉଖ୍‌ନା କ୍ୟାବିନେଟ ସହ ଇସ୍ତଫା ଦେଇଥିଲେ।

## ରେଳଧାରଣାରେ ଯାଇଛି ୮,୭୦୦ ଜୀବନ

ନୂଆଦିଲ୍ଲୀ, ୨।୬(ପି.ଟି.)



**୨୦୨୦ ଲକ୍‌ଡାଉନ**
**ଅଧିକାଂଶ ମୃତକ ପ୍ରବାସୀ ଶ୍ରମିକ**

୨୦୨୦ରେ ଦେଶବ୍ୟାପୀ ଲକ୍‌ଡାଉନ ଯୋଗୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଯଥେଷ୍ଟ ହ୍ରାସ ସତ୍ତ୍ୱେ ରେଳଧାରଣାରେ ୮,୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମୃତକ ପ୍ରବାସୀ ଶ୍ରମିକ। ମଧ୍ୟପ୍ରଦେଶର ଚନ୍ଦ୍ରଶେଖର ଗୌର ସୂଚନା ଅଧିକାର ଆଇନ ବଳରେ ପଚାରିଥିବା ପ୍ରଶ୍ନ ଉପରେ ରେଲୱେ ବୋର୍ଡ ପକ୍ଷରୁ ଉପରୋକ୍ତ ତଥ୍ୟ ଦିଆଯାଇଛି। ୨୦୨୦ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ରେଳଲାଇନରେ ୮,୭୩୩ ଜଣଙ୍କ ଜୀବନ ଯାଇଥିବାବେଳେ ୮୦୫ ଜଣ ଆହତ ହୋଇଥିବା ରେଲୱେ ବୋର୍ଡ କହିଛି। ଗତବର୍ଷ ଲକ୍‌ଡାଉନ ବେଳେ ହଜାର ହଜାର ପ୍ରବାସୀ ଶ୍ରମିକ ଚାଲି ଚାଲି ଘରକୁ ଫେରିଥିଲେ। ଲକ୍‌ଡାଉନ ଥିବାରୁ କୌଣସି ଟ୍ରେନ ଆସିବନି ବୋଲି ସେମାନେ ଧରିନେଇଥିଲେ।

ଯଦିଓ ୨୦୨୦ରେ ରେଳଲାଇନ ମୃତ୍ୟୁସଂଖ୍ୟା ଏହାର ପୂର୍ବ ୪ ବର୍ଷ ତୁଳନାରେ କମ୍ ରହିଛି, ତେବେ ରେଳ ଚଳାଚଳ କମ୍ ଥିବାରୁ ସେହି ଅନୁଯାୟୀ ଦେଖିଲେ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। କାରଣ ମାର୍ଚ୍ଚ ୨୫ରୁ ଦେଶରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଦାଦନ ଶ୍ରମିକମାନଙ୍କୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ମେ' ୧ରୁ ଶ୍ରମିକ ସ୍ପେଶାଲ ଟ୍ରେନ୍ ଚାଲିଥିଲା। ଯାତ୍ରୀ ସେବା ପର୍ଯ୍ୟାୟକ୍ରମେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଟ୍ରେନ ଚଳାଚଳ କରୁଛି। ବିଭିନ୍ନ କାରଣରୁ ଗତବର୍ଷ ରେଳଲାଇନରେ ଅଧିକାଂଶ ମୃତ୍ୟୁ ସମ୍ପର୍କରେ ରେକର୍ଡ ହୋଇପାରି ନ ଥିଲା। ଗତବର୍ଷ ମେ'ରେ ମହାରାଷ୍ଟ୍ରର ଔରଙ୍ଗାବାଦରେ ରେଳ ଧାରଣାରେ ବିଶ୍ରାମ ନେଇଥିବା ୧୬ ଦାଦନ ଶ୍ରମିକଙ୍କ ଉପରେ ଟ୍ରେନ୍ ମାଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଲକ୍‌ଡାଉନ ଯୋଗୁ ଉକ୍ତ ଲାଇନରେ ଟ୍ରେନ୍ ଆସିବ ନାହିଁ ବୋଲି ସେମାନେ ଭାବିନେଇଥିଲେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୨୧,୫୫,୨୭୨ | ୩୬,୯୫,୩୭୦ | ୧୫,୪୭,୬୭,୬୬୩ |
| ଭାରତ | ୨,୮୪,୦୭,୬୧୩ | ୩,୩୬,୯୨୩ | ୨,୬୩,୩୩,୯୪୭ |
| ଓଡ଼ିଶା | ୭,୮୨,୧୩୧ | ୨୮୩୧(+୫୩) | ୭,୦୨,୬୨୧ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ମା' ହେବ 'ରାଖୀ'

**ବାରଙ୍ଗ,୨।୬(ଡି.ଏନ୍.ଏ.):** ନନ୍ଦନକାନନର ସିମ୍ପାଞ୍ଜି ରାଖୀ ପ୍ରଥମ ଥର ପାଇଁ ମା' ହେବାକୁ ଯାଉଛି। ଏବେ ଆଉ ଏକ ଶାବକ ଏହି ପରିବାରକୁ ଆସିବ। ବୁଧବାର ନନ୍ଦନକାନନର ଡାକ୍ତରମାନେ ରାଖୀର ଗର୍ଭ ପରୀକ୍ଷା କରିବା ପରେ ଏହି ସୂଚନା ମିଳିଛି। ସାଥୀ ଅଣ୍ଡିରା ସିମ୍ପାଞ୍ଜି ଜୁଲୁ ସହ ତା'ର ମିଳନ ସଫଳ ହୋଇଛି। ପୂର୍ଣ୍ଣିମାର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନ ହେଉଛି ରାଖୀ। ରାଖୀପୂର୍ଣ୍ଣିମାରେ ଜନ୍ମ ହୋଇଥିବାରୁ ତା'ର ନାମ ରାଖୀ ରଖାଯାଇଥିଲା। ଏବେ ତାକୁ ପ୍ରାୟ ୧୦ ବର୍ଷ ବୟସ ହେଲାଣି। ଏହା ପୂର୍ବରୁ ଗତ ଫେବୃୟାରୀ ୧୫ରେ ରାଖୀର ମା' ପୂର୍ଣ୍ଣିମା ଚତୁର୍ଥ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଥିଲା। ପୂର୍ଣ୍ଣିମା ଓ ତା'ର ଛୁଆ ସୁସ୍ଥ ଥିବାବେଳେ ଉଭୟଙ୍କୁ ଅଲଗା ରଖାଯାଇଛି। ନନ୍ଦନକାନନର ଅନ୍ୟତମ ଆକର୍ଷଣ ହେଉଛି ସିମ୍ପାଞ୍ଜି। ନନ୍ଦନକାନନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ କିଛି ସମୟ ପାଇଁ ସିମ୍ପାଞ୍ଜିମାନଙ୍କୁ ଦେଖି ମଜା ଉଠାଇଥାନ୍ତି। ଏବେ ନନ୍ଦନକାନନରେ ସିମ୍ପାଞ୍ଜି ସଂଖ୍ୟା ୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ଗୋଟିଏ ଅଣ୍ଡିରା, ୫ମାଈ ଓ ଗୋଟିଏ ନବଜାତକ ରହିଛନ୍ତି।

### ପାନୀୟ ଜଳ ପ୍ରକଳ୍ପ ପାଇଁ ନାବାର୍ଡର ୨୫୪ କୋଟି ଋଣ

**ଭୁବନେଶ୍ୱର,୨।୬:** ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ନାବାର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୫୪ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି (ଆର୍‌ଆଇଡିଏଫ୍) ଅଧୀନରେ ଏହି ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହି ପାଣ୍ଠି ଖର୍ଚ୍ଚ ଦ୍ୱାରା ଯାଜପୁର ଏବଂ ପୁରୀ ଜିଲାରେ ୨ ବୃହତ୍ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ଯୋଜନା ରଖାଯାଇଛି। ଯାଜପୁରର ଧର୍ମଶାଳା ଓ ବଡ଼ଚଣା ବ୍ଲକ ଏବଂ ପୁରୀର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳରେ ଲୋକମାନେ ଉକ୍ତ ପ୍ରକଳ୍ପ ଦ୍ୱାରା ଲାଭବାନ ହୋଇପାରିବେ। ଏହା ମଧ୍ୟରେ ମୋଟ ୫୫୬ ଗ୍ରାମର ୧.୩୭ ଲକ୍ଷ ପରିବାର ଏବଂ ୮.୭୫ ଲକ୍ଷ ଜନସଂଖ୍ୟା ଲାଭାନ୍ୱିତ ହୋଇପାରିବେ ବୋଲି ନାବାର୍ଡ ଓଡ଼ିଶାର ସିଜିଏମ୍ ସି.ଉଦୟ ଭାସ୍କର କହିଛନ୍ତି।

### ଟ୍ରକ୍ ମାଡ଼ିଯାଇ ଜେଜେମା', ନାତି ମୃତ

**କେନ୍ଦୁଝର,୨।୬(ସ୍ୱ.ପ୍ର.):** ଘର ଅଗଣାରେ ବସିଥିବା ବେଳେ ଟ୍ରକ ମାଡ଼ି ଯିବାରୁ ଜେଜେମା' ଓ ନାତିଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନଂ. ଜାତୀୟରାଜପଥର ବାଙ୍କମାରୁଣୀ ସାହି ନିକଟରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ପଳାଶପଙ୍ଗା ପଞ୍ଚାୟତ ବାଙ୍କମାରୁଣୀ ଗ୍ରାମର ସୁମିତ୍ରା ମହାନ୍ତ ଓ ଶୁଭମ ମହାନ୍ତ। ସନ୍ଧ୍ୟାରେ ଏନ୍‌ଏଚ୍ ପାର୍ଶ୍ୱ ଘର ନିକଟରେ ସୁମିତ୍ରା ତାଙ୍କ ନାତି ଶୁଭମଙ୍କୁ ଧରି ବସିଥିଲେ। ସେହି ସମୟରେ ପଦ୍ମପୁର ପଟୁ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଶୁଭମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସୁମିତ୍ରା ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# 'ଚାଇନା, ଦକ୍ଷିଣପୂର୍ବ ଏସିଆ ହଟ୍‌ସ୍ପଟ୍'


### ନୂଆ କରୋନା ଭୂତାଣୁ

**ନ୍ୟୁୟର୍କ, ୨।୬:** ନୂଆ କରୋନା ଭୂତାଣୁ ପାଇଁ ଚାଇନା, ଜାପାନ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡ ହଟ୍‌ସ୍ପଟ ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ବାଦୁଡ଼ିବାହିତ ଏହି ଭୂତାଣୁ ପାଇଁ ଉପରୋକ୍ତ ଅଞ୍ଚଳ ଅନୁକୂଳ ହୋଇଥିବାବେଳେ ଉକ୍ତ ରୋଗ ବାଦୁଡି ଶରୀରରୁ ମଣିଷକୁ ସଂକ୍ରମିତ ହେବା ପାଇଁ ମଧ୍ୟ ଉପଯୁକ୍ତ ପରିବେଶ ସୃଷ୍ଟି କରିଥାଏ। ଜଙ୍ଗଲ ବିଭାଜନ, କୃଷି ସମ୍ପ୍ରସାରଣ ଏବଂ ପ୍ରାଣିଜ ଉତ୍ପାଦନ ବୃଦ୍ଧି ସମେତ ଜମି ବ୍ୟବହାରରେ ପରିବର୍ତ୍ତନ ଏହାର କାରଣ ବୋଲି ନେଚର ଫୁଡ୍ ନାମକ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି। ବର୍ତ୍ତମାନର ଅଧିକାଂଶ ହଟ୍‌ସ୍ପଟ୍ ଚାଇନାରେ ରହିଛି, ଯେଉଁଠି ମାଂସ ଉତ୍ପାଦନ ଚାହିଦା ବୃଦ୍ଧି ଯୋଗୁ ଔଦ୍ୟୋଗିକ ପ୍ରାଣୀ ଫାର୍ମ ବହୁପରିମାଣରେ ବଢ଼ିଯାଇଛି। ଏହାବ୍ୟତୀତ ଜାପାନର କେତେକ ଅଞ୍ଚଳ, ଫିଲିପାଇନ୍ସର ଉତ୍ତର ଭାଗ, ଚାଇନା ସାଙ୍ଘାଇ ମଧ୍ୟ ହଟ୍‌ସ୍ପଟରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଇଣ୍ଡୋଚାଇନା ଏବଂ ଥାଇଲାଣ୍ଡର କେତେକ ଅଞ୍ଚଳରେ ପ୍ରାଣିଜ ଉତ୍ପାଦନ ବୃଦ୍ଧି ପାଉଥିବାରୁ ହଟ୍‌ସ୍ପଟ ହେବା ଆଶଙ୍କା କରାଯାଇଛି। ବର୍କେଲିସ୍ଥିତ କାଲିଫର୍ନିଆ ୟୁନିଭର୍ସିଟି, ମିଲନସ୍ଥିତ ପଲିଟେକ୍‌ନିକ ୟୁନିଭର୍ସିଟି ଏବଂ ନ୍ୟୁଜିଲାଣ୍ଡର ମାସି ୟୁନିଭର୍ସିଟିର ଗବେଷକମାନଙ୍କର ଏକ ଟିମ୍ ଏହି ଗବେଷଣା କରିଥିଲେ। ସେମାନଙ୍କ ମତରେ ଜମି ବ୍ୟବହାରରେ ପରିବର୍ତ୍ତନ ମାନବ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ଆମେ ପରିବେଶରେ ପରିବର୍ତ୍ତନ ଆଣୁଥିବାବେଳେ ତାହା ପ୍ରାଣୀଜନିତ ରୋଗ ବଢ଼ାଇବାର କାରଣ ହେଉଛି ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପ୍ରଫେସର ପାଓଲୋ ଡି'ଓଡୋରିକୋ କହିଛନ୍ତି। ଯଦିଓ ସାର୍ସ-କୋଭ-୨ ବା କରୋନା ଭୂତାଣୁର ବାସ୍ତବ ଉତ୍ସ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ଏହା ପ୍ରଥମେ ଅଶ୍ୱଖୁରାକୃତି ବାଦୁଡ଼ିକୁ ସଂକ୍ରମଣ କରିବା ପରେ ସେଠାରୁ ମାନବ ଶରୀରକୁ ବ୍ୟାପିଥିଲା ବୋଲି କୁହାଯାଉଛି।

# କରୋନା ନେଲା ୪୦ ଜୀବନ

### ୪ ଜିଲାରୁ ୫ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ

- ଦିନକରେ ୮,୩୯୯ ପଜିଟିଭ୍ ଚିହ୍ନଟ
- ରାଜ୍ୟରେ ସଂକ୍ରମିତ ହାର ୧୨.୫୯%



**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ରାଜ୍ୟରେ ପୁଣି ରେକର୍ଡ କରିଛି କୋଭିଡ୍ ମୃତ୍ୟୁ। ଗତ ୨୪ଘଣ୍ଟାରେ ୪୦ଜଣଙ୍କ ଜୀବନ ଯାଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୮ଶହ ପାର୍ କରିଯାଇଛି। ଏହି ୪୦ ମୃତକଙ୍କ ମଧ୍ୟରେ ଅନୁଗୋଳ, ଖୋର୍ଦ୍ଧା, କଟକ ଓ କଳାହାଣ୍ଡି ଜିଲାରୁ ୫ଜଣ ଲେଖାଏ ରହିଛନ୍ତି। ଗତ ପ୍ରାୟ ୧୦ଦିନ ହେବ ଅନୁଗୋଳ ଜିଲାରେ ସର୍ବାଧିକ ୫ଜଣଙ୍କ ମୃତ୍ୟୁ ହୋଇଛି। ଝାରସୁଗୁଡ଼ାରୁ ଆଉ ୪ଜଣ, ରାୟଗଡ଼ା ଓ ବୌଦ୍ଧରୁ ୩ଜଣ ଲେଖାଏ, ସମ୍ବଲପୁର, ନବରଙ୍ଗପୁର ଓ ଦେବଗଡ଼ରୁ ୨ଜଣ ଲେଖାଏ, ଢେଙ୍କାନାଳ, ଗଜପତି, ଯାଜପୁର, ବାଲେଶ୍ୱର ଏବଂ ମାଲକାନଗିରିରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୨,୮୩୧କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୭୬ ମୃତକ ରହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ସଂକ୍ରମଣ ହାର ହ୍ରାସ ପାଉଥିବା ଦେଖାଯାଇଛି। ଗତ ୨୪ ଘଣ୍ଟାରେ ୬୬,୬୮୩ ନମୁନା ପରୀକ୍ଷା ହୋଇଥିବାବେଳେ ୮,୩୯୯ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୧୨.୫୯ ପ୍ରତିଶତ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୧୦୨ଜଣ ଥିବାବେଳେ କଟକରୁ ୭୬୬, ଯାଜପୁର ୫୧୪, ମୟୂରଭଞ୍ଜରୁ ୪୮୫, ସୁନ୍ଦରଗଡ଼ରୁ ୪୭୭, ପୁରୀ ୪୭୫, ଅନୁଗୋଳରୁ ୪୬୮, ଢେଙ୍କାନାଳ ୪୫୧, ରାୟଗଡ଼ା ୨୯୨, ଜଗତ୍‌ସିଂହପୁର ୨୬୯, ବାଲେଶ୍ୱର ୨୪୦, ନୟାଗଡ଼ ୨୨୩, ନବରଙ୍ଗପୁରରୁ ୨୦୦ ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମଣ ସଂଖ୍ୟା ୨ଶହ ତଳକୁ ରହିଥିବା ବେଳେ ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୭,୮୨,୧୩୧ରେ ପହଞ୍ଚିଛି। ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଦେଶରେ ସଂକ୍ରମଣ ଖସୁଛି। ଅନ୍ୟ ରାଜ୍ୟରେ ଯେତେବେଳେ ସଂକ୍ରମଣ ବଢୁଥିଲା, ଆମର ସେତେବେଳେ ଅଧିକ ନ ଥିଲା। ଆମ ରାଜ୍ୟରେ ବିଳମ୍ବରେ ସଂକ୍ରମଣ ବଢ଼ିଥିବାରୁ ଏବେ ଖସୁଛି। ସେହିପରି ଅନ୍ୟ ରାଜ୍ୟ ଅପେକ୍ଷା ଆମ ରାଜ୍ୟରେ ମୃତ୍ୟୁ ସଂଖ୍ୟା କମ୍ ରହିଛି। ମେ' ମାସରେ ଅଧିକ ଗୁରୁତର ରୋଗୀ ଥିବାରୁ ଅଧିକ ମୃତ୍ୟୁ ହେଉଛି। ବର୍ତ୍ତମାନ ଗୁରୁତର ରୋଗୀଙ୍କ ସଂଖ୍ୟା କମ୍ ରହୁଛି। ଅଧିକାଂଶ ହସ୍ପିଟାଲରେ ବେଡ୍ ମଧ୍ୟ ଖାଲି ରହୁଥିବା ଡା. ମିଶ୍ର କହିଛନ୍ତି।

### ରାଜ୍ୟରେ ପ୍ରାଣ ହରାଇଲେଣି ୨୨ ଡାକ୍ତର

#### ଦ୍ୱିତୀୟ ଲହର ଘାତକ

**ଦେଶରେ ୫୯୪, ଦିଲ୍ଲୀରେ ସର୍ବାଧିକ ୧୦୭**

କରୋନାର ଦ୍ୱିତୀୟ ଲହର ଦେଶରେ ଯେଉଁ ପ୍ରଭାବ ପକାଇଲା ତାହା ସାରା ବିଶ୍ୱରେ ରେକର୍ଡ କରିଦେଲା। ପ୍ରଥମ ଲହରରେ ଭାରତ ସଂକ୍ରମଣ କ୍ଷେତ୍ରରେ ବହୁ ପଛରେ ଥିବାବେଳେ ଏଥର କିନ୍ତୁ ବିଶ୍ୱର ସବୁ ଦେଶକୁ ଟପିଗଲା। ଦ୍ୱିତୀୟ ଲହରରେ ମୃତ୍ୟୁହାର ହଠାତ୍ ଉପରମୁହାଁ ହୋଇଗଲା। ଏହି ମହାମାରୀ କାହାରିକୁ ଛାଡ଼ିନାହିଁ। ବହୁ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ କୋଭିଡ୍ ଲଢ଼େଇରେ ହାରିଯାଇଛନ୍ତି। ଏପରି କି, ଚିକିତ୍ସା କରୁଥିବା ଡାକ୍ତରମାନେ ବି କରୋନା କବଳରୁ ବାଦ୍ ପଡ଼ିନାହାନ୍ତି। ଦେଶରେ ପ୍ରାୟ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଡାକ୍ତର କୋଭିଡ୍ ଚିକିତ୍ସା କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି। ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ସୂଚନା ଅନୁଯାୟୀ, ଦ୍ୱିତୀୟ ଲହରରେ ଦେଶରେ ପ୍ରାୟ ୫୯୪ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଦିଲ୍ଲୀରୁ ସର୍ବାଧିକ ୧୦୭ଜଣ ରହିଛନ୍ତି। ସେହିପରି ବିହାରରେ ୯୬, ଉତ୍ତରପ୍ରଦେଶରେ ୬୭, ରାଜସ୍ଥାନରେ ୪୩, ଝାଡ଼ଖଣ୍ଡରେ ୩୯, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ୩୨ଜଣ ଲେଖାଏ, ଗୁଜରାଟରେ ୩୧, ପଶ୍ଚିମବଙ୍ଗରେ ୨୫ ଏବଂ ଓଡ଼ିଶାରେ ୨୨ଜଣ ରହିଛନ୍ତି। ମହାରାଷ୍ଟ୍ରରେ ୧୭, ମଧ୍ୟପ୍ରଦେଶରେ ୧୬, ଆସାମ ଓ କର୍ଣ୍ଣାଟକରେ ୮ଜଣ ଲେଖାଏ, କେରଳ ଓ ମଣିପୁରରେ ୫ଜଣ ଲେଖାଏ, ଛତିଶଗଡ଼, ହରିୟାଣା, ଜମ୍ମୁରେ ୩ଜଣ ଲେଖାଏ, ଗୋଆ ଓ ତ୍ରିପୁରାରେ ୨ଜଣ ଲେଖାଏ, ଉତ୍ତରାଖଣ୍ଡ ଓ ପଣ୍ଡିଚେରୀରେ ଜଣେ ଲେଖାଏ ରହିଛନ୍ତି। ତେବେ ଓଡ଼ିଶାର ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇଥାଇପାରେ। କାରଣ ଆଇଏମ୍ଏ କେବଳ ପଞ୍ଜୀକୃତ ଡାକ୍ତରଙ୍କ ରେକର୍ଡ ରଖିଛି।



ଭୁବନେଶ୍ୱର ବିନ୍ଦୁସାଗରରେ ବୁଧବାର ଅନୁଷ୍ଠିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଚାପ ଯାତ୍ରା।

# ଭିଜିଲାନ୍ସ ହାତରେ ଟିଡିସିସି ମ୍ୟାନେଜର

### ବୋଲେରୋରେ ଯାଉଥିବାବେଳେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

**ସୁନ୍ଦରଗଡ଼,୨।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଟିଡିସିସି (ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋ-ଅପରେଟିଭ ସୋସାଇଟି)ର ଜିଲା ମ୍ୟାନେଜର ଜୟପ୍ରକାଶ ମହାନ୍ତି ବୁଧବାର ସକାଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କଠାରୁ ୧୮ଲକ୍ଷ ୮୦ ହଜାର ୫୦୦ ଟଙ୍କା ଜବତ କରିଛନ୍ତି। ସେ ସକାଳ ପ୍ରାୟ ୫ଟା ୩୦ରେ ନିଜ ଘର ଭୁବନେଶ୍ୱରକୁ ଯିବା ପାଇଁ ବାହାରିଥିଲେ। ସୁନ୍ଦରଗଡ଼ରୁ ଏକ ବୋଲେରୋରେ ଝାରସୁଗୁଡା ରେଳଷ୍ଟେଶନକୁ ଯାଉଥିଲେ। ସେଠାରୁ ସେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ ଘରକୁ ଯିବା ପାଇଁ ଟିକେଟ କରିଥିଲେ। ସାଙ୍ଗରେ ଏତେ ପରିମାଣର ଟଙ୍କା ଧରି ଯାଉଥିବା ସମ୍ପର୍କରେ ସୂଚନା ପାଇ ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡ଼ ନିକଟସ୍ଥ ମସ୍ନିକାନୀ ଟୋଲ୍‌ପ୍ଲାଜାଠାରେ ତାଙ୍କ ଗାଡିକୁ ଅଟକାଇ ଏହି ଟଙ୍କା ଜବତ କରିଥିଲେ। ଏତେ ପରିମାଣର ଟଙ୍କା କାହିଁକି କେଉଁ ଆଡେ ନେଉଥିଲେ ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ତାଙ୍କୁ ସୁନ୍ଦରଗଡ ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚୁରା କରାଯାଇଥିଲା। ଏ ନେଇ ରାଉରକେଲା ଭିଜିଲାନ୍ସ ଡିଭିଜନ ଥାନାରେ ଏକ ମାମଲା (ନଂ. ୫।୨୧) ରୁଜୁହୋଇଛି। ଅଧିକ ତଦନ୍ତ ଜାରିରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।



ଟିଡିସିସିର ସୁନ୍ଦରଗଡ଼ ଜିଲା ମ୍ୟାନେଜର ଜୟପ୍ରକାଶ ମହାନ୍ତି।

# ଜୀଅନ୍ତା ଜଳିଗଲେ ଡ୍ରାଇଭର

### ହାଇୱା ପଛକୁ ପିଟିଲା ହାଇୱା

**କାମାକ୍ଷାନଗର, ୨।୬(ଡି.ଏନ.ଏ.)**

ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟରାସ୍ତାର ଜଡ଼ାପାଳ ଛକ ନିକଟରେ ବୁଧବାର ଭୋର୍ ପ୍ରାୟ ୪ଟାରେ ଏକ ଲୋମଟାଙ୍କୁରା ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ପାଉଁଶ ବୋଝେଇ ହାଇୱା ପଛକୁ ଅନ୍ୟ ଏକ ପାଉଁଶ ବୋଝେଇ ହାଇୱା ଧକ୍କା ଦେଇଛି। ଦୁର୍ଘଟଣା ପରେ ଗାଡ଼ିରେ ନିଆଁ ଲାଗିଯିବାରୁ ପଛ ଗାଡ଼ିର ଚାଳକ ଜୀଅନ୍ତା ଜଳିଯାଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡର ସୁନୀଲ ଯାଦବ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, କାମାକ୍ଷାନଗରରେ ଚାଲିଥିବା ଏନ୍‌ଏଚ୍ ୫୩ ସମ୍ପ୍ରସାରଣ କାର୍ଯ୍ୟ ଲାଗି 'ଆଶ ଟ୍ରେକ୍' କମ୍ପାନୀର ଉକ୍ତ ଦୁଇ ହାଇୱା ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ବିଆରଜି ପ୍ଲାଣ୍ଟରୁ ପାଉଁଶ ନେଇ ଆସୁଥିଲେ। ଆଗରେ ଆସୁଥିବା ହାଇୱା (ନଂ.ଏମ୍‌ଏଚ୍ ୦୪ ଜେକେ ୨୭୧୬)ର ଡ୍ରାଇଭର ଜଡ଼ାପାଳ ନିକଟରେ ରାସ୍ତା ପାର୍ଶ୍ୱରେ ଗାଡ଼ି ଛଡ଼ା କରି ରଖିଥିଲେ। ଏହି ସମୟରେ ପଛରେ ଆସୁଥିବା ହାଇୱା (ନଂ. ଏମ୍‌ଏଚ୍ ୦୪ ଜେକେ ୨୭୧୫) ଭାରସାମ୍ୟ ହରାଇ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ଦୁର୍ଘଟଣା ଘଟାଇଥିବା ହାଇୱାରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଗାଡ଼ି ଭିତରୁ ବାହାରି ନ ପାରି ଜଳିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାମାକ୍ଷାନଗର ପୋଲିସ ମୃତଦେହ ଜବତ କରିଛି। ଏ ନେଇ ନଂ. ୧୯୯/୨୧ରେ ମାମଲା ରୁଜୁ ହୋଇଛି। ଉଭୟ ଗାଡ଼ିକୁ ଅଟକ ରଖି ପୋଲିସ ତଦନ୍ତ କରୁଛି।



# 'ପୁରୁଷଙ୍କ ପାଇଁ ଘରୋଇ ହିଂସା ଆଇନ ନ ଥିବା ଦୁର୍ଭାଗ୍ୟଜନକ'

**ଚେନ୍ନାଇ, ୨।୬:** ଘରୋଇ ହିଂସାର ଶିକାର ହେଉଥିବା ପୁରୁଷମାନେ ସ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣୁଛନ୍ତି। ହେଲେ ଏ ନେଇ ଆଇନ ନ ଥିବା ଦୁର୍ଭାଗ୍ୟଜନକ ବୋଲି ମାଡ୍ରାସ ହାଇକୋର୍ଟ ମଙ୍ଗଳବାର କହିଛନ୍ତି। ପ୍ରାଣୀଧନ ଚିକିତ୍ସକ ପି. ଶଶିକୁମାରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏସ୍ ବୈଦ୍ୟନାଥନ୍‌ଙ୍କ ଖଣ୍ଡପୀଠ ଏହା କହିଛନ୍ତି। ୨୦୧୫ରେ ଶଶିକୁମାରଙ୍କ ସ୍ତ୍ରୀ ଘରୋଇ ହିଂସାକୁ କାରଣ ଦର୍ଶାଇ ଛାଡ଼ପତ୍ର ପାଇଁ ମହିଳା କୋର୍ଟରେ ମାମଲା କରିଥିଲେ। ଶଶିକୁମାର ମଧ୍ୟ ସ୍ତ୍ରୀ ତାଙ୍କ ପ୍ରତି କଠୋର ବ୍ୟବହାର କରୁଥିବା ଏବଂ ସ୍ୱେଚ୍ଛାକୃତ ଭାବେ ତାଙ୍କୁ ଛାଡୁଥିବା ନେଇ ପ୍ରଥମ ଅତିରିକ୍ତ ସବ୍-ଜଜ୍‌ଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଛାଡ଼ପତ୍ର ପୂର୍ବରୁ ମହିଳା ଜଣକ ଶଶିକୁମାରଙ୍କ ବିରୋଧରେ ତାଙ୍କ କାର୍ଯ୍ୟାଳୟକୁ ଘରୋଇ ହିଂସା ଅଭିଯୋଗ ପଠାଇବା ପରେ ଶଶିକୁମାରଙ୍କୁ ନିଲମ୍ବନ କରାଯାଇଥିଲା। ମହିଳା ଜଣକ ଅନାବଶ୍ୟକ ଭାବେ ଶଶିକୁମାରଙ୍କ ପାଇଁ ସମସ୍ୟା ଉପୁଜାଇଥିଲେ ବୋଲି କୋର୍ଟ କହିଛନ୍ତି। ୧୫ ଦିନ ମଧ୍ୟରେ ଶଶିକୁମାରଙ୍କ ଚାକିରିକୁ ଫେରାଇନେବାକୁ ପଶୁପାଳନ ଓ ଚିକିତ୍ସା ସେବା ନିର୍ଦ୍ଦେଶକଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଅନିଶ୍ଚିତତାରେ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା

**କେନ୍ଦ୍ରାପଡ଼ା ଅଫିସ,୨।୬**

ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀକ୍ଷେତ୍ର ପରେ ତୁଳସୀକ୍ଷେତ୍ରର ଗୁରୁତ୍ୱ ଯଥେଷ୍ଟ ଅଧିକ। ପୁରୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରଦିନ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା' ମନ୍ଦିର ଅଭିମୁଖେ ବାହାରିଥାଏ। ୩୦୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଇଚ୍ଛାପୁରରେ ଶ୍ରୀଜୀଉଙ୍କ ରଥ ଗଡୁଥିବା ବେଳେ କରୋନା କଟକଣା ପାଇଁ ଗତବର୍ଷ ଏହି ରଥଯାତ୍ରା ପ୍ରତୀକାତ୍ମକ ଭାବେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଅନୁକୂଳ ହୋଇଥିଲେ ମଧ୍ୟ ଶ୍ରୀବଳଦେବଜୀଉଙ୍କ ରଥ ଗଡିବା ନେଇ ଏବେ ବି ଅନିଶ୍ଚିତତା ଲାଗି ରହିଛି। ତେବେ ପୁରୀରେ ଗତବର୍ଷ ରଥଯାତ୍ରା ଶ୍ରଦ୍ଧାଳୁଙ୍କ ବିନା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ କେନ୍ଦ୍ରାପଡ଼ାରେ ସେପରି ରଥଯାତ୍ରା ସେବାୟତ ଓ ଜିଲା ପ୍ରଶାସନ ପରିଚାଳନାରେ କରିବାକୁ ଶ୍ରଦ୍ଧାଳୁମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବରିଷ୍ଠ ସେବାୟତ ନୃସିଂହ ପ୍ରସାଦ ପତ୍ରୀ କହିଛନ୍ତି, ବିଶ୍ୱର ସର୍ବୋଚ୍ଚ ରଥ ମଧ୍ୟରେ ବ୍ରହ୍ମ ତାଳଧ୍ୱଜର ମାନ୍ୟତା ଅଛି। ଗୋଟିଏ ରଥରେ ଚତୁର୍ଦ୍ଧା ମୂର୍ତ୍ତି ବିରାଜିତ ହୋଇ ମାଉସୀ ମା' ମନ୍ଦିରକୁ ଯାଇଥାନ୍ତି। ଏହି ରଥଯାତ୍ରା ଶ୍ରଦ୍ଧାଳୁଙ୍କ ଭାବାବେଗ ସହିତ ଜଡ଼ିତ। କରୋନା କଟକଣା ପାଇଁ ଗତବର୍ଷ ରଥଯାତ୍ରାକୁ ମନ୍ଦିର ମଧ୍ୟରେ ସୀମିତ ରଖାଯାଇଥିଲା। ମାତ୍ର ଏହା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦୁଃଖ ଦେଇଥିଲା। ଚଳିତବର୍ଷ ରଥଯାତ୍ରା ପାଇଁ କାଠ ଅନୁକୂଳ ସହ ଅନ୍ୟାନ୍ୟ ପ୍ରକ୍ରିୟା ଜାରି ରହିଛି। ଦେବୋତ୍ତର କମିଶନ ଓ ରାଜ୍ୟ ସରକାର ଏ ସମ୍ପର୍କରେ ଆଲୋଚନା କରି ରଥଯାତ୍ରାକୁ ଅନୁମତି ଦେବାକୁ ସେବାୟତ ସଂଘ ପକ୍ଷରୁ ଦାବି କରାଯାଇଛି। ଅନ୍ୟତମ ସେବାୟତ ଗଗନ ପତ୍ରୀ କହିଛନ୍ତି, ଆସନ୍ତା ୨୪ରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୨ରେ ସବୁଠି ରଥଯାତ୍ରା ହେଉଥିବାବେଳେ ୧୩ ତାରିଖରେ ବ୍ରହ୍ମ ତାଳଧ୍ୱଜ ରଥ ଗଡ଼ିବ। ଏ ନେଇ ଶ୍ରଦ୍ଧାଳୁଙ୍କ ସହ ସେବାୟତ ପ୍ରସ୍ତୁତ ଅଛନ୍ତି। କରୋନା ମହାମାରୀକୁ ଆଳ କରି ଗତବର୍ଷ ପରି ଚଳିତବର୍ଷ ରଥଯାତ୍ରାକୁ ବନ୍ଦ କଲେ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ କରିବ। ଏହା ବ୍ୟତୀତ ଜିଲା ପ୍ରଶାସନ ପକ୍ଷରୁ ମହାମାରୀର ପରିଚାଳନା ସୁସଙ୍ଗଠିତ ଭାବେ ଚାଲିଛି। ଏଥିପାଇଁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ସେପରି ଗୁରୁତର ରୂପ ନେଇନାହିଁ। କୋଭିଡ୍-୧୯ର ନିୟମ ମାନି ମୟୂରଭଞ୍ଜ ଜିଲାର ବାରିପଦାଠାରେ ଶ୍ରୀଜୀଉଙ୍କ ରଥଯାତ୍ରା ପାଇଁ ଆଇନର ଆଶ୍ରୟ ନିଆଯାଇଛି। ଆବଶ୍ୟକ ପଡିଲେ ତୁଳସୀ କ୍ଷେତ୍ରାଧିପତିଙ୍କ ରଥ ଗଡ଼ିବାକୁ ଆଇନର ଆଶ୍ରୟ ନିଆଯିବ। ଏ ସମ୍ପର୍କରେ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ରଥଯାତ୍ରା ପାଇଁ ଆନୁସଙ୍ଗିକ ପ୍ରକ୍ରିୟା ଜାରି ରହିଛି। ରଥଖଳା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ କରୋନା ମହାମାରୀକୁ ଦୃଷ୍ଟିରେ ରଖାଯାଇ ରାଜ୍ୟ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି।



# 'ୟାସ୍' କ୍ଷୟକ୍ଷତି ୬୧୦ କୋଟି

- କ୍ଷୟକ୍ଷତି, ପୁନରୁଦ୍ଧାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ
- ୧୫୦ ଗ୍ରାମ ଜଳମଗ୍ନ, ୬୦ ଲକ୍ଷ ଲୋକ ପ୍ରଭାବିତ
- ବାତ୍ୟା ପରିଚାଳନା ଡକ୍ୟୁମେଣ୍ଟେଶନ ଲାଗି ପରାମର୍ଶ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ବାତ୍ୟା 'ୟାସ୍' କାରଣରୁ ୬୧୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ତନ୍ମଧ୍ୟରେ ୫୨୦ କୋଟି ଟଙ୍କାର ସରକାରୀ ଭିତ୍ତିଭୂମି ଏବଂ ୯୦ କୋଟି ଟଙ୍କାର ବ୍ୟକ୍ତିଗତ ସମ୍ପତ୍ତି ରହିଛି। ୧୫୦ ଗ୍ରାମ ଜଳମଗ୍ନ ହୋଇଥିବା ବେଳେ ୧୧ ହଜାର ଗ୍ରାମର ୬୦ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବାତ୍ୟା କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କରେ ସମୀକ୍ଷା କରିଥିବାବେଳେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ କୁମାର ଜେନା ଏହି ତଥ୍ୟ ଉପସ୍ଥାପନା କରିଛନ୍ତି।

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଜିଲା ପ୍ରଶାସନର ଉଦ୍ୟମରେ ବାତ୍ୟା ପରେ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଅତି କମ୍ ସମୟ ମଧ୍ୟରେ ହୋଇପାରିଛି। ଏହି ସମସ୍ତ କାର୍ଯ୍ୟର ଡକ୍ୟୁମେଣ୍ଟେଶନ କରିବାର ଆବଶ୍ୟକତା ରହିଛି। ବାତ୍ୟା ଲ୍ୟାଣ୍ଡଫଲ୍ ପୂର୍ବର ପ୍ରସ୍ତୁତି, ସ୍ଥାନାନ୍ତର ଏବଂ ପୁନରୁଦ୍ଧାର କାର୍ଯ୍ୟର ଡକ୍ୟୁମେଣ୍ଟେଶନ କରାଗଲେ, ଏହା ଆଗାମୀ ଦିନରେ ବାତ୍ୟା ପରିଚାଳନାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ବାତ୍ୟାରେ ସାମୁଦ୍ରିକ ଲୁଣିପାଣି ଯୋଗୁ ଫସଲ ମଧ୍ୟ କ୍ଷତି ହୋଇଛି। ବାତ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କୁ ବିଜୁଳି ଓ ପିଇବା ପାଣି ଯୋଗାଇବା ପାଇଁ ୧୦୦୦ ଡିଜି ସେଟ୍, ଟ୍ୟାଙ୍କର ଓ ପିଭିସି ଟ୍ୟାଙ୍କ ନିୟୋଜିତ ହୋଇଥିଲା।

ବାତ୍ୟାର କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କରେ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି, ସମୁଦ୍ର ଉପକୂଳବର୍ତ୍ତୀ ଜିଲାର ଜମିରେ ଲୁଣିପାଣି ମାଡ଼ିଯିବାରୁ ଖରିଫ ଫସଲରେ ବାଧା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକଙ୍କୁ ଏହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରି ପରାମର୍ଶ ଦେବାକୁ କୁହାଯାଇଛି। ବୈଜ୍ଞାନିକମାନେ ପ୍ରଭାବିତ ସ୍ଥାନରେ ରହି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ଖୁବ୍‌ଶୀଘ୍ର ଏହାର ରିପୋର୍ଟ ଆସିବ। ରିଲିଫ୍ ପାଇଁ ୬୬ କୋଟି ଟଙ୍କା ଆବଶ୍ୟକ ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି।

ଶକ୍ତି ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବାତ୍ୟାରେ ୩୦ ଲକ୍ଷ ଉପଭୋକ୍ତା ପ୍ରଭାବିତ ହୋଇଥିଲେ। ୯୯.୮% ଉପଭୋକ୍ତାଙ୍କୁ ବର୍ତ୍ତମାନ ସୁଦ୍ଧା ବିଜୁଳି ପୁନଃସଂଯୋଗ କରାଯାଇଛି। ୨୩୦ ନୂଆ ଟ୍ରାନ୍ସଫର୍ମର ଲଗାଯାଇଛି। ବାତ୍ୟାରେ ବିଭାଗର ୧୫୦ କୋଟି ଟଙ୍କା କ୍ଷୟକ୍ଷତି ହୋଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ୧୦ଟି ମୋବାଇଲ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିୟୋଜିତ ହୋଇଥିଲା। ମେ' ୩୧ ସୁଦ୍ଧା ସମସ୍ତ ନଳକୂପ, ପାନୀୟ ଜଳ ଉତ୍ସକୁ ବିଶୋଧନ କରାଯାଇଛି। ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ ରାସ୍ତାର କ୍ଷୟକ୍ଷତି ପରିମାଣ ୨୭୭ କୋଟି ଟଙ୍କା ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ବାତ୍ୟା ଯୋଗୁ ୮ ସହରାଞ୍ଚଳର ୫୮ଟି ରାସ୍ତାର ଆଲୋକୀକରଣ ବ୍ୟବସ୍ଥା, ଗୋଟିଏ ସେତୁ କ୍ଷତିଗ୍ରସ୍ତ ହୋଇଥିଲା। ବାସୁଦେବପୁର ବ୍ୟତୀତ ୨୪ ଘଣ୍ଟା ମଧ୍ୟରେ ଅନ୍ୟ ସମସ୍ତ ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ବାତ୍ୟାରେ ଜଳସମ୍ପଦ ବିଭାଗର ୧୦୮ କୋଟି, ପୂର୍ତ୍ତ ବିଭାଗର ୭୫ କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୬୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। ୨୪୬ କ୍ଷତିଗ୍ରସ୍ତ ରାସ୍ତାର ମରାମତି କରାଯାଇଥିବା ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏବଂ କେନ୍ଦ୍ରାପଡ଼ା ଜିଲାର ଜିଲାପାଳମାନେ ଆଲୋଚନାରେ ଭାଗନେଇ ବର୍ତ୍ତମାନର ଆବଶ୍ୟକତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ।

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର କୋଭିଡ୍ ମୃତ୍ୟୁର ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ଲୋକେ ସାର୍ବଜନୀନ ମାଗଣା ଟିକା ପାଇଁ ସ୍ୱର ଉତ୍ତୋଳନ କରନ୍ତୁ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା




**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସୁଧାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଙ୍କଟରେ ଗୋପାଳପୁରର ଟସର ଶିଳ୍ପ

**ରସୁଲପୁର,୨।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର ଟସର ଶିଳ୍ପ ଏବେ ସଂକଟରେ। ବାତ୍ୟା, ବନ୍ୟା ଓ କରୋନା ମହାମାରୀ ଯୋଗୁ ଗୋପାଳପୁରରେ ଥିବା ହାରାହାରି ୧୦୦୦ ବୁଣାକାର ପରିବାର ହାତବାନ୍ଧି ବସିଛନ୍ତି। ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ହୋଇପାରୁ ନାହିଁ। ନୂତନ ବସ୍ତ୍ର ବୁଣିବା ପାଇଁ କଞ୍ଚାମାଲ ଉପଲବ୍ଧ ନାହିଁ। ବୁଣାକାର ପରିବାରକୁ ସମିତିଗୁଡ଼ିକ କାମ ଯୋଗାଇ ପାରୁନାହାନ୍ତି। ଫଳରେ ବୁଣାକାର ପରିବାର ନାନା ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ଶତାଧିକ ବୁଣାକାର ପରିବାର ସେମାନଙ୍କ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ ନ କଲେ ବେଉଷା ଛାଡ଼ି ବୁଣାକାରମାନେ ଦାଦନ ଖଟିବାକୁ ଯିବେ ବୋଲି ବୁଣାକାର ନେତା ମକରଧ୍ୱଜ ଗୁଇଁ, ରମେଶ ଚନ୍ଦ୍ର ଦାସ, ପ୍ରତିମା ଗୁଇଁ, ସକୁନ୍ତଳା ଚାନ୍ଦ, ମାଳତୀ ଦତ୍ତ, ଗୋବିନ୍ଦ ଦାସ, ନାରାୟଣ ଦାସ, ଦୁର୍ଯ୍ୟୋଧନ ଚାନ୍ଦ ଓ ବଳରାମ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ସେମାନେ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ଫନୀରେ ବୁଣାକାର ପ୍ରଭାବିତ ହୋଇଥିଲେ।



୨୦୨୦ ପ୍ରାରମ୍ଭରେ କରୋନା ମହାମାରୀ ଯୋଗୁ କାରବାର ଠପ୍ ହୋଇଗଲା। ଅଗଷ୍ଟ ୨୦୨୦ରେ ବ୍ରାହ୍ମଣୀ ନଦୀରେ ପ୍ରଳୟକାରୀ ବନ୍ୟା ଆସିବାରୁ ଗୋପାଳପୁରରେ ୨୦୦ଫୁଟ୍ ଘାଇ ହୋଇଥିଲା। ଏଥିରେ ଗୋପାଳପୁର ଓ ଚକଗୋପାଳପୁର ଗାଁ ବୁଣାକାରଙ୍କ ତନ୍ତଶାଳରେ ପାଣି ପଶି ଲକ୍ଷାଧିକ ଟଙ୍କାର କଞ୍ଚାମାଲ ଓ ବସ୍ତ୍ର ଆଦି ନଷ୍ଟ ହୋଇଥିଲା। ପ୍ରାୟତଃ ୮୦୦ ପରିବାରର ତନ୍ତଶାଳା ପ୍ରଭାବିତ ହୋଇଥିଲା।

ସେତେବେଳେ ମୁଖ୍ୟମନ୍ତ୍ରୀ ବୁଣାକାର ପରିବାରଙ୍କ ଉଦ୍ଦେଶ୍ୟରେ ୫୦ କେଜି ଚାଉଳ, ୫୦୦ଟଙ୍କା ସହିତ କ୍ଷୟକ୍ଷତି ବାବଦକୁ ୪୧୦୦ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ କ୍ଷତିଗ୍ରସ୍ତ ପରିବାରକୁ ଚାଉଳ ଓ ୫୦୦ଟଙ୍କା ମିଳିଛି। ଅର୍ଥରାଶି ମିଳି ପାରିନାହିଁ। ୪ବର୍ଷ ହେଲା ଗୋପାଳପୁରର ବୁଣାକାର ପରିବାରକୁ ନୂତନ କର୍ମଶାଳା ଯୋଗାଇ ଦିଆଯାଇ ନାହିଁ। କରୋନା ସମୟରେ ବୁଣାକାର ହିତରେ ମୁଖ୍ୟମନ୍ତ୍ରୀ ୨୫କୋଟି ଟଙ୍କାର ସ୍ୱତନ୍ତ୍ର ପାକେଜ ଘୋଷଣା କରିଥିଲେ। ଏହି ସହାୟତା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅନୁଦାନ ରାଶିକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବୁଣାକାରଙ୍କୁ କଳାକାର ଭାବରେ ବିବେଚନା କରାଯାଇ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୁଣାକାର ମହିଳା ଓ ପୁରୁଷଙ୍କୁ ୧୨୦୦ ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି କଲ୍ୟାଣ ପାଣ୍ଠିରୁ ବୁଣାକାର ପରିବାରର ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ଯୋଗାଇ ଦେବାକୁ ମଧ୍ୟ ଦାବିରେ ଉଲ୍ଲେଖ ରହିଛି। ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ବିକାଶ ପରିଷଦକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ପରିଷଦ ଅଧୀନରେ ଥିବା ୨୦କୋଟି ଅନୁଦାନକୁ ବୁଣାକାରଙ୍କ ହିତରେ ତୁରନ୍ତ ବିନିଯୋଗ କରିବା ଆଦି ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ର ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବାର ସୁଯୋଗ ମିଳିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ ହେବେ। ନିର୍ମାଣ, ପ୍ରକାଶନ, ଗଣ ଯୋଗାଯୋଗ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ ଦୂର ହେବ।

**ବୃଷ**
ପ୍ରତ୍ୟେକ ସମସ୍ୟାକୁ ପ୍ରତିହତ କରି ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ହେବ। ମୃଗଶିରା ନକ୍ଷତ୍ରର ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ।

**ମିଥୁନ**
ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ବିବଦମାନ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତଥାପି କୌଶଳରେ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ସାମ୍ନା କରିବା ଧୈର୍ଯ୍ୟ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ**
ଦୁର୍ବଳ କର୍ମାଧିପତି ପ୍ରଭାବରେ ଆକସ୍ମିକ ସ୍ଥାନ ପରିବର୍ତ୍ତନଜନିତ ସମସ୍ୟା ଆସିପାରେ। ନିଜ ଲୋକଙ୍କୁ ଭୁଲ୍ ବୁଝି ପରକଥାକୁ ବିଶ୍ୱାସ କରି ହଇରାଣ ହେବେ। ଆଜି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂର ହେବାର ସମ୍ଭାବନା ରହିଛି ।

**ସିଂହ**
ପଦାଧିକାରୀଙ୍କ ଆଦେଶକୁ ଅବଜ୍ଞା ନ କରି ଯାତ୍ରା କରିବାକୁ ବାଧ ହେବେ। ମନ ବିଚଳିତ ଯୋଗୁ ନିଜକୁ ନିୟନ୍ତ୍ରଣରେ ରଖିପାରିବେ ନାହିଁ। ମଘା ନକ୍ଷତ୍ରର ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**କନ୍ୟା**
ବହୁତ ଦିନରୁ ଲାଗି ରହିଥିବା ଘରୋଇ ସମାସ୍ୟାର ସମାଧାନ ସକାଶେ ଆତ୍ମୀୟ ସାହାଯ୍ୟ କରିପାରନ୍ତି। କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ।

**ତୁଳା**
କର୍ମକ୍ଷେତ୍ରରେ ଟେନସନ ଲାଗିରହିବ। ଆଖିରେ ନଦେଖି କେବଳ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଚିତ୍ରା ନକ୍ଷତ୍ର ହଠାତ୍ ଜଣେ ବନ୍ଧୁଙ୍କ କାମରେ ଯୋଗ ଦେବା ପାଇଁ ମନ ଛଟପଟ ହେବ। ସାହିତ୍ୟ,ରାଜନୀତି,ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା**
ବାରମ୍ବାର ଅସଫଳତା ଇଚ୍ଛାଶକ୍ତିକୁ କମାଇଦେବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଜ୍ୟେଷ୍ଠା ନକ୍ଷତ୍ର ପ୍ରତ୍ୟେକ ସ୍ତରରେ ସହମତି ଭିତ୍ତିରେ କିମ୍ବା ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ସଂଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ**
ପାରିବାରିକ ସମସ୍ୟାରେ ସୁଧାର ଘଟି ମାନସିକ ସ୍ଥିତି ଭଲ ରହିବ। ଇଚ୍ଛା ନ ଥାଇ ବି ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସଙ୍ଗେ ଯିବାକୁ ବାଧ ହେବେ। ଉତ୍ତରାଷାଢ଼ା ନକ୍ଷତ୍ରର ପାରବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର**
ବନ୍ଧୁଙ୍କ ସହ ଆଲୋଚନା ପରିସରରେ ନୀରବତା ଅବଲମ୍ବନ କରିବାକୁ ପସନ୍ଦ କରିବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ରୁଗ୍‌ଣ ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାର ଲକ୍ଷଣ ପ୍ରକାଶ ପାଇବ। ପାଖ ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି।

**କୁମ୍ଭ**
ଦୀର୍ଘ ଦିନରୁ ଅଶାନ୍ତି ଭରି ରହିଥିଲେ ମଧ୍ୟ କାମରେ ଅସୁବିଧା ହେବ ନାହିଁ। ଛୋଟ କଥାକୁ ନେଇ ପଡ଼ୋଶୀମାନେ କଳହ କରିପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ରର ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ବିଶେଷ ମନ୍ଦ ହେବନି।

**ମୀନ**
ଆଜି ଆନୁଷ୍ଠାନିକ କାମରେ ବନ୍ଧୁ, ବୁଦ୍ଧିଜୀବୀ କିମ୍ବା ଆତ୍ମୀୟଙ୍କ ଦ୍ୱାରା ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ, ଶିଳ୍ପ, ବାଣିଜ୍ୟ ଏବଂ ନିର୍ମାଣ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ଘଟିବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଜମିଜମା, କଳକାରଖାନା, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ ହେବେ।

ଆଜି ଜ୍ୟେଷ୍ଠ କୃଷ୍ଣ ନବମୀ ଗୁରୁବାର, ଶ୍ରୀକ୍ଷେତ୍ରେ ଭଉଁରୀ, ଜୁନ୍ ୩ ତାରିଖ, ରାଶିନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଦିବା ଘ.୧୨।୦୮ ଗତେ, ମୀନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୩।୪୧ ଗତେ, ଘ.୦୬।୧୮ ମଧ୍ୟେ ଅମୃତ ବେଳା। ସକାଳ ଘ.୦୫।୧୦ ଗତେ, ଘ.୦୬।୦୩ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୧।୧୮ ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୦୧।୨୩ ଗତେ, ଘ.୦୩।୦୧ ମଧ୍ୟେ ରାହୁକାଳ।

# ନାବାଳିକାଙ୍କୁ ଦ୍ୱିତୀୟ ବିବାହ କରି ଯୁବକ ଗିରଫ

ଧର୍ମଶାଳା,୨।୬(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ଜାରକା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦ୍ୱିତୀୟ ବିବାହ କରିବା ଅଭିଯୋଗରେ ପୋଲିସ୍ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଟାଉନ୍ ଥାନା ଅଧୀନ ଗୋପାଳପୁର ଗ୍ରାମର ରଶ୍ମିରଞ୍ଜନ ମହାପାତ୍ର। ରଶ୍ମିରଞ୍ଜନ କିଛି ବର୍ଷ ହେଲା ଜାରକା ଅଞ୍ଚଳରେ ରହି କାଠମିସ୍ତ୍ରୀ ଭାବେ କାମ କରୁଥିଲେ। ୩ବର୍ଷ ପୂର୍ବେ ତରଞ୍ଜିଆ ଗ୍ରାମରେ ବିବାହ କରିଥିଲେ। ତେବେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ରଶ୍ମିରଞ୍ଜନ ସ୍ତ୍ରୀଙ୍କୁ ଛାଡି ଜାରକା ନିକଟସ୍ଥ ଭଡାଘରେ ରହୁଥିଲେ। ତେବେ ଭଡାଘର ମାଲିକଙ୍କ ନାବାଳିକା ଝିଅ ସହିତ ରଶ୍ମିରଞ୍ଜନଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଗତ ବର୍ଷ ସେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.-୨୨୬/୨୦ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହାରି ଭିତରେ ନାବାଳିକା ଏବେ ସାବାଳିକ ହୋଇ ଯାଇଛନ୍ତି। ରଶ୍ମିରଞ୍ଜନ ତାଙ୍କୁ ସାଙ୍ଗରେ ନେଇ ନିକଟସ୍ଥ ଭବାନୀପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ଏକ ଭଡା ଘରେ ରହୁଥିଲେ। ଖବର ପାଇ ଜାରକା ପୋଲିସ ବିଟ ହାଉସ ଅଧିକାରୀ ରାଜକିଶୋର ନାୟକ ସେଠାରେ ଚଢଉ କରି ରଶ୍ମିରଞ୍ଜନଙ୍କୁ ଗିରଫ କରିଥିଲେ। ଅପହୃତା ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ଯୁବତୀଙ୍କ ୨ ମାସର ଏକ ଶିଶୁ କନ୍ୟା ରହିଥିବା ଜଣାପଡ଼ିଛି। ତେବେ ଉଭୟ ଝିଅ ଓ ମା'ଙ୍କୁ ତାଙ୍କ ପରିବାର ଲୋକ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ସୂଚନା ମିଳିଛି। ବୁଧବାର ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରାଇବା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ଯୁବତୀଙ୍କ ବୟାନ ରେକର୍ଡ କରିଛି।

# ଯୁବକଙ୍କ ମୃତ ଦେହ ଜବତ, ହତ୍ୟା ସନ୍ଦେହ

ଯାଜପୁର ସଦର,୨।୬(ଡି.ଏନ.ଏ.)-ଯାଜପୁର ସଦର ଥାନା ଅନ୍ତର୍ଗତ ଦେବିଲି ପଞ୍ଚାୟତ ମହମଦାପୁର ପଡିଆରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସେହି ଗ୍ରାମ କଣ୍ଟିଆସାହିର ବିଦ୍ୟାଧର ଖୁଣ୍ଟିଆ(୨୮)। ମଙ୍ଗଳବାର ରାତିରୁ ବିଦ୍ୟାଧର ଘରୁ ବାହାରିବା ପରେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ବୁଧବାର ସକାଳୁ ତାଙ୍କ ମୃତ ଦେହକୁ ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ତେବେ ବିଦ୍ୟାଧରଙ୍କୁ କେହି ହତ୍ୟା କରି ଫିଙ୍ଗି ଦିଆଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ଯାଜପୁର ସଦର ଥାନା ଅଧିକାରୀ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଡାକେ ଡରି କଡାକେ ମରି
କଡ଼ାଏ କଉଡ଼ି ବେଉତି ପାରିଲେ
ସୁନା କଳସରେ ଚିରାଳ ମାରି।**

ଘର ସଂସାର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡିଥାଏ। ଜଞ୍ଜାଳ କୁ ଡରି ନ ଯାଇ ଯିଏ ଦୃଢ଼ ଭାବେ ମୁକାବିଲା କରେ ସିଏ ହିଁ ସବୁ କ୍ଷେତ୍ରରେ ସଫଳ ହୋଇଥାଏ। ସ୍ୱଳ୍ପ ଆୟରେ ଯିଏ ଘର ସଂସାର ସୁରୁଖୁରୁରେ ଚଳାଇ ଦିଏ ସେ ହିଁ ପ୍ରଶଂସାର ପାତ୍ର ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଇଁଆ ପତରେ ଛାଇଲି ଘର
ମେଘ ବରଷଇ ଦର ଦରା**

କଇଁଆ ପତରରେ ଘର ଛାଆଣି କରିବା ମୂର୍ଖାମିର ପରିଚୟ ହୋଇଥାଏ। ଏପରି ଛାଆଣିରେ ଫାଙ୍କ ରହୁଥିବାରୁ ଏଥିରେ ଦିନବେଳା ସୂର୍ଯ୍ୟ ଓ ରାତିରେ ତାରା ଦେଖାଯିବା ଥୟ। ଅର୍ଥାଭାବରୁ ଏପରି ଘରଛାଆଣି କଲେ ବର୍ଷାଦିନେ ହଇରାଣ ହରକତ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

## ପ୍ରଥମ ପୃଷ୍ଠାରୁ...

### ଟିକା ନୀତି ସ୍ୱେଚ୍ଛାଚାରୀ...

ବୁଧବାର ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଖଣ୍ଡପୀଠ ଏଥିରେ କହିଛନ୍ତି, ଖବର ମିଳୁଛି ଯେ ୧୮-୪୪ ବର୍ଷ ବୟସ୍କ ଲୋକେ କୋଭିଡ୍-୧୯ରେ ଆକ୍ରାନ୍ତ ହେବା ସହ ସେମାନଙ୍କ ଅବସ୍ଥା ଅତି ଗମ୍ଭୀର ହୋଇଯାଉଛି। ସେମାନଙ୍କୁ ଦୀର୍ଘ ସମୟ ଧରି ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡୁଛି। ଏପରି କି ବହୁ କ୍ଷେତ୍ରରେ ଏଭଳି ରୋଗୀଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ମହାମାରୀର ପରିବର୍ତ୍ତିତ ରୂପର ଭୟାବହତାକୁ ଦେଖି ଏହି ବୟସ ବର୍ଗର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ନୀତି କରାଯିବାର ଆବଶ୍ୟକତା ଅନୁଭୂତ ହେଉଛି। ତେବେ ବୈଜ୍ଞାନିକ ଆଧାରରେ ବିଭିନ୍ନ ଆୟୁ ବର୍ଗର ଲୋକଙ୍କୁ ଟିକା ଦେବାରେ ପ୍ରାଥମିକତାକୁ ବଜାୟ ରଖାଯାଇପାରେ। ହେଲେ କେନ୍ଦ୍ର ପକ୍ଷରୁ ପ୍ରଥମ ଦ୍ୱିତୀୟ ପର୍ଯ୍ୟାୟରେ ମାଗଣାରେ ଟିକା ଦିଆଯିବା ଏବଂ ୧୮-୪୪ ବର୍ଷୀୟଙ୍କ ପାଇଁ ରାଜ୍ୟ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ଭାକ୍ସିନ ପାଇଁ ଅର୍ଥ ପଇଠ କରିବା ପ୍ରଥମ ଦୃଷ୍ଟିରେ ସ୍ୱେଚ୍ଛାଚାରୀ ଓ ଅଯୌକ୍ତିକ ଭଳି ମନେହେଉଛି। ଟିକାକରଣ ପାଇଁ କେନ୍ଦ୍ରୀୟ ବଜେଟରେ ୩୫,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ସେହି ଅର୍ଥରୁ ଏହି ସାବାଳକମାନଙ୍କୁ କାହିଁକି ଟିକା ଦିଆଯାଉ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି, କେନ୍ଦ୍ର ସରକାରଙ୍କ ସମସ୍ତ ଟିକା ଅଧିଗ୍ରହଣ ନିର୍ଦ୍ଦେଶନାମା, ଭାକ୍ସିନ ଅର୍ଡରର ପରିମାଣ ଏବଂ ଯୋଗାଣ ତାରିଖ ସମ୍ପର୍କରେ ସତ୍ୟପାଠରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ସେହିପରି ମୋଟ ଜନସଂଖ୍ୟାର କେତେ ପ୍ରତିଶତଙ୍କୁ ଗୋଟିଏ ଏବଂ ଦୁଇଟି ଲେଖାଏ ଡୋଜ୍ ଦିଆଯାଇଛି ଅଦାଲତ ସେହି ତଥ୍ୟ ମାଗିଛନ୍ତି। ଦେଶର ଅବଶିଷ୍ଟ ଲୋକଙ୍କୁ କେବେ ଓ କିପରି ଭାକ୍ସିନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ରହିଛି, ତାହାର ମଧ୍ୟ ବିବରଣୀ ମାଗିଛନ୍ତି। ୨ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଧାର୍ଯ୍ୟ ତାରିଖ ପୂର୍ବରୁ ଜବାବ ଦାଖଲ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମଧ୍ୟ ସତ୍ୟପାଠ ମାଗିଛନ୍ତି, ଯେଉଁଥିରେ ସମ୍ପୃକ୍ତ ସରକାରମାନେ ମାଗଣାରେ ଟିକା ଦେଉଛନ୍ତି କି ନାହିଁ ସ୍ପଷ୍ଟ କରିବେ।

### କେନ୍ଦ୍ର ଟିକା କିଣି...

କରିବା ନେଇ ସରକାର ସଂଶୋଧନ କରିଛନ୍ତି। ଏହା ସତ୍ତ୍ୱେ ଟେଣ୍ଡର ଜରିଆରେ ଟିକା କିଣିବା ନେଇ ଉଦ୍ୟମ ସଫଳ ହେବନାହିଁ ଆଶଙ୍କା କରି ରାଜ୍ୟ ସରକାର ବୁଧବାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ଲେଖିଥିବା ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ ଗତ ୧ ବର୍ଷ ହେବ କୋଭିଡ୍-୧୯ ମହାମାରୀ ବିଶ୍ୱର ସମସ୍ତ ଦେଶକୁ ପ୍ରଭାବିତ କରିଛି। ଅଧିକାଂଶ ଦେଶରେ ଏହି ମହାମାରୀର ଅନେକ ଲହର ଦେଖିବାକୁ ମିଳିଛି। ଭାରତ ମଧ୍ୟ ଏଥିରୁ ବାଦ୍ ଯାଇନାହିଁ। ଆମେ ଭୂତାଣୁର ଦୁଇଟି ଲହର ସମ୍ମୁଖୀନ ହୋଇଛୁ। ଏହି ମହାମାରୀର ଦ୍ୱିତୀୟ ଲହର ପରେ ଭବିଷ୍ୟତରେ ଆଉ କେତେ ଲହର ଆସିବ ତାହା କହିବା ମୁସ୍କିଲ। ଦେଶର ପ୍ରତ୍ୟେକ ନାଗରିକ ଏହି ମହାମାରୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। କେହି ମୃତ୍ୟୁମୁଖରେ ପଡ଼ିଥିବା ବେଳେ କେହି ଜୀବିକା ହରାଇଛନ୍ତି। ଏହାର ପ୍ରଭାବରୁ କେହି ବର୍ତ୍ତିପାରି ନାହାନ୍ତି। ଟିକା ଦ୍ୱାରା ମହାମାରୀର ଭବିଷ୍ୟତ ଲହରରୁ ଲୋକଙ୍କୁ ରକ୍ଷା କରାଯାଇ ପାରିବ। ବିଭିନ୍ନ ଦେଶ ଟିକାକରଣ କାର୍ଯ୍ୟକ୍ରମ ଯୋଗୁ କୋଭିଡ୍ ନିୟନ୍ତ୍ରଣରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି। ଯଦି ଯୁଦ୍ଧକାଳୀନଭିତ୍ତିରେ ଟିକାକରଣକୁ ପ୍ରାଧାନ୍ୟ ଦିଆଯିବ ନାହିଁ ତେବେ କୌଣସି ରାଜ୍ୟ ସୁରକ୍ଷିତ ବୋଲି କୁହାଯାଇପାରିବ ନାହିଁ ।
ଚିଠିରେ ଦୁଇଟି କଥା ଉପରେ ନବୀନ ଗୁରୁତ୍ୱ ଦେଇଛନ୍ତି। ଗୋଟିଏ ହେଲା କେନ୍ଦ୍ର ସରକାର ଟିକା କିଣି ରାଜ୍ୟଗୁଡ଼ିକୁ ଯୋଗାଇବା ଆବଶ୍ୟକ ଏବଂ ଦ୍ୱିତୀୟଟି ହେଲା ଟିକାକରଣ ଯୋଜନାର ବିକେନ୍ଦ୍ରୀକରଣ ସାଙ୍ଗକୁ ଟିକାଦାନ ପଦ୍ଧତିକୁ ସରଳୀକରଣ କରି ରାଜ୍ୟକୁ ନିଷ୍ପତ୍ତି ନେବା ପାଇଁ ସୁଯୋଗ ଦେବା ଦରକାର। ଇଣ୍ଟରନେଟ୍ ସୁବିଧା ନ ଥିବାରୁ ଦୁର୍ଗମ ଓ ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଲୋକମାନେ ଟିକା ନେବା ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିପାରୁ ନାହାନ୍ତି। ସେମାନଙ୍କୁ ଟିକା ଦେବା ଲାଗି ନିଜସ୍ୱ ନୀତି ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଅନୁମତି ଦେବା ଆବଶ୍ୟକ। ସ୍ୱାଧୀନତା ଆନ୍ଦୋଳନ ପରେ ସମ୍ଭବତଃ କରୋନା ବିରୋଧରେ ଲଢ଼େଇ ଦେଶବାସୀଙ୍କ ପାଇଁ ଦ୍ୱିତୀୟ ସର୍ବବୃହତ୍ ସଂଘର୍ଷ ଭାବେ ଉଭା ହୋଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜନୈତିକ ଓ ବ୍ୟକ୍ତିଗତ ଦ୍ୱେଷ ବିଦ୍ୱେଷରୁ ଊର୍ଦ୍ଧ୍ୱକୁ ଉଠି ସଂଘୀୟ ବ୍ୟବସ୍ଥା ଆଧାରରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ନବୀନ କହିଛନ୍ତି।

୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକାକରଣ କରିବା ଘୋଷଣା ପରେ ଟିକାର ଆବଶ୍ୟକତା ବଢ଼ିଛି । ଫଳରେ ଟିକାର ଚାହିଦା ମେଣ୍ଟାଇବା ପାଇଁ ବିଭିନ୍ନ ରାଜ୍ୟ ସରକାର ବିଶ୍ୱ ବଜାରରୁ ଟିକା କିଣିବା ପାଇଁ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ଟିକା ପ୍ରସ୍ତୁତ କରୁଥିବା ଆନ୍ତର୍ଜାତିକ ସଂସ୍ଥାମାନେ ରାଜ୍ୟ ସରକାରଙ୍କୁ ଟିକା ଯୋଗାଇବା ସକାଶେ କେନ୍ଦ୍ର ସରକାରଙ୍କ ଅନୁମତି ଓ ଗ୍ୟାରେଣ୍ଟି ଆବଶ୍ୟକ କରୁଛନ୍ତି। ଆନ୍ତର୍ଜାତିକ ସଂସ୍ଥା ସିଧାସଳଖ ରାଜ୍ୟ ସରକାରଙ୍କ ସହ ଟିକା କାରବାର କରିବାକୁ ଚାହୁଁନାହାନ୍ତି। ଅନ୍ୟପକ୍ଷରେ ଦେଶ ଭିତରେ ଥିବା ଟିକା ପ୍ରସ୍ତୁତକାରୀ ସଂସ୍ଥାଗୁଡ଼ିକ ଆବଶ୍ୟକ ପରିମାଣରେ ଟିକା ଯୋଗାଇବା ପାଇଁ ସମର୍ଥ ହେଉ ନାହାନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନାରୁ ରକ୍ଷା ପାଇବାର ଏକମାତ୍ର ରାସ୍ତା ହେଉଛି ଟିକାକରଣ। ଯେଉଁ ଦେଶଗୁଡ଼ିକ ଟିକାକରଣଙ୍କୁ ଗୁରୁତ୍ୱ ଦେଉଛନ୍ତି ସେହି ଦେଶରେ କରୋନା ସ୍ଥିତିରେ ସୁଧାର ଆସିଛି। ରାଜ୍ୟ ସରକାରମାନେ ଟିକାକରଣକୁ ନେଇ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିବା ଅପେକ୍ଷା ଯଥାଶୀଘ୍ର କିଭଳି ସମସ୍ତଙ୍କୁ ଟିକା ମିଳିବ ସେ ଦିଗରେ ଉଦ୍ୟମ କରିବା ଆବଶ୍ୟକ ରହିଛି । ମୁଖ୍ୟମନ୍ତ୍ରୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ୬ ଜଣ ମୁଖ୍ୟମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଭାବେ ଟେଲିଫୋନ୍‌ରେ କଥା ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ଅଛନ୍ତି । ନବୀନ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମର୍ଥନ କରିଛନ୍ତି। ଏଥିସହିତ ଟିକାକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦିଗରେ କ୍ଷମତାର ବିକେନ୍ଦ୍ରୀକରଣ ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବକୁ ମଧ୍ୟ ମମତା ସମର୍ଥନ କରିଛନ୍ତି । ନବୀନଙ୍କ ଚିଠି ସହିତ ଅନ୍ୟ ରାଜ୍ୟମାନେ ସହମତ ହେଲେ କେନ୍ଦ୍ର ସରକାରଙ୍କ ଉପରେ ଏକ ବଡ଼ ଚାପ ସୃଷ୍ଟି ହେବ। କେନ୍ଦ୍ର ସରକାର ଟିକା ବାବଦରେ ନବୀନଙ୍କ ପ୍ରସ୍ତାବକୁ ଗ୍ରହଣ କରିପାରନ୍ତି ବୋଲି ଆଶା କରାଯାଉଛି। ସମଗ୍ର ଦେଶ ପାଇଁ ଟିକା ବ୍ୟବସ୍ଥା କ୍ଷେତ୍ରରେ ନବୀନଙ୍କ ଚିଠିକୁ ନେଇ ଚର୍ଚ୍ଚା ଜୋର ଧରିଛି।

### ପରଲୋକରେ ବିଜୟଶ୍ରୀ ...

ଏହି ଖବର ଜଣାପଡ଼ିବା ପରେ ବାସୁଦେବପୁର ସମେତ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ରାଉତରାୟଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଥିସହ ତାଙ୍କ ପୁଅ ତଥା ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ଫୋନ୍‌ରେ କଥା ହୋଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ବିଜୟଶ୍ରୀ ରାଉତରାୟ ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ, ଜଙ୍ଗଲ ଓ ପରିବେଶ, ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ। ଜଣେ ସଫଳ ରାଜନେତା ଭାବେ ବାସୁଦେବପୁର ନିର୍ବାଚନମଣ୍ଡଳୀରେ ନିଜର ପ୍ରଭାବ ବିସ୍ତାର କରିପାରିଥିଲେ। ସ୍ୱର୍ଗତ ରାଉତରାୟ ଥିଲେ ବିଜେଡିର ପ୍ରତିଷ୍ଠାତା ସଭ୍ୟ। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପୁଅ ମଧ୍ୟ। ଅଧ୍ୟାପକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ରାଉତରାୟ ୧୯୮୦ ଏବଂ ୧୯୮୫ରେ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ତେବେ ୧୯୯୦ ପରଠାରୁ କ୍ରମାଗତ ୬ ଥର ବାସୁଦେବପୁର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ରେକର୍ଡ ସୃଷ୍ଟି କରିଥିଲେ। ଜଣେ ନିର୍ବିବାଦୀୟ ନେତା ଭାବେ ବେଶ୍ ପରିଚିତ ରାଉତରାୟ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶରେ ବିଶ୍ୱକର୍ମା ସାଜିଥିଲେ। ତେବେ ୨୦୧୯ ନିର୍ବାଚନ ସମୟରେ ସେ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ତାଙ୍କ ପୁଅ ବିଷ୍ଣୁବ୍ରତ ବର୍ତ୍ତମାନ ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଧାୟକ ଅଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଶୋକବାର୍ତ୍ତାରେ ସ୍ୱର୍ଗତ ରାଉତରାୟଙ୍କୁ ଜଣେ ଲୋକପ୍ରିୟ ରାଜନେତା ତଥା ଅମାୟିକ ବ୍ୟକ୍ତିତ୍ୱ ବୋଲି ଉଲ୍ଲେଖ କରିଛନ୍ତି। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କ ପ୍ରିୟଭାଜନ ଥିଲେ। ରାଜ୍ୟ ସରକାରଙ୍କ ମନ୍ତ୍ରୀ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିଥିଲେ। ତାଙ୍କର ବିୟୋଗ ଏକ ବିରାଟ କ୍ଷତି। ଲୋକାଭିମୁଖୀ କାର୍ଯ୍ୟ ପାଇଁ ସେ ଚିରସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ୧୫ ଲକ୍ଷ କୋଟିର ...

ଖର୍ଚ୍ଚ କମାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି। ଏହା ମଧ୍ୟରେ ବ୍ୟବସାୟ ସହ ଜଡ଼ିତ ବିଭିନ୍ନ ଖର୍ଚ୍ଚ ଏବଂ କର୍ମଚାରୀ ହ୍ରାସ ମଧ୍ୟ ସାମିଲ ରହିଛି। ଗତ ବର୍ଷର ଲକ୍‌ଡାଉନ ଏବଂ ଦ୍ୱିତୀୟ ଲହର ଲକ୍‌ଡାଉନ କାରଣରୁ କାରବାର ଅହେତୁକ ଭାବେ କମିଥିବା ବେଳେ ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ଆୟର ସ୍ରୋତ ବନ୍ଦ ହେବାରୁ ଏହାକୁ ନେଇ ବ୍ୟବସାୟୀମାନେ ଚିନ୍ତାରେ ଅଛନ୍ତି। ପୂର୍ବରୁ ଯେଉଁଭଳି ଖର୍ଚ୍ଚ ବ୍ୟବସାୟ ପାଇଁ କରାଯାଉଥିବା ତାହା ମଧ୍ୟ କରିବା କଷ୍ଟକର ହୋଇପଡୁଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

କରୋନା କାରଣରୁ ଖୁଚୁରା ବ୍ୟବସାୟୀମାନେ ବେଶି କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ମହାରାଷ୍ଟ୍ରରେ ଏହି ବର୍ଗରେ ବ୍ୟବସାୟୀ ମାନେ ୧.୫ ଲକ୍ଷ କୋଟି, ଦିଲ୍ଲୀରେ ୪୦ ହଜାର କୋଟି, ଗୁଜରାଟରେ ୭୫ ହଜାର କୋଟି, ଉତ୍ତର ପ୍ରଦେଶରେ ୮୫ ହଜାର କୋଟି, ମଧ୍ୟପ୍ରଦେଶରେ ୪୫ ହଜାର କୋଟି, ରାଜସ୍ଥାନରେ ୩୫ ହଜାର କୋଟି ଏବଂ ଛତିଶଗଡ଼ରେ ବ୍ୟବସାୟୀ ୨୭ ହଜାର କୋଟି କାରବାର କ୍ଷତି ସହିଛନ୍ତି। କରୋନା ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆର୍ଥିକ ସ୍ଥିତି ବିଗିଡ଼ିଥିବାରୁ ପ୍ରାୟ ୩୦ରୁ ୪୦% କର୍ମଚାରୀ ଛଟେଇ ହେବା ଆଶଙ୍କା ଉପୁଜିଛି।

### ଗୋଇନ୍ଦା, ସୁରକ୍ଷା ଅଧିକାରୀଙ୍କ ...

ପୂର୍ବତନ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ଯେଉଁସବୁ ବିଷୟ ପ୍ରକାଶିତ କରାଯାଇପାରିବ ନାହିଁ, ସେଗୁଡ଼ିକ ହେଲା ଉକ୍ତ ସଂଗଠନର କାର୍ଯ୍ୟକ୍ଷେତ୍ର, କୌଣସି କର୍ମଚାରୀ ଓ ତାଙ୍କ ପଦବୀର ସୂଚନା ଏବଂ ସେଠାରେ କାର୍ଯ୍ୟ କରିଥିବା ହେତୁ ହାସଲ କରିଥିବା ଅଭିଜ୍ଞତା। ଏହା ବ୍ୟତୀତ ସମ୍ବେଦନଶୀଳ ସୂଚନା, ଯାହା ପ୍ରଘଟ କଲେ ଭାରତର ସାର୍ବଭୌମତ୍ୱ ଏବଂ ସଂହତି ପ୍ରଭାବିତ ହେବ, ଯଥା ସୁରକ୍ଷା, ରଣକୌଶଳ, ଦେଶର ବୈଜ୍ଞାନିକ ଓ ଅର୍ଥନୈତିକ ସ୍ୱାର୍ଥ, ବାହାର ଦେଶ ସହ ସମ୍ପର୍କ କିମ୍ବା ଯାହା ପ୍ରକାଶ କରିବା ଦ୍ୱାରା ଅପରାଧକୁ ପ୍ରୋତ୍ସାହିତ କରିବ, ସେଗୁଡ଼ିକୁ ବିନା ଅନୁମତିରେ ପ୍ରକାଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ କରାଯିବାକୁ ଥିବା ପ୍ରସ୍ତାବିତ ବିଷୟ ସମ୍ବେଦନଶୀଳ କି ନୁହେଁ ଏବଂ ତାହା ସଂସ୍ଥାର କାର୍ଯ୍ୟ ପରିସର ମଧ୍ୟରେ ଆସୁଛି କି ନାହିଁ ସେ ସମ୍ପର୍କରେ ସଂସ୍ଥାର ମୁଖ୍ୟଙ୍କୁ ନିଷ୍ପତ୍ତି ନେବାର ଅଧିକାର ଦିଆଯାଇଛି।


**classifieds Everyday** 0674-2580101, 2549302




**SALE**

Ready to move 2BHK flat(1st floor), 1150sqft. Near Mount Litera Zee School, Kateni, Bhubaneswar. Immediate for sale. Contact- 9937162220. Price - 30Lakhs**.
D-20819

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813.
D-70848




Monalisa massage club : All types body massage with hiprofile smart lady rooms service available 9708545108.
D-20823

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଅଚ୍ୟୁତପୁର ପଞ୍ଚାୟତ ନାଲସିଂହ(ଜଗନ୍ନାଥପୁର) ଗ୍ରାମରେ ବୁଧବାର ବଜ୍ରପାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୃପାସିନ୍ଧୁ ତାଡ଼(୧୫)। ସେ ଦଶମ ଶ୍ରେଣୀରେ ପଢୁଥିବା ଜଣାପଡିଛି। ସୂଚନା ମୁତାବକ, କୃପାସିନ୍ଧୁ ପ୍ରାୟ ଅପରାହ୍ନ ୧ଟାରେ ପୋଖରୀରୁ ଗାଧୋଇ ଘରକୁ ଫେରୁଥିବା ବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଏଥିରେ କୃପାସିନ୍ଧୁ ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



**ସଂକ୍ଷେପରେ**

## ୫୧ ଗ୍ରାମ ବ୍ରାଉନସୁଗାର ଜବତ, ୨ଗିରଫ

ଭୁବନେଶ୍ୱର,୨।୬(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର କରୁଥିବା ଅଭିଯୋଗରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ଏଥିସହ ସୋମନଙ୍କ ନିକଟରୁ ୫୧ଗ୍ରାମ ବ୍ରାଉନ୍‌ସୁଗାର ସହ ଚୋରା କାରବାରରେ ବ୍ୟବହୃତ ବାଇକ୍ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟହେଲେ ସ୍ଥାନୀୟ ବୁଦ୍ଧେଶ୍ୱରୀ କଲୋନୀର ଡମ୍ବରୁଧର ବିଶ୍ୱାଳ ଓ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ଶେକ ୟାସିନ। ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳରେ ଡମ୍ବରୁଧର ଏବଂ ୟାସିନ୍ ବ୍ରାଉନସୁଗାର ବେପାର କରୁଥିବାନେଇ ବୁଧବାର ସକାଳେ ପୋଲିସକୁ ବିଶେଷସୂତ୍ରରୁ ସୂଚନା ମିଳିଥିଲା। ପୋଲିସ ସେଠାରେ ତୁରନ୍ତ ଚଢ଼ାଉ କରି ଘଟଣାସ୍ଥଳରୁ ୨ଅଭିଯୁକ୍ତଙ୍କୁ ଧରିବା ସହ ଯାଞ୍ଚ କରିଥିଲା। ସେମାନଙ୍କ ନିକଟରୁ ୫୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨୮୧/୨୧) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


## ଚାଷୀ ପଞ୍ଜୀକରଣ ଅନିୟମିତତାର ତଦନ୍ତ ନିର୍ଦ୍ଦେଶ

ସାକ୍ଷୀଗୋପାଳ,୨।୬(ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ଦାଶବିଦ୍ୟାଧରପୁର ସୋ ସମବାୟ ସମିତି ପକ୍ଷରୁ ରବିରତୁରେ ଧାନ ବିକ୍ରୟ କରିବା ନିମନ୍ତେ ଚାଷୀ ପଞ୍ଜୀକରଣରେ ଅନିୟମିତତା ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ପୁରୀ ସହକାରୀ ଉପନିବନ୍ଧକ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପଞ୍ଚାୟତର ବସନ୍ତପୁର ଗ୍ରାମର ସୁରେନ୍ଦ୍ର ସାହୁ ଓ ଅନ୍ୟ ଚଷୀମାନଙ୍କ ଅଭିଯୋଗକ୍ରମେ ତଦନ୍ତ କରି ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ସ୍ଥାନୀୟ ସମବାୟ ସମ୍ପ୍ରସାରଣ ଅଧିକାରୀଙ୍କୁ ଏଆର୍‌ସିଏସ୍, ପୁରୀଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୫୮/ତା ୨. ୬. ୨୧ରେ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ରବିରତୁରେ ଚାଷୀମାନେ ଧାନ ଅମଳ କରି ବଳକା ଧାନ ବିକ୍ରି କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କର ନାମ ପଞ୍ଜୀକରଣ ନ ହେବାରୁ ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଫଳରେ ସରକାରୀ ଧାର୍ଯ୍ୟ ଦରଠାରୁ ୫ଶହ ଟଙ୍କାରୁ କମ ମୂଲ୍ୟରେ ବେପାରୀଙ୍କୁ ଧାନ ବିକ୍ରି କରି କ୍ଷତିର ସମ୍ମୁଖୀନ ହେଉଛନ୍ତି। କରୋନା ମହାମାରୀ ସାଙ୍ଗକୁ ଧାନଚାଷରେ ମାତ୍ରାଧିକ ଅର୍ଥବ୍ୟୟ କରି କମ୍‌ଦରରେ ଧାନ ବିକ୍ରି କରୁଥିବାରୁ, ଏହି ସମସ୍ୟା ଦୂର କରିବା ନିମନ୍ତେ ପୁରୀ ଜିଲାପାଳ, ଖାଦ୍ୟ ଯୋଗାଣ ଅଧିକାରୀ ଓ ସମବାୟ ସମ୍ପ୍ରସାରଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ନୂଆ ବିପିଏଲ୍ ତାଲିକା ପ୍ରସ୍ତୁତିରେ ଅନିଶ୍ଚିତତା

କଟକ ସଦର, ୨।୬(ଡି.ଏନ.ଏ.)

ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିପିଏଲ ଗାଇଡ୍‌ଲାଇନ୍ ପ୍ରସ୍ତୁତ ହୋଇଥିଲା। ଏହି ଗାଇଡ୍‌ଲାଇନ୍ ଅନୁଯାୟୀ ବିପିଏଲ୍ ତାଲିକା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାର ସବୁ ରାଜ୍ୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ତଦନୁଯାୟୀ, ୧୯୯୨ ମସିହାରେ ପ୍ରଥମଥର ଓଡ଼ିଶା ସରକାରଙ୍କ ପକ୍ଷରୁ ବିପିଏଲ୍ ତାଲିକା ପ୍ରକାଶ ପାଇଥିଲା। ଏହାର ୫ ବର୍ଷ ପରେ ଅର୍ଥାତ୍ ୧୯୯୭ରେ ପୁନର୍ବାର ସର୍ଭେ କରାଯାଇଥିଲା। ପ୍ରସ୍ତୁତ ତାଲିକା କାର୍ଯ୍ୟକାରୀ ହେବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ରାଜ୍ୟ ପଞ୍ଚାୟତିରାଜ ବିଭାଗ ସମୟସୀମା ନିର୍ଦ୍ଧାରଣ କରିଥିଲା। ଇତିମଧ୍ୟରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ନୂତନ ଗାଇଡ୍‌ଲାଇନ୍ ଆସି ନ ଥିବାରୁ ନୂଆ ବିପିଏଲ୍ ତାଲିକା ପ୍ରସ୍ତୁତିରେ ଅନିଶ୍ଚିତତା ଦେଖାଦେଇଛି ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ୱାରା ଜାରି ହୋଇଥିବା ସୂଚନାରୁ ଜଣାପଡିଛି। ଫଳରେ କେନ୍ଦ୍ର ସରକାରଙ୍କ ସମୟକୁ ସମୟ ଘୋଷିତ ସମସ୍ତ ସୁବିଧା କେବଳ ୧୯୯୭ ମସିହାର ବିପିଏଲ୍ ହିତାଧିକାରୀମାନେ ପାଉଛନ୍ତି। ଯେପରି ଜାତୀୟ ପରିବାର ମଙ୍ଗଳ ଯୋଜନା, ଇନ୍ଦିରା ଗାନ୍ଧୀ ପେନ୍‌ସନ, ରାଜୀବ ଓ ଦୀନ୍‌ଦୟାଲ ଜ୍ୟୋତି ଯୋଜନାରେ ମାଗଣା ବିଦ୍ୟୁତ୍ ଲାଇନ୍, ମାଗଣା ଉଜ୍ଜ୍ୱଳା ଗ୍ୟାସ୍ ସଂଯୋଗ ଭଳି ସୁବିଧା ଅନ୍ତର୍ଭୁକ୍ତ। ୨୦୧୬ରେ ପ୍ରକାଶିତ ଏସ୍‌ଇସିସି(ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ଗଣନା)ରେ ଥିବା ହିତାଧିକାରୀମାନେ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇପାରୁନାହାନ୍ତି। କାରଣ ଉକ୍ତ ତାଲିକାରେ ଥିବା ଗରିବ ପରିବାରକୁ କେନ୍ଦ୍ର ସରକାର ବିପିଏଲ୍ ହିତାଧିକାରୀ ଭାବେ ମାନ୍ୟତା ଦେଇନାହାନ୍ତି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅନୁଶାସନ ସଚିବ ପତ୍ରସଂଖ୍ୟା ପିଆର-ପିଇ ଆଣ୍ଡ ଏସ୍‌ଡି-ଏସ୍‌ଇସିସି-୦୦୦୬-୨୦୧୭/୭୦୬୯/୧୫।୪।୨୧ରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ ୧୯୯୭ ବିପିଏଲ୍ ତାଲିକାରେ ଥିବା ହିତାଧିକାରୀମାନେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁବିଧା ପାଇସାରିଛନ୍ତି। ତେଣୁ ୨୦୧୬ ଏସ୍‌ଇସିସି ତାଲିକାରୁ ମନୋନୟନ କରି ଓଡ଼ିଶା ସରକାରଙ୍କ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅନୁଶାସନ ସଚିବ ଏଲ୍. ନାୟକ ପତ୍ରସଂଖ୍ୟା ୪୬୪୭/୯।୩।୨୧ରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୬ଏସ୍‌ଇସିସି ତାଲିକାରେ ରାଜ୍ୟର ୮୬,୭୭,୬୧୫ ଗ୍ରାମୀଣ ପରିବାର ବସବାସ କରୁଥିବା ଜଣାପଡିଛି।



ଭଉଁରି ଯାତ୍ରା ଅବସରରେ ରଥରେ ପ୍ରଥମ ଚକ ଲଗାଯିବା ଦୃଶ୍ୟକୁ ପୁରୀର ଶିଳ୍ପୀ ସୂର୍ଯ୍ୟକାନ୍ତ ଦାସ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶନ କରିଛନ୍ତି।

## ସାଉଦିରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ବାଣପୁର,୨।୬(ଡି.ଏନ୍.ଏ.)

ସାଉଦି ଆରବରେ ମଙ୍ଗଳବାର ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଗମେଇ ଗ୍ରାମର ରମେଶ ଜେନା(୩୯)। ଅନ୍ୟପଟେ ରମେଶ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମୃତଦେହ କିପରି ଗ୍ରାମକୁ ଫେରିବ ସେ ନେଇ ପରିବାର ପକ୍ଷରୁ ଜିଲା ପ୍ରଶାସନ ଓ ଜନ ପ୍ରତିନିଧିଙ୍କୁ ଅନୁରୋଧ କରାଯାଇଛି। ସୂଚନା ମୁତାବକ, ରମେଶ ପ୍ରାୟ ୭ବର୍ଷ ହେବ ସାଉଦିର ଜେଦା ସହରର ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଦେଢ଼ ବର୍ଷ ପୂର୍ବେ ରମେଶ ଗ୍ରାମକୁ ଆସିବା ପରେ ପୁଣି କିଛିମାସ ପୂର୍ବେ ସାଉଦିକୁ ଯାଇଥିଲେ। ମଙ୍ଗଳବାର କୌଣସି କାରଣକୁ ରମେଶ ଏକ ରଶିରେ ଆତ୍ମହତ୍ୟା କରିଥିବା ନେଇ ତାଙ୍କର ଜଣେ ସହଯୋଗୀ ପରିବାର ଲୋକଙ୍କୁ ଜଣାଇଥିଲେ। ଅନ୍ୟପକ୍ଷେ ପାରିବାରିକ କଳହକୁ ନେଇ ରମେଶ ଆତ୍ମହତ୍ୟା କରିଥିବା ନେଇ ମେସେଜ ଥିବା ଏକ ଭିଡିଓ ଭାଇରାଲ ହୋଇଛି।

## ଦିଆସିଲି କାଠିରେ ସାଇକେଲ କଳାକୃତି



ବିଶ୍ୱ ସାଇକେଲ ଦିବସ ଉପଲକ୍ଷେ ପୁରୀର ଚିତ୍ରଶିଳ୍ପୀ ରଞ୍ଜନ ସାହୁଙ୍କ ଦ୍ୱାରା ଦିଆସିଲି କାଠିରେ ନିର୍ମିତ ସାଇକେଲ।

ପୁରୀ ଅଫିସ,୨।୬

ଜୁନ ୩ ତାରିଖକୁ ସାରା ବିଶ୍ୱରେ ୱାର୍ଲଡ ସାଇକେଲ ଦିବସ ଭାବେ ପାଳନ କରାଯାଏ। ସାଇକେଲ ଚଳାଇବା ଦ୍ୱାରା ସ୍ୱାସ୍ଥ୍ୟ ଠିକ ରହିବା ସହ ପରିବେଶ ପ୍ରଦୂଷଣ ହୋଇ ନ ଥାଏ। ଏଣୁ ପରିବେଶ ପ୍ରଦୂଷଣ ରୋକିବା ଏବଂ ସାଇକେଲ ଚଳାଇବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଦିବସର ପରିକଳ୍ପନା କରାଯାଇଛି। ଏହି ୱାର୍ଲଡ ସାଇକେଲ ଦିବସ ଉପଲକ୍ଷେ ଲୋକଙ୍କୁ ସାଇକେଲ ଚଳାଇବାକୁ ସଚେତନ କରିବା ନିମନ୍ତେ ନିଆରା ଉଦ୍ୟମ କରିଛନ୍ତି ପୁରୀ କୁମ୍ଭାରପଡା ଅଞ୍ଚଳର ଯୁବ ଚିତ୍ରଶିଳ୍ପୀ ଶ୍ୱାସତ ରଞ୍ଜନ ସାହୁ। ସେ ୩ ହଜାର ୬ ଶହ ୫୩ଟି ଦିଆସିଲି କାଠିରେ ଏକ ସାଇକେଲର ସୁନ୍ଦର ପ୍ରତିକୃତି ନିର୍ମାଣ କରିଛନ୍ତି। ଏହି ନିଆରା କଳାକୃତି ନିର୍ମାଣ କରିବା ନିମନ୍ତେ ତାଙ୍କୁ ୭ ଦିନ ସମୟ ଲାଗିଥିଲା। ଏହି ସାଇକେଲ ପ୍ରତିକୃତିର ଉଚ୍ଚତା ୫୦ ଇଞ୍ଚ ରହିଥିବା ବେଳେ ଲମ୍ବ ୨୫ ଇଞ୍ଚ ରହିଛି। ସେ ଏହା ପୂର୍ବରୁ ମଧ୍ୟ ଦିଆସିଲି କାଠିରେ ଅନେକ କଳାକୃତି ନିର୍ମାଣ କରିଛନ୍ତି।

## ଡ୍ରେସ୍ ଷ୍ଟୋର ମାଲିକଙ୍କୁ ଜରିମାନା

କଣ୍ଟାପଡା, ୨।୬(ଡି.ଏନ୍.ଏ.)

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଅଡଶପୁର ବଜାରରେ ଥିବା ଷ୍ଟାଇଲ ବଜାର ଡ୍ରେସ୍‌ଷ୍ଟୋର ମାଲିକଙ୍କଠାରୁ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ଷ୍ଟୋରରେ ଡ୍ରେସ୍ ବିକ୍ରି ହେଉଥିବା ଖବରପାଇ କଣ୍ଟାପଡା ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁ ଓ ଓଲଟପୁର ଥାନା ଆଇଆଇସି ବିଜୟା ସାହୁ ଚଢାଉ କରିଥିଲେ। ଏ ସମ୍ପର୍କରେ ଆଇଆଇସି ସାହୁ କହିଛନ୍ତି, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନିଶ୍ଚିନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ ୨ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨।୬(ଡି.ଏନ୍.ଏ.)

ସୋସିଆଲ ମିଡିଆରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଘଟଣାରେ ଟାଙ୍ଗୀ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅଧୀନ ଅଚ୍ୟୁତପୁର ଗ୍ରାମର ଶକ୍ତି ପ୍ରସାଦ ପାତ୍ର ଓ କାହ୍ନା ସ୍ୱାଇଁ। ଏନେଇ ବୁଧବାର ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ ମେ' ୨୯ରେ ଟାଙ୍ଗୀ ଥାନାରେ ପୀଡ଼ିତାଙ୍କ ମା' ଖିଅର ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ମାମଲା(ନଂ.୧୬୮/୨୧) ରୁଜୁକରି ଚଢ଼ାଉ ଜାରି ରଖିଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ ଅଭିଯୁକ୍ତଙ୍କୁ ଧରିଥିଲା। ଅନ୍ୟପଟେ ପୀଡ଼ିତାଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ବିଭିନ୍ନ ନମ୍ବରରୁ ହତ୍ୟା ଧମକ ମିଳୁଥିବା ନେଇ ଅଭିଯୋଗ ହୋଇଛି।

Sambalpur University
Institute of Information Technology (SUIIT)
Jyoti Vihar, Burla, Sambalpur, Odisha – 768019
(An Autonomous Constituent Unit of Sambalpur University)
Advt. No.380/SUIIT Date. 01/06/2021

ADVERTISEMENT FOR RECRUITMENT TO THE POST OF DIRECTOR, SUIIT

SUIIT invites applications from the intending persons (in prescribed format) for the post of Director, SUIIT.

The details of the post including required qualifications, eligibility criteria, pay structure, application form and other general information are available at www.suiit.ac.in w.e.f 03.06.2021.

The last date for receipt of application with all testimonials is 23.06.2021 by 5 PM. Application should be sent to the Director, SUIIT by Registered/Speed Post or scanned signed copy of filled in application form with documents should be sent to director@suiit.ac.in.

Sd/-
Registrar, Sambalpur University
Contact: 9437980071

## ଟ୍ରେନ୍ ଧକ୍କାରେ ରେଳ କର୍ମଚାରୀଙ୍କ ମୃତ୍ୟୁ

ନିରାକାରପୁର,୨।୬(ଡି.ଏନ୍.ଏ.)

ଏକ ମାଲବାହୀ ଟ୍ରେନ୍ ଧକ୍କାରେ ବୁଧବାର ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଳ ବିଭାଗର କିମ୍ୟାନ ଚିତ୍ତ ରଞ୍ଜନ ପ୍ରଧାନ। ସୂଚନା ଅନୁଯାୟୀ, ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ହରିପୁର ଏବଂ ଭୁଷଣ୍ଡପୁର ମଧ୍ୟଭାଗରେ ଥିବା ଲେବଲ କ୍ରସିଂ ଖମ୍ବ ନଂ. ୪୮୪/୪ ନିକଟରେ ଚିତ୍ତରଞ୍ଜନ ଡାଉନ୍ ଲାଇନ୍‌ରେ ଟ୍ରାକ୍ ସଫା କରୁଥିଲେ। ଏହି ସମୟରେ ଅସାବଧାନତା ଯୋଗୁ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନିରାକାରପୁର ରେଳବାଇ ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଭଉଁରି ଯାତ୍ରାରେ ନିୟୋଜିତ ହେବେ ୫ ପ୍ଲାଟୁନ ଫୋର୍ସ



ସିଂହଦ୍ୱାର ଥାନା ସମ୍ମୁଖରେ ଆୟୋଜିତ ସମୀକ୍ଷା ବୈଠକରେ ଏସ୍‌ପି କନୱର ବିଶାଳ ସିଂ ଏବଂ ଅନ୍ୟ ଅଧିକାରୀ।

**ଏସ୍‌ପିଙ୍କ ସମୀକ୍ଷା ବୈଠକ**

ପୁରୀ ଅଫିସ, ୨।୬

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ଆରମ୍ଭ ହୋଇଥିବା ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସକୁ ଭଉଁରି ଯାତ୍ରା କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଏବଂ ରଥସଂହିତା ଅନୁଯାୟୀ ଏହିଦିନ ଚକଡେରା ନୀତି ସମ୍ପନ୍ନ ହୋଇଥାଏ। ଏଣୁ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ବୁଧବାର ଏସ୍‌ପି କନୱର ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ସିଂହ କହିଥିଲେ, ଚଳିତବର୍ଷ କରୋନାଜନିତ କଟକଣା କାରଣରୁ ବିନାଭକ୍ତରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି। ଏହା କେବଳ ପୁରୀବାସୀ ଓ ଅଗଣିତ ଭକ୍ତଙ୍କ ସହଯୋଗ ଯୋଗୁ ହୋଇପାରିଛି। ସେହପରି ଭଉଁରି ଯାତ୍ରାରେ ମଧ୍ୟ ଲୋକଙ୍କ ସହଯୋଗ ରହିଲେ ନିଶ୍ଚିତ ଭାବେ ସୁରୁଖୁରୁରେ ନୀତିକାର୍ଯ୍ୟ ସମ୍ପନ୍ନ ହେବ ବୋଲି ଏସ୍‌ପି କହିଛନ୍ତି। ଚନଦ ଯାତ୍ରା ଆରମ୍ଭରୁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହୁଛନ୍ତି। ତେବେ ଭଉଁରି ଯାତ୍ରାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ଆଉ ଏକ ଅଧିକ ଅର୍ଥାତ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ସେହିପରି ଏକ ପ୍ଲାଟୁନ ପୋଲିସ ଫୋର୍ସ ରିଜର୍ଭରେ ରହିବେ। ଅପରପକ୍ଷେ ରଥଖଳାରେ ରଥକାମ ସୁରୁଖୁରୁରେ ହେବା ପାଇଁ ବ୍ୟାରିକେଡ କରାଯାଇ ପରିସୀମା ବଢ଼ାଯିବ। ତେବେ ଯେପରି ଟ୍ରାଫିକ ସମସ୍ୟା ନ ହୁଏ, ଜରୁରିକାଳୀନ ଯାନଗୁଡ଼ିକର ଯାତାୟାତରେ ଯେପରି ଅସୁବିଧା ନ ହେବ ଏବଂ ବଡ଼ଦାଣ୍ଡର ଟ୍ରାଫିକ ବ୍ୟବସ୍ଥା ସୁଗମ ହୋଇପାରିବ ସେନେଇ ଏସ୍‌ପି ସମୀକ୍ଷା କରିଥିଲେ। ଅନ୍ୟପଟେ ଆଗାମୀ ୨୪ତାରିଖରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେଣୁ କିଭଳି ସୁରକ୍ଷା ବ୍ୟବସ୍ଥା ରହିବ ଏବଂ କେଉଁ ଅଫିସର କେଉଁ ସ୍ଥାନରେ ନିୟୋଜିତ ରହିବେ ସେନେଇ ବୈଠକରେ ଏସ୍‌ପି ସିଂହ ଆଲୋଚନା କରିଥିଲେ। ତେଣେ ପୂର୍ବବର୍ଷ ଭଳି ଏଥର ସେହି ସମାନ ପୋଲିସ ବ୍ୟବସ୍ଥା ରହିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମାକୁ ନେଇ ଏସ୍‌ଓପି ଆସିବା ପରେ ପୋଲିସ ତା'ର ଦାୟିତ୍ୱ ନିର୍ବାହ କରିବ ବୋଲି ଏସ୍‌ପି ସିଂ ସୂଚନା ଦେଇଛନ୍ତି।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No.CAD-383:- TENDER ALERT
01)Tender Call Notice No-01/2021-22: Replacement of 90kN 245KV old Single Suspension and Double Suspension type of disc insulator strings by long rod insulators at different locations of the 220 KV Balasore-New Duburi DC line under EHT O&M Division, Balsore.
02)Tender Call Notice No.03/2021-22: Construction of office building for Store S/d Rengali at Grid S/S Rengali under EHT O&M Division Joda.
For details please visit : www.optcl.co.in. FIPR-12/2021-22
OIPR-04011/11/0019/2122

National Health Mission
Odisha State Health & Family Welfare Society
Health & FW Department, Govt. of Odisha
Annex Building of SIH & FW, Nayapalli, Unit-8, Bhubaneswar-751012
Advt. No: 12/21 Date:01.06.20201
Request for Proposal (RFP) through online for Operation & Management of Urban Primary Health Center in partnership mode under NHM
No. E-128:- Odisha State Health & Family Welfare Society invites online application as per the prescribed RFP document from credible entities registered under Society Registration Act/ Indian Trust Act/ Company Act./ Institutions like Medical Colleges/Hospitals run under Govt./ Public Sector/Pvt. Sector for operation & management of some Urban Primary Health Centers in partnership mode. The selection of Agencies are subject to the Notification of UPHC by Govt. and approval of the projects in NHM PIP 2021-22.
The eligibility criteria and detailed requirements for "Operation & Management of UPHC" are set forth in the RFP document which can be downloaded along with user manual for online application from the website: www.nhmodisha.gov.in. Interested bidders fulfilling the eligibility criteria may submit their online application & required documents as set forth in this RFP. The bidders have to submit EMD only in a sealed envelope through Speed post/Registered post/ Courier only clearly superscribing the name of the UPHC applied for management on the envelope to the CDM&PHO of the applied district on or before the last date for submission of online application mentioned in the RFP.
The interested bidders can apply online on the web link www.nhmodisha.in/ngo. The online applications complete in all respect should be submitted latest by 22.06.2021. Incomplete applications/applications received from the blacklisted NGOs/ Trusts will be summarily rejected. The authority reserves the right for cancellation of the Advertisement / selection / modification of guidelines for selection without assigning any reason thereof. No personal inquiry shall be entertained.
Sd./- Mission Director, NHM & Member Secretary, OSH&FW Society
OIPR-10084/11/0008/2122

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପିଚାଳନା ବିଭାଗ
### ଅଧିସୂଚନା

No. RDM-LAA KPT -0006-2020-21610/R&DM, Date 06 JUL 2020

No.X-07:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଅତିରିକ୍ତ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଗୁମୁଡା, ଥାନା- ବି.ସିଙ୍ଗିପୁର, ନଂ.-୨୬, ତହସିଲ- ବୋରିଗୁମ୍ମା, ଜିଲା- କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ୦.୪୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧ (୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଅତିରିକ୍ତ କେନାଲ ଖନନ ନିମନ୍ତେ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ, ନଂ.-୧, ବାରିଣିପୁଟ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: କୌଣସି ବିସ୍ଥାପନ ହେଉନାହିଁ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପଜିଲ୍ଲାପାଳ, ଜୟପୁର।
୬- ଜମିର ବିବରଣୀ:

| ଜିଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ଗୁମୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ୭.୫୦ | ଏ୦.୪୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଅଭୟ କୁମାର ନାୟକ)**
**ଅତିରିକ୍ତ ଶାସନ ସଚିବ**

**ଜମିର ବିଶଦ ବିବରଣୀ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଖାତା ନଂ. | ପ୍ଲଟ୍ ନଂ. | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ଗୁମୁଡା | ୯୫/୩୮ | ୭୪/୨୪୭ | ୨.୦୦ | ୦.୧୦ | ତ୍ରିନାଥ ଗଣ୍ଡା, ପି.- ରୁପଧର ଗଣ୍ଡା |
| କୋରାପୁଟ | ବୋରିଗୁମ୍ମା | ଗୁମୁଡା | ୯୫/୪୭୮ | ୪୫/୪୬୧ | ୧.୦୦ | ୦.୧୦ | ରାମନାଥ ଶତପଥୀ, ପି.- ବୃନ୍ଦାବନ ଶତପଥୀ |
| କୋରାପୁଟ | ବୋରିଗୁମ୍ମା | ଗୁମୁଡା | ୯୫/୪୭୪ | ୪୫/୪୬୪ | ୧.୦୦ | ୦.୧୦ | ରାମଚନ୍ଦ୍ର ହରିଜନ, ପି.- ତ୍ରିନାଥ ହରିଜନ |
| କୋରାପୁଟ | ବୋରିଗୁମ୍ମା | ଗୁମୁଡା | ୯୫/୩୧୨ | ୭୫/୪୯୦ | ୧.୬୦ | ୦.୦୭ | ଲକ୍ଷ୍ମୀକାନ୍ତ ରାଉତ, ପି.- ଭିକାରୀ ରାଉତ |
| କୋରାପୁଟ | ବୋରିଗୁମ୍ମା | ଗୁମୁଡା | ୯୫/୪୬୫ | ୭୩ | ୧.୯୦ | ୦.୦୩ | ଉମେଶ ଚନ୍ଦ୍ର ମିଶ୍ର, ପି.- ତ୍ରିଲୋଚନ ମିଶ୍ର |
| | | | ମୋଟ | | ୭.୫୦ | ୦.୪୦ | |

ସ୍ୱା./- ଜିଲ୍ଲାପାଳ, କୋରାପୁଟ
OIPR-24001/14/0069/2122

# ପରିବେଶକୁ କାଳ ସିନ୍ଥେଟିକ୍ କପଡ଼ା



ମାନେକା ଗାନ୍ଧୀ

ତୁମେ ଯାହା ଖାଉଛ ତାହା କେବଳ ପୃଥିବୀ ଓ ବସବାସ କରୁଥିବା ଜୀବଙ୍କ ଜୀବନ ଶେଷ କରି ଦେଉନି, ବରଂ ଯାହା ପିନ୍ଧୁଛ ସେଥିରେ ମଧ୍ୟ ଏଭଳି ବିପଦକୁ ସାମ୍ନା କରିବାକୁ ପଡୁଛି। ପ୍ରତିଥର କପଡ଼ାର ଜିନିଷ କିଣିବାବେଳେ ତୁମକୁ ଜୀବମଣ୍ଡଳ ଏବଂ ଭୂମଣ୍ଡଳ ବା ସ୍ଥଳମଣ୍ଡଳ ମଧ୍ୟରେ ପସନ୍ଦ କରିବାକୁ ପଡିଥାଏ। ଜୀବମଣ୍ଡଳ ଏକ ପ୍ରକାର କୃଷିକ୍ଷେତ୍ର, ଯେଉଁଠୁ ବିଭିନ୍ନ ଗଛରୁ ସୂତା, ଲାଇଲେନ ଓ ସିଲ୍କ ଉତ୍ପାଦନ କରାଯାଏ। ପୃଥିବୀର ସୁରକ୍ଷା ଆବରଣ ଭୂମଣ୍ଡଳରୁ ଜୀବାଶ୍ମ ଇନ୍ଧନ ଉତ୍ତୋଳନ କରାଯାଇ ତାହାକୁ ପଲିଷ୍ଟର ଭଳି ସିନ୍ଥେଟିକ କପଡ଼ାରେ ପରିଣତ କରାଯାଇଥାଏ। ସ୍ପଷ୍ଟତଃ, ଜଣେ ସମ୍ବେଦନଶୀଳ ବ୍ୟକ୍ତି କେବଳ ପୁନଃ ଉପଯୋଗକ୍ଷମ ତଥା ଅକ୍ଷୟ ସଂସାଧନକୁ ପସନ୍ଦ କରିବ। କିନ୍ତୁ ସବୁ କପଡାର ୭୦% ଅଣ ପାରମ୍ପରିକ ଇନ୍ଧନରୁ ହିଁ ଆସିଥାଏ। ଆମେ ପ୍ଲାଷ୍ଟିକ, ନାଇଲନ, ଏର୍କିଲିକ, ପଲିଷ୍ଟର ପିନ୍ଧୁଛୁ। ଏପରି କି ଆକର୍ଷଣୀୟ ବନାରସୀ ଶାଢୀରେ ବି ଏବେ ପଲିଷ୍ଟର ମିଶିଲାଣି। ଆମେ ଫ୍ୟାଶନ ଶିଳ୍ପ ଉପରେ ଗୁରୁତ୍ୱ ଦେଉ ନାହୁଁ। ଫ୍ୟାଶନ ଶିଳ୍ପ ଯୋଗୁ ହଜାର ହଜାର ଜଙ୍ଗଲ କଟାଯାଉଛି। ଗଛରୁ ପ୍ରସ୍ତୁତ କପଡା ପାଇଁ ବାଉଁଶ, ୟୁକାଲିପଟାସ ଆଦି ଗଛ କାଟିବାକୁ ପଡେ। ପୁଣି ଗଛ ଲଗାଯାଏ ଓ ତାହାକୁ କାଟି ପୁଣି କପଡ଼ା ପ୍ରସ୍ତୁତ କରାଯାଏ। ଯଦି ସୂତା କପଡ଼ା ପାଇଁ କପାକୁ ପସନ୍ଦ କରିବ ତେବେ ଏହାଦ୍ୱାରା ବହୁତ କ୍ଷତି ହେବ। ଭାରତରେ କପା ଚାଷରେ ପ୍ରଚୁର ନେଓନିକୋଟିନୋଏଡ୍ କୀଟନାଶକ ବ୍ୟବହାର ହୋଇଥାଏ। ଏହାଯୋଗୁ ଲକ୍ଷ ଲକ୍ଷ ମହୁମାଛିଙ୍କ ଜୀବନ ଚାଲିଯାଏ ଏବଂ ଏହା ଆମ ଖାଦ୍ୟ ଭଣ୍ଡାରକୁ ବ୍ୟାପକ କ୍ଷତିକରିଥାଏ। ପଲିଷ୍ଟର କିମ୍ବା ନାଇଲନ ପାଇଁ ଅତ୍ୟଧିକ ଖଣି ଖନନ କରିବାକୁ ପଡେ ଓ ଏହାଦ୍ୱାରା ଜଙ୍ଗଲ ନଷ୍ଟ ହୋଇଥାଏ। ଏହା ସହ ଖଣି ଚାରିପାଖରେ ମାଇଲ ମାଇଲ ପର୍ଯ୍ୟନ୍ତ ପାଣି ବିଷାକ୍ତ ହୋଇଯାଏ। ପରିବେଶ ଉପଯୋଗୀ ପୋଷାକ ତଥା କୃଷି ଉତ୍ପାଦରୁ ପ୍ରସ୍ତୁତ କପଡା ପିନ୍ଧିବା ଲାଗି ପସନ୍ଦ କଲେ ମଧ୍ୟ ସେଥିରେ ରଙ୍ଗ ସମସ୍ୟା ରହିଛି। କପଡ଼ା ଜୈବିକ ସୂତାର ହୋଇପାରେ, କିନ୍ତୁ ଏହାର ରଙ୍ଗ ସିନ୍ଥେଟିକ୍, ଯାହା କୃତ୍ରିମ ଓ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଏ। ଆମେ ପିନ୍ଧୁଥିବା ଅଧିକାଂଶ କପଡ଼ା ବା ପୋଷାକର ରଙ୍ଗ ସିନ୍ଥେଟିକ୍। ଏକ ଆକଳନରୁ ଜଣାଯାଏ ଯେ, କପଡା ଉତ୍ପାଦନ ଏବଂ ରଙ୍ଗରେ ବିଶ୍ୱରେ ଉତ୍ପାଦିତ ମୋଟ ରାସାୟନିକର ୨୫% ବ୍ୟବହାର କରାଯାଏ। କପଡ଼ାରେ ରଙ୍ଗକୁ ବାନ୍ଧିବା ପାଇଁ ଏବେ ୬୦-୭୦% ରଙ୍ଗରେ କାଡିୟମ,ମର୍କ୍ୟୁରି, ଟିନ୍, କୋବାଲ୍ଟ, ଲିଡ୍ ଏବଂ କ୍ରୋମ୍ ଭଳି ଭାରି ଧାତୁ ବ୍ୟବହାର କରାଯାଉଛି। ରଙ୍ଗ ଶିଳ୍ପରେ ପ୍ରଚୁର ପାଣି ଉପଯୋଗ ହୁଏ ଏବଂ ବଳକା ରଙ୍ଗକୁ ସଫାକରି ନଦୀକୁ ଫିଙ୍ଗି ଦିଆଯାଏ। ପ୍ରାଣୀମାନେ ଏହି ନଦୀପାଣି ପିଇ ମୃତ୍ୟୁମୁଖରେ ପଡନ୍ତି। ରାସାୟନିକ ରଙ୍ଗ ଶିଳ୍ପର କର୍ମଚାରୀମାନେ ଅନ୍ତସ୍ରାବୀ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।

ଭାରତରେ ସବୁ ଶିଳ୍ପଠାରୁ କପଡ଼ା ଶିଳ୍ପ ସବୁଠୁ ପ୍ରଦୂଷିତ। ବିଶ୍ୱ ସ୍ତରରେ ତେଲ ପରେ କପଡା ଶିଳ୍ପ ଦ୍ୱିତୀୟ ପ୍ରଦୂଷିତ ଉତ୍ସ। ବିଶ୍ୱରେ ମୋଟ କାର୍ବନ ନିର୍ଗମନର ୧୦% ଏହି ଶିଳ୍ପରୁ ହୋଇଥାଏ। ଏହା ମଧ୍ୟ ବିଶ୍ୱର ପଞ୍ଚମ କାର୍ବନ ଡାଇଅକ୍ସାଇଡ ନିର୍ଗମନକାରୀ ଉତ୍ସ। ବିଶ୍ୱର ଶୀର୍ଷ ୩ଟି ଜଳ ନଷ୍ଟ କରୁଥିବା ଶିଳ୍ପ ମଧ୍ୟରେ ଏହା ଅନ୍ତର୍ଭୁକ୍ତ ଓ ମଧୁରଜଳ ଉତ୍ସକୁ ଭୀଷଣ ଭାବେ ପ୍ରଦୂଷିତ କରିଥାଏ। ଗୋଟିଏ ଟି-ଶାର୍ଟ ତିଆରି କରିବା ପାଇଁ ୨୬୦୦ ଲିଟର ପାଣି ଆବଶ୍ୟକ । ନ୍ୟାଶ୍ନାଲ ଓସେନିକ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ ଆଡ୍‌ମିନିଷ୍ଟ୍ରେଶନର ମେରାଇନ ଡେବ୍ରିସ ପ୍ରୋଗ୍ରାମ ଅନୁଯାୟୀ, ପ୍ରତିଥର ତୁମେ ଧୋଉଥିବା ସିନ୍ଥେଟିକ୍ ଜିନିଷରୁ ପାଣିରେ କୋଟି କୋଟି ମାଇକ୍ରୋଫାଇବର ମିଶିଥାଏ। ମାଇକ୍ରୋଫାଇବର ଏକ ପ୍ରକାର ମାଇକ୍ରୋପ୍ଲାଷ୍ଟିକ। ଏହା ପ୍ଲାଷ୍ଟିକ ଆଧାରିତ ସୂତା। ଏହି ସୂତାଗୁଡ଼ିକ ଏତେ ଛୋଟ ଯେ , ତାହା ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ଯାଇ ସମୁଦ୍ରରେ ମିଶିଥାଏ । ସି ପ୍ଲାଙ୍କଟନ( ସମୁଦ୍ରରେ ରହୁଥିବା ସୂକ୍ଷ୍ମ ଜୀବ) ଏହି ପ୍ଲାଷ୍ଟିକ ସୂତାକୁ ଖାଇଥାଏ । ମାଛ ପ୍ଲାଙ୍କଟନକୁ ଖାଏ ଓ ମଣିଷ ସେହି ମାଛକୁ ଖାଇଥାଏ। ଏଣୁ କପଡ଼ାରେ ଉପଯୋଗ ଏହି ପ୍ଲାଷ୍ଟିକ ସୂତା ସିଧା ପାକସ୍ଥଳୀରେ ପହଞ୍ଚିଯାଏ। ଫ୍ଲୋରିଡା ମାଇକ୍ରୋପ୍ଲାଷ୍ଟିକ ଆୱାରନେସ୍ ପ୍ରୋଜେକ୍ଟ(ଏଫ୍‌ଏମ୍‌ଏପି) ଅନୁଯାୟୀ, ଉପକୂଳ ଅଞ୍ଚଳରୁ ସଂଗୃହୀତ ପାଣି ନମୁନାର ୮୯%ରେ ଅତି କମ୍‌ରେ ଖଣ୍ଡେ ମାଇକ୍ରୋପ୍ଲାଷ୍ଟିକ ରହିଥିବା ଜଣାପଡ଼ିଛି।

କପଡ଼ା ଉତ୍ପାଦନରେ ବ୍ୟବହୃତ ସିନ୍ଥେଟିକ୍ ସୂତା ପରିବେଶର କ୍ଷତି କରିଥାଏ। ଏହାର ଉତ୍ପାଦନ ପ୍ରକ୍ରିୟାରୁ ନାଇଟ୍ରସ ଅକ୍ସାଇଡ ଏବଂ ହାଇଡ୍ରୋକ୍ଲୋରିନ ଭଳି ଏସିଡିକ୍ ଗ୍ୟାସ୍ ନିର୍ଗତ ହୋଇଥାଏ। ସାଇନ୍ସ ନ୍ୟୁଜ୍ ଗବେଷଣାରୁ ଜଣାପଡିଛି ଯେ,ବାୟୁମଣ୍ଡଳରେ ପ୍ରତିବର୍ଷ ୦.୨% ନାଇଟ୍ରସ ଅକ୍ସାଇଡ ବୃଦ୍ଧିପାଉଛି ଓ ଏହାର କିଛି ଅଂଶ ନାଇଲନ ଏବଂ ପଲିଷ୍ଟର ଉତ୍ପାଦନରୁ ଆସୁଛି। ନାଇଟ୍ରସ ଅକ୍ସାଇଡ୍ ଏକ ଗ୍ରୀନ୍ ହାଉସ୍ ଗ୍ୟାସ୍(ସବୁଜଗୃହ ଗ୍ୟାସ) ଓ କାର୍ବନ ଡାଇଅକ୍ସାଇଡଠାରୁ ଏହାର ୩୦୦ ଗୁଣ କ୍ଷତିକାରକ କ୍ଷମତା ରହିଛି। ପଲିଷ୍ଟର ଉତ୍ପାଦନରେ କପଡା ଶିଳ୍ପ ୨୦୧୫ରେ ପ୍ରାୟ ୭୦୬ ବିଲିୟନ କେ.ଜି.(୧.୫ ଟ୍ରିଲିୟନ ପାଉଣ୍ଡ)ସବୁଜଗୃହ ଗ୍ୟାସ୍ ନିର୍ଗମନ କରିଥିଲା। ଏହା ୧୮୫ ତାପଜ (କୋଇଲା ଚଳିତ) ପାୱାର ପ୍ଲାଣ୍ଟରୁ ନିର୍ଗମନ ହେଉଥିବା ସବୁଜଗୃହ ଗ୍ୟାସ୍ ସହ ପ୍ରାୟ ସମାନ। ପ୍ଲାଷ୍ଟିକ ପୋଷାକ ଆମ ତ୍ୱଚା ଏବଂ ଶ୍ୱାସନଳୀକୁ ପ୍ରଭାବିତ କରେ। ଏହା ମଧ୍ୟ ପୁରୁଷଙ୍କ ପ୍ରଜନନ କ୍ଷମତା ହ୍ରାସ କରେ। ଉକ୍ତ କପଡ଼ାରେ ଥିବା କ୍ୟାନ୍‌ସର ସୃଷ୍ଟକାରୀ ଫର୍ମାଲଡିହାଇଡ୍ ଯୋଗୁ ସ୍କିନ ଆଲର୍ଜି, ଆଖିରୁ ପାଣି ବାହାରିବା ସମସ୍ୟା ଦେଖାଦିଏ। ଟିଟାନିୟମ ଅକ୍ସାଇଡ, ବେରିୟମ ସଲ୍‌ଫେଟ ହାଇପର ସ୍କିନ ପିଗମେଣ୍ଟେସନ, ଡର୍ମାଟିଟିସ୍ ଏବଂ କେନ୍ଦ୍ର ସ୍ନାୟବିକ ପ୍ରକ୍ରିୟାକୁ ପ୍ରଭାବିତ କରେ। ଏହା ଯୋଗୁ ମୁଣ୍ଡବିନ୍ଧା ଏବଂ ମେରୁଦଣ୍ଡ ଯନ୍ତ୍ରଣା ଦେଖାଦିଏ। ଏଥିରୁ ମୁକ୍ତି ପାଇବାକୁ ହେଲେ ଗ୍ରୀନ୍ କୁହାଯାଉଥିବା ନାଇଲନ, ପଲିଷ୍ଟର,ଲିକ୍ରା,ଆର୍କିଲିକ୍ ପୋଷାକ କିଣନ୍ତୁ ନାହିଁ । ଅପ୍‌ସାଇକ୍ଲିଡ ପ୍ଲାଷ୍ଟିକ ଫ୍ୟାଶନ ବ୍ରାଣ୍ଡ୍‌ରୁ ଦୂରେଇ ରୁହନ୍ତୁ। ମନୁଷ୍ୟକୃତ ସିନ୍ଥେଟିକ୍ ପୋଷାକ ବ୍ୟବହାର ବନ୍ଦ କଲେ ତାହା ମାଇନିଂ କମାଇବା ସହ ଜଙ୍ଗଲର ସୁରକ୍ଷା କରିବ। ପ୍ରଚୁର ପେଟ୍ରୋଲିୟମ ବଞ୍ଚିପାରିବ। ଆଂଶିକ ସିନ୍ଥେଟିକ ରେୟୋନ ଗଛର ସେଲୁଲୋଜ( ଏକପ୍ରକାର ପ୍ରାକୃତିକ ପଦାର୍ଥ)ରୁ ପ୍ରସ୍ତୁତ ହେଉଥିଲେ ମଧ୍ୟ କପଡ଼ା କୃତ୍ରିମ ଉପାୟରେ ତିଆରି କରାଯାଏ। ରେୟୋନ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଏ। ଏଥରୁ ସଂରକ୍ଷିତ ଜଙ୍ଗଲ ମଧ୍ୟ ବାଦ୍ ପଡେନି। ରେୟୋନ ଯୋଗୁ ବହୁ ପ୍ରଜାତିର ଜୀବ ଏବେ ବିଲୁପ୍ତିର ଦ୍ୱାର ଦେଶରେ। ଅଧିକ ପୋଷାକ କିଣ ନାହିଁ କି ବାହାରେ ଫିଙ୍ଗି ଦିଅନାହିଁ। ନିକଟରେ ମ୍ୟାକ୍‌ଆର୍ଥର ଫାଉଣ୍ଡେଶନ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ପ୍ରତି ସେକେଣ୍ଡରେ ଗୋଟିଏ ଟ୍ରକ କପଡା ବର୍ଜ୍ୟ ନଷ୍ଟ କରାଯାଉଛି। କୋପେନହାଗେନ ଫ୍ୟାଶନ ସମିଟ ପ୍ରକାଶ କରିଛି ଯେ, ଫ୍ୟାଶନ ଯୋଗୁ ପ୍ରତିବର୍ଷ ୯୨ ମିଲିୟନ ଟନ୍ କଠିନ ବର୍ଜ୍ୟ ଭୂପୃଷ୍ଠରେ ଠୁଳ ହୋଇ ରହୁଛି। ସିନ୍ଥେଟିକ କପଡା ବା ସୂତା ବିଘଟନ ହେବା ପାଇଁ ୨୦୦ ବର୍ଷ ଲାଗିଯାଏ। ପ୍ରତିବର୍ଷ ୧ ମିଲିୟନ ଟନ୍‌ରୁ ଅଧିକ କପଡା ବାହାରେ ଫିଙ୍ଗି ଦିଆଯାଉଛି। ପ୍ରତିବର୍ଷ ୧୫୦ ବିଲିୟନ ପୋଷାକ ତିଆରି କରାଯାଉଛି , ପ୍ରତ୍ୟେକ ବ୍ୟକ୍ତି ପାଇଁ ୨୦ଟି ନୂଆ ପୋଷାକ ପ୍ରସ୍ତୁତ ହେଉଛି। ୧୯୯୯ରୁ ୨୦୦୯ ଅବ୍ୟବହୃତ କପଡା ପରିମାଣ ୪୦% ବୃଦ୍ଧିପାଇଛି।

ପାଇନାପଲ୍ ଲେଦର ଭଳି କପଡା ପସନ୍ଦ କରନ୍ତୁ। ପ୍ଲାଣ୍ଟ କିମ୍ବା ଫ୍ରୁଟ୍‌ସ ଲେଦର ବର୍ଜ୍ୟରୁ ପ୍ରସ୍ତୁତ କରାଯିବା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଫିଲିପାଇନ୍ସରେ ମିଳୁଥିବା ଏକ ପ୍ରକାର ସପୁରି ପତ୍ରରୁ ପିନାଟେକ୍ସ (ଏକ ପ୍ରକାର କପଡ଼ା) ତିଆରି ହେଉଛି। ଏହା ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଲେଦରଠାରୁ ଅଧିକ ସ୍ଥାୟୀ ଓ ମଜଭୁତ । ଏଥିପାଇଁ କମ୍ ପାଣି ଆବଶ୍ୟକ। ପ୍ରାଣୀମାନଙ୍କୁ ପରିବେଶଗତ କ୍ଷତି ପହଞ୍ଚାଇବା ଭଳି ରାସାୟନିକ ପଦାର୍ଥ ଏଥିରେ ନାହିଁ। ବର୍ଜ୍ୟଭାବେ ବଳିପଡୁଥିବା ପତ୍ରକୁ ଖତ କିମ୍ବା ବାୟୋମସ ଭାବେ ବି ଉପଯୋଗ କରାଯାଉଛି। ସୋୟ ଫାବ୍ରିକ ଏକ ପ୍ରକାର ପରିବେଶ ଉପଯୋଗୀ କପଡ଼ା ଯାହା ସୋୟାବିନର ଚୋପାରୁ ପ୍ରସ୍ତୁତ ହେଉଛି। ଏହା ସହଜରେ ମାଟିରେ ମିଶିପାରୁଛି। ଏଣୁ ଜୈବିକ ସୂତା ଓ ଜୈବିକ ରଙ୍ଗର ପୋଷାକ କିଣନ୍ତୁ ଓ ପୃଥିବୀ ତଥା ପରିବେଶର ସୁରକ୍ଷା କରନ୍ତୁ।

Email: gandhim@nic.in

# ବୈଦେଶିକ ମୁଦ୍ରା



ନିମାଇଁ ଚରଣ ଲେଙ୍କା

ମନୁଷ୍ୟ ଯେତେ ପାପକର୍ମ କରି ଧନ ସମ୍ପତ୍ତି ଅର୍ଜନ କରିଥାଏ, ମୃତ୍ୟୁ ପରେ କିଛି ବି ସାଙ୍ଗରେ ନେଇପାରେନାହିଁ। କେବଳ ପାପକର୍ମର ଫଳ ହିଁ ସାଥିରେ ଯାଏ। ଠିକ୍ ଏହିପରି ଏକ ଅଜବ ଚିନ୍ତା ଜୁଟିଥିଲା ଆଧୁନିକ ଯୁଗରେ, ଦେଶ ବିଦେଶରେ ବ୍ୟବସାୟ କରୁଥିବା ଜଣେ କୋଟିପତି ବ୍ୟବସାୟୀଙ୍କ ମୁଣ୍ଡରେ। ସେ ଏପରି ଜଣେ ଜ୍ଞାନୀପୁରୁଷଙ୍କ ସନ୍ଧାନରେ ଥିଲେ, ଯିଏ ତାଙ୍କୁ ତାଙ୍କର ସମସ୍ତ ଧନ ସମ୍ପତ୍ତିକୁ ମୃତ୍ୟୁ ପରେ ସାଙ୍ଗରେ ନେଇପାରିବାର ମାର୍ଗ ସମ୍ପର୍କରେ ପରାମର୍ଶ ଦେଇପାରିବେ। ଚାରିଆଡୁ ହତାଶ ହେବାର କିଛିଦିନ ପରେ ଜଣେ ସାଧୁ ତାଙ୍କୁ ସଠିକ୍ ମାର୍ଗ ଜଣାଇ ଦେବେ ବୋଲି କହି ତାଙ୍କର ଆତିଥ୍ୟ ଗ୍ରହଣ କଲେ। ବ୍ୟବସାୟୀ ଅତିଥି ସତ୍କାର କରି ତାଙ୍କୁ ସେହି ମାର୍ଗଟି ଜଣାଇବା ପାଇଁ ଅନୁରୋଧ କଲେ। ସାଧୁ ତାଙ୍କୁ ପ୍ରଶ୍ନକଲେ- ଆପଣ ତ ବିଦେଶରେ ବ୍ୟବସାୟ କରୁଛନ୍ତି। ଆମ ଦେଶର ମୁଦ୍ରା(ଟଙ୍କା) ତ ସେଠାରେ ଚଳୁନଥିବ। ତେବେ କିପରି ଏହାର ଆଦାନପ୍ରଦାନ କରନ୍ତି? ବ୍ୟବସାୟୀ କହିଲେ- ବାବା! ବିଭିନ୍ନ ଦେଶରେ ବିଭିନ୍ନ ମୁଦ୍ରାର ପ୍ରଚଳନ ଅଛି। ତେଣୁ ଆମ ଦେଶ ମୁଦ୍ରାର ମୂଲ୍ୟ ଅନୁପାତରେ ସେ ଦେଶର ମୁଦ୍ରା (ଡଲାର, ପାଉଣ୍ଡ, ରୁବଲ, ୟେନ ଆଦି)ର ମୂଲ୍ୟ ଯାହାହୁଏ, ସେହି ହିସାବରେ ବ୍ୟବସାୟ ଚାଲେ। ସାଧୁ କହିଲେ- ପ୍ରତ୍ୟେକ ଦେଶର ଯେପରି ନିଜସ୍ୱ ପ୍ରଚଳିତ ମୁଦ୍ରା ଥାଏ, ଠିକ୍ ସେହିପରି ମୃତ୍ୟୁ ପରେ ଆପଣ ଯେଉଁ ଦେଶ (ପରଲୋକ)କୁ ଯିବେ, ସେଠାରେ ମଧ୍ୟ ନିଜସ୍ୱ ମୁଦ୍ରା ପ୍ରଚଳନର ବ୍ୟବସ୍ଥା ଅଛି। ସେହି ମୁଦ୍ରାର ନାମ ହେଉଛି ‘ସତ୍‌କର୍ମ’। ଆପଣ ସେଠାକୁ ଶହେ କୋଟି ଟଙ୍କା ନେଲେ ମଧ୍ୟ ସେଠାରେ ଚଳିବ ନାହିଁ। କିନ୍ତୁ ସେହି ମୂଲ୍ୟର ‘ସତ୍‌କର୍ମ’ ସାଥିରେ ନେଲେ ସେଠାରେ ଆପଣଙ୍କୁ ସମ୍ମାନ ଦିଆଯାଇ ଏକ ଉଚ୍ଚତର ଶ୍ରେଷ୍ଠଜୀବନ (ଜନ୍ମ) ପାଇଁ ନିର୍ଦ୍ଦେଶ ମିଳିବ। ନଚେତ୍ ଯଦି ଏଠାରେ ‘ଅସତ୍ ବା ପାପକର୍ମ’ କରିଥାଆନ୍ତି, ସେଠାରେ ଅପରାଧୀ ଭାବେ ଭୟଙ୍କର ଦଣ୍ଡ ଦିଆଯାଇ ଘୋର ଅନ୍ଧକାରପୂର୍ଣ୍ଣ କାଳକୋଠରି (ପ୍ରେତଜଗତ) ମଧ୍ୟକୁ ନିକ୍ଷେପ କରାଯିବ ଏବଂ ଦଣ୍ଡ ଭୋଗ ପରେ ଏକ ନୀଚ ଜନ୍ମ ପାଇଁ ନିର୍ଦ୍ଦେଶ ମିଳିବ। ତେଣୁ ଯଦି ଆପଣ ସମସ୍ତ ଧନ, ସମ୍ପତ୍ତିକୁ ମୃତ୍ୟୁ ପରେ ସାଥିରେ ନେବାକୁ ଚାହୁଁଆନ୍ତି, ତେବେ ସେ ସବୁର ମୂଲ୍ୟ ଅନୁପାତରେ ‘ସତ୍‌କର୍ମ’ କରିଯାଆନ୍ତୁ। ସାଧୁଙ୍କର ଏହି ଉପଦେଶରେ ବ୍ୟବସାୟୀଙ୍କର ଜ୍ଞାନୋଦୟ ହେଲା ଏବଂ ସେ ନିଷ୍କାମ ଭାବେ ‘ସତ୍‌କର୍ମ’ କରିବା ପାଇଁ ଜୀବନକୁ ସମର୍ପିତ କରିଦେଲେ।

ମୃତ୍ୟୁହେଲେ ‘ସ୍ୱଭାବ’ ସାଥିରେ ଯିବ, ‘ଧନ’ ନୁହେଁ। କିନ୍ତୁ ମନୁଷ୍ୟ ‘ସ୍ୱଭାବ’ ଖରାପ କରି ଧନ ସଂଗ୍ରହ କରିବାରେ ଲାଗିଛି। ତେଣୁ ଧନକୁ ଶ୍ରେଷ୍ଠ ଭାବିବା ବୁଦ୍ଧିଭ୍ରଷ୍ଟ ହେବାର ଲକ୍ଷଣ। ଏବେ ଯେଉଁ ଧନ ମିଳିଛି, ତାହା ବର୍ତ୍ତମାନ କର୍ମର ଫଳନୁହେଁ,’ ପ୍ରାରବ୍ଧ (ଅତୀତ)ର ଫଳ। ବର୍ତ୍ତମାନ କାଳରେ ଧନ ପାଇଁ ଯେଉଁ ମିଥ୍ୟା, କପଟତା ଓ ଦୁର୍ନୀତି ଆଦି କରାଯାଉଛି, ତା’ର ଫଳ(ଦଣ୍ଡ) ଭବିଷ୍ୟତରେ ହିଁ ମିଳିବ। ଅନ୍ୟାୟ ଉପାୟରେ ଉପାର୍ଜିତ ଧନ ଯେ ଆମ କାମରେ ଆସିବ, ସେଥିପାଇଁ କିଛି ନିଶ୍ଚୟତା ନାହିଁ, ନିଶ୍ଚୟତା ଅଛି ଦଣ୍ଡ ଭୋଗିବାରେ। ତେଣୁ ନିଜ ଦୁଃଖ ଦୂର କରିବା ପାଇଁ ଆମେ ଯେପରି ଧନ ଖର୍ଚ୍ଚ କରୁ, ଅନ୍ୟ ପାଇଁ ସେପରି ଖର୍ଚ୍ଚ କରିବାକୁ ହେବ। ତେବେ ଯାଇ ଆମେ ଧନ ରଖିବାର ଯୋଗ୍ୟାଧିକାରୀ ହୋଇପାରିବା। ଧନ ମିଳିଗଲେ ବ୍ୟକ୍ତି ସ୍ୱାଧୀନ ହୋଇଯାଏ ନାହିଁ, ବରଂ ଧନର ଅଧୀନ (ପରାଧୀନ) ହୋଇଯାଏ। କାରଣ ଧନ ମଧ୍ୟ ପର। ଧନ କାହାକୁ ଧାର୍ମିକ କରାଏ ନାହିଁ, ବରଂ ଏହାର ‘ଦାସ’ ହୋଇଗଲେ ନିଜର ପତନ ଘଟାଏ। ଧନ ଅର୍ଜନ କରି କାହାର ଦାରିଦ୍ର୍ୟ ଦୂର ହୁଏନାହିଁ କିମ୍ବା କେହି ‘ଶେଠ’ ହୁଏନାହିଁ, ବରଂ ଏହାକୁ ଅର୍ଜନ କରିବାର ଉତ୍କଟ ଇଚ୍ଛା ଛାଡ଼ିଦେଲେ ଦାରିଦ୍ର୍ୟ ଦୂରହୁଏ।

ଧର୍ମ ପାଇଁ ଧନ ନୁହେଁ, ମନ ହିଁ ଦରକାର। ଧନ ଥାଇ ମନୁଷ୍ୟ ସାଧୁ ହୋଇପାରେ, କିନ୍ତୁ ‘ଧନର ଲାଳସା’ ଥାଇ କେହି ସାଧୁ ହୋଇ ପାରିଛନ୍ତି କି? ମନୁଷ୍ୟର ସମ୍ମାନ ଧନ ବୃଦ୍ଧି ହେଲେ ବଢ଼େ ନାହିଁ, ଧର୍ମ ବୃଦ୍ଧି ହେଲେ ବଢ଼େ। ଧନଠାରୁ ବସ୍ତୁଶ୍ରେଷ୍ଠ, ବସ୍ତୁଠାରୁ ମନୁଷ୍ୟ, ମନୁଷ୍ୟଠାରୁ ବିବେକ ଏବଂ ବିବେକଠାରୁ ସତ୍-ତତ୍ତ୍ୱ (ପରମାତ୍ମା) ଶ୍ରେଷ୍ଠ। ମନୁଷ୍ୟଜନ୍ମ ସେହି ପରମାତ୍ମା ତତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ହିଁ ମିଳିଛି। ସଂସାରର ସମସ୍ତ ସମ୍ବନ୍ଧ ‘ଋଣାନୁବନ୍ଧ’ । ଏହି ଋଣରୁ ମୁକ୍ତ ହେବାର ଉପାୟ ହେଲା, ସମସ୍ତଙ୍କର ସେବାକରିବା ଓ କାହାଠାରୁ କିଛି ପାଇବାକୁ ନ ଚାହିଁବା। ତା’ହେଲେ ଯାଇ ଆମେ ଆମର ସମସ୍ତ ଧନ, ସମ୍ପତ୍ତି ମୂଲ୍ୟ ଅନୁପାତରେ ‘ସତ୍‌କର୍ମ’ ରୂପକ ବୈଦେଶିକ ମୁଦ୍ରା ଅର୍ଜନ କରି ଅନ୍ତିମ ସମୟରେ ସାଥିରେ ନେଇଯାଇପାରିବା।

ମୋ: ୯୨୩୮୬୧୫୪୭୮

## ଏଇ ଭାରତରେ

ହିମାଳୟରେ ବର୍ଦ୍ଧିତ ପ୍ରଦୂଷିତ ପରବେଶକୁ ସୁଧାରିବା ଲାଗି ଭାରତୀୟ ବନ ସେବା ଅଧିକାରୀ ଐଶ୍ୱର୍ଯ୍ୟା ରାଜ୍‌ଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସେ ହିମାଚଳପ୍ରଦେଶର ପାର୍ବତୀ ଡିଭିଜନରେ ଉପ ବନ ସଂରକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। କାସୋଲ ଠାରୁ ୪୦ କି.ମି. ଦୂର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପାର୍ବତୀ ଭ୍ୟାଲିରେ ବର୍ଜ୍ୟ ଠୁଳ ହେଉଥିବା ୨.୫ ଏକର ଜାଗାକୁ ସଫା କରି ସେଠାରେ ଐଶ୍ୱର୍ଯ୍ୟା ୪୦୦ ପ୍ରଜାତିର ଦେଶୀ ଗଛ ଲଗାଇ ତାହାକୁ ଏକ ସବୁଜ ଅଞ୍ଚଳ କରିପାରିଛନ୍ତି। ଏହି ଅଞ୍ଚଳଟି ଏବେ ବହୁ ପ୍ରଜାତିର ହିମାଲୟାନ ପକ୍ଷୀଙ୍କର ବାସସ୍ଥଳୀ ପାଲଟିଛି। ହିମାଚଳପ୍ରଦେଶ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟ ସରକାର ସ୍ୱର୍ଣ୍ଣିମ ବାଟିକା ଅଭିଯାନ ଘୋଷଣା କରାଯିବା ପରେ ଐଶ୍ୱର୍ଯ୍ୟା ସେଥିରୁ ପାଣ୍ଠି ଯୋଗାଡ଼ କରି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଅଳିଆଗଦାରୁ ଜୈବିକ ବର୍ଜ୍ୟ ସଂଗ୍ରହ କରି ସେଥିରୁ ଜିଆଖତ ପ୍ରସ୍ତୁତ କରିବା ସହ ଅନ୍ୟ ବର୍ଜ୍ୟଗୁଡ଼ିକୁ ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାଇଛନ୍ତି। ଏବେ ଭ୍ୟାଲିରୁ ଯେଉଁ ବର୍ଜ୍ୟ ସଂଗ୍ରହ କରାଯାଉଛି, ତାହାକୁ ଏହି ଉପାୟରେ ବିନିଯୋଗ କରିବା ଦ୍ୱାରା ବର୍ଜ୍ୟ ଆଉ କୌଣସି ସ୍ଥାନରେ ଗଦାହୋଇ ରହୁନାହିଁ। କହିବାକୁ ଗଲେ ସମ୍ପୂର୍ଣ୍ଣ ଭ୍ୟାଲି ପ୍ରଦୂଷଣ ମୁକ୍ତ ହୋଇଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁନ୍ ୧୯୯୬

- ବାଂଲାଦେଶର ୨ଟି ନିର୍ବାଚନ ପ୍ରଚାର ଗାଡ଼ି ଅଚାନକ ଉଚ୍ଚ ବିଦ୍ୟୁତ୍‌ଶକ୍ତି ପ୍ରବାହିତ ତାର ସଂସ୍ପର୍ଶରେ ଆସିବା ଫଳରେ ୧୫ ଜଣ ପ୍ରଚାର କର୍ମୀଙ୍କ ମୃତ୍ୟୁ।
- ଦଳବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ଭାଜପାର ଉତ୍ତରପ୍ରଦେଶ ଶାଖାରୁ ୧୦ ଜଣ ବରିଷ୍ଠ ନେତା ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ।
- ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ୭୦ ମୃତ।

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 7 | | | | | | | | |
| | 4 | | 5 | | | | 2 | 1 |
| | | 1 | 2 | | | 6 | 4 | |
| | | | | | 2 | 1 | | 6 |
| | | 2 | | | | 9 | 3 | |
| 6 | | | | | | | | |
| | | | 1 | | | | | 3 |
| | 5 | 9 | | | | 4 | | |
| | | | | 7 | 4 | 2 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 5 | 4 | 1 | 9 | 3 | 7 | 6 |
| 7 | 4 | 9 | 8 | 3 | 6 | 2 | 5 | 1 |
| 1 | 6 | 3 | 2 | 5 | 7 | 9 | 8 | 4 |
| 9 | 1 | 4 | 5 | 6 | 3 | 8 | 2 | 7 |
| 5 | 8 | 2 | 9 | 7 | 4 | 1 | 6 | 3 |
| 3 | 7 | 6 | 1 | 2 | 8 | 5 | 4 | 9 |
| 6 | 9 | 7 | 3 | 8 | 5 | 4 | 1 | 2 |
| 4 | 5 | 1 | 7 | 9 | 2 | 6 | 3 | 8 |
| 2 | 3 | 8 | 6 | 4 | 1 | 7 | 9 | 5 |

ଗତକାଲିର ଉତ୍ତର

# କଲେ ମଲ, ନ କଲେ ଭଲ



ରଞ୍ଜନ କୁମାର ଦାସ

ଶାସନତନ୍ତ୍ରର ଦକ୍ଷତା ସଦାସର୍ବଦା ପ୍ରମାଣିତ ହୁଏ ତା’ର କର୍ମତତ୍ପରତା ଓ ତା’ର ଫଳପ୍ରସବର ମାତ୍ରାକୁ ନେଇ। ତେଣୁ ଶାସନ ବ୍ୟବସ୍ଥାରେ ନେତା ଥାଆନ୍ତୁ କି ଅଫିସର ଥାଆନ୍ତୁ, ଯଦି ସେମାନେ ସମୟର ଆହ୍ୱାନ ଓ ଲୋକଙ୍କର ଆବଶ୍ୟକତାକୁ ଅନୁଧ୍ୟାନ କରି ତ୍ୱରିତ ପଦକ୍ଷେପ ନିଅନ୍ତି ଓ ତୁରନ୍ତ ଫଳ ପ୍ରଦାନ କରିପାରନ୍ତି, ତେବେ ସେମାନେ ଜନପ୍ରିୟ ହୁଅନ୍ତି। ଯେଉଁମାନେ ଏ ପ୍ରକାର ନ କରିପାରନ୍ତି ଲୋକେ ତାଙ୍କୁ ହିସାବକୁ ନିଅନ୍ତି ନାହିଁ। ଇତିହାସ ତାଙ୍କୁ ମଧ୍ୟ ମନେ ରଖେ ନାହିଁ।

ଦେଶ ମାତୃକାର ଓ ସମାଜର ସେବା କରିବା ପାଇଁ ଯେତେବେଳେ ଜଣେ ନେତା ବା ଅଧିକାରୀ ପଦ ସମ୍ଭାଳନ୍ତି, ତାଙ୍କ ଆଗରେ ଅନେକ ସମସ୍ୟା ଥାଏ। ତାଙ୍କ ଭିତରୁ କିଛି ଲୋକ ଥାଆନ୍ତି, ସେମାନେ ଯାହା ଯେମିତି ଚାଲିଚି ସେମିତି ଚାଲୁ ନ୍ୟାୟରେ କାମ କରନ୍ତି। ଯାହା ଯେମିତି ଚାଲିଚି ଅର୍ଥ ଅଫିସରେ ତଳୁ ଯଦି କାମଟିଏ ସଜ ହେଇ ତାଙ୍କ ଟେବୁଲକୁ ଆସିଲା, ତାହାଲେ ସେମାନେ କରିଦେବେ। ଏ ‘କରିଦେବେ’ ପୁଣି ତିନି ପ୍ରକାର। କିଛି ଅଫିସର ଥାଆନ୍ତି ଫାଇଲ୍ ଆସିଲେ ତୁରନ୍ତ ସ୍ୱତଃସ୍ଫୂର୍ତ୍ତ ଭାବେ କରିଦେବେ। ସେମାନେ ଶାନ୍ତିପ୍ରିୟ! ଅଳିଆରେ ପଶିବାକୁ ଚାହାନ୍ତିନି। କାହାକୁ ହଇରାଣ କରନ୍ତିନି କି ନିଜେ ହଇରାଣରେ ପଡ଼ିବାକୁ ଚାହାନ୍ତିନି। ଫାଇଲ ଘଣ୍ଟାଘଣ୍ଟି କରନ୍ତିନି। ତଳୁ ଯଦି ସବୁ କିଛି ଓକେ ହେଇକି ଆସିଚି ଓ ସମସ୍ତେ ଦସ୍ତଖତ କରିଛନ୍ତି, ତାହାଲେ ସେ ସେଥିରେ ବିନା ଦ୍ୱନ୍ଦ୍ୱରେ ମାରିବେ ଦସ୍ତଖତ। ଦ୍ୱିତୀୟ ବର୍ଗର ଲୋକେ ଟିକେ ସନ୍ଦେହୀ। ସେମାନେ ନିଜକୁ ଅତିରିକ୍ତ ସଚ୍ଚୋଟ ଓ ଅନ୍ୟମାନେ ସବୁ ଚୋର ବୋଲି ଭାବନ୍ତି। ତେଣୁ ତଳୁ ଯାହା ଫାଇଲ ଆସିବ ତାକୁ ପୂରା ଘଣ୍ଟାଘଣ୍ଟି କରି ଦେଖନ୍ତି କୋଉଠୁ କିଛି ଦୁର୍ଗନ୍ଧ ବାହାରୁଚି କି ନାହିଁ। ସେମାନେ ତୁରନ୍ତ ଫାଇଲ କରିଦିଅନ୍ତି ନାହିଁ। ପକେଇ ରଖନ୍ତି। ଆଠ ଦିନ, ପନ୍ଦର ଦିନ ରଖିଲା ପରେ ଯଦି ଦେଖିବେ କୋଉଠୁ କିଛି ସେ ବିଷୟରେ କିଛି ଶୁଣାଯାଉନି, ତେବେ ସେମାନେ ବଡ଼ ସନ୍ତର୍ପଣରେ ତାକୁ ଖଲାସ କରନ୍ତି। ଏମାନେ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ହୋଇପାରନ୍ତି, ମାତ୍ର ତତ୍ପର ନୁହନ୍ତି। ତୃତୀୟ ବର୍ଗର ପଦାଧିକାରୀ ହେଲେ ପୂରା ନକାରାତ୍ମକ। ଏମାନେ ଦେଖନ୍ତି ଏ ଫାଇଲରେ ଦସ୍ତଖତଟି କଲେ ମୋର ବ୍ୟକ୍ତିଗତ ଲାଭ କ’ଣ। ଏମାନେ ବି ଫାଇଲଟେ ଆସିଲେ ସହଜେ କରନ୍ତି ନାହିଁ। ତର୍ଜମା କରନ୍ତି ଉପଭୋକ୍ତା କେତେ ପାଇବ, ମୋର ସେଥିରୁ କେତେ ପ୍ରାପ୍ୟ ହେବା ଉଚିତ। ଏ ମୂଲଚାଲ ନ ଛିଡ଼ିଲେ ସେମାନେ ସେଥିରେ ହାତ ମାରନ୍ତି ନାହିଁ।

ଏମାନଙ୍କୁ ଛାଡ଼ି ଆଉ ଏକ ଚତୁର୍ଥ ପ୍ରଜାତି ଅଛନ୍ତି। ସେମାନେ ଫାଇଲ ଆସିବାକୁ ଅପେକ୍ଷା କରନ୍ତି ନାହିଁ। ସେମାନେ କୋଉଠୁ କୋଉଠୁ ଲାଭ ମିଳିପାରିବ ତା’ର ତର୍ଜମା କରି କାମ ସୃଷ୍ଟି କରନ୍ତି ଓ ଫାଇଲ ତିଆରି କରନ୍ତି। ଏମାନେ କର୍ମତତ୍ପର, ମାତ୍ର ସ୍ୱାର୍ଥାନ୍ୱେଷୀ। ପଞ୍ଚମ ପ୍ରଜାତି ହେଲେ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ତଥା କର୍ମତତ୍ପର। ଏମାନେ ଯୋଉଟା ଲୋକହିତରେ ଭଲ ବୋଲି ବିବେଚନା କରାଯିବ, ସେ କାମ କେହି ତାଙ୍କୁ କହୁ ବା ନ କହୁ, ଦାବି କରୁ ବା ନ କରୁ ସେମାନେ ନିଜେ ଆଗଭର ହେଇ କରନ୍ତି। ଏବଂ, କଲାବେଳେ ମଧ୍ୟ କାମଟି କିପରି ସୁରୁଖୁରୁରେ ହେବ, ଶୀଘ୍ର ହେବ, ସ୍ୱଚ୍ଛ ଭାବରେ ହେବ ସେଥିପ୍ରତି ଧ୍ୟାନ ଦିଅନ୍ତି। ଏମାନେ ଆପାତତଃ ସବୁଠୁ ଭଲ ବୋଲି କୁହାଯାଇପାରେ।

ତେଣୁ ମୋଟାମୋଟି କହିବାକୁ ଗଲେ ଦଳେ ପଦାଧିକାରୀ ଖୁବ୍ ସ୍ୱଚ୍ଛ, କର୍ମତତ୍ପର, ଆଗ୍ରହୀ ଓ ଉଦ୍‌ଯୋଗୀ। ସେମାନେ ଭାବନ୍ତି, ମୁଁ ଟଙ୍କାକର ଦରମା ନଉଚି ଯଦି ତା’ହେଲେ ଅନ୍ତତଃ ବାରଣାର କାମ ତ କରିବି। ତେଣୁ ସେମାନେ ଅନେକ ସମୟରେ କୌଣସି ବାଧା ବନ୍ଧନ ବା ଚାପର ବଶବର୍ତ୍ତୀ ନ ହେଇ ଅତ୍ୟଧିକ ଆଗ୍ରହୀ ହେଇ କାମ କରନ୍ତି। ପରିଣାମ କ’ଣ ହେବ ସେମାନେ ଚିନ୍ତା କରନ୍ତି ନାହିଁ। ନିଜର ବ୍ୟକ୍ତିଗତ ସୁରକ୍ଷା, ସୁଖ ଓ ସ୍ୱାଚ୍ଛନ୍ଦ୍ୟକୁ ଏମାନେ ପଛକୁ କରି ରାତିଅଧରେ ଖରାବେଳେ ଜୀବନ ମୂର୍ଚ୍ଛି କାମ କରନ୍ତି। ୟା’ ଦ୍ୱାରା ସେମାନେ ଅନେକ ସମୟରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଆକ୍ରୋଶର ଶରବ୍ୟ ହୁଅନ୍ତି। ସହକର୍ମୀଙ୍କ ଈର୍ଷା ଓ ଅସୂୟାର ଶିକାର ହୁଅନ୍ତି। କାମ କଲେ ଯେହେତୁ ଭୁଲଭଟକା ବି ବେଳେବେଳେ ରହିଯାଏ, ତେଣୁ କୋର୍ଟ କଚେରିରେ ବି ଯାଇ ତାଙ୍କୁ ଠିଆ ହେବାକୁ ପଡ଼େ। ରାଜନୈତିକ ଆକ୍ରୋଶର ସାମ୍ନା କରିବାକୁ ପଡ଼େ। ଏମାନେ ସବୁବେଳେ ହଇରାଣ ହୁଅନ୍ତି। ଏମାନଙ୍କ ହଇରାଣ ହରକତ ହେବାର ଦେଖି ଅନ୍ୟ କିଛି ପଦାଧିକାରୀ ଭାବନ୍ତି ଆପେ ବଞ୍ଚିଲେ ବାପର ନାଁ। କ’ଣ ମିଳିବ ଏ ମିଛ ବାହାବା, ଭଲ ସିସିଆରରୁ? ଭଲ ଉଦ୍ଦେଶ୍ୟରେ କାମ କରି ଯଦି ମାଡ଼ ଖାଇବାକୁ ପଡୁଚି, କୋର୍ଟ କଚେରିରେ କ୍ଷମା ପ୍ରାର୍ଥନା କରିବାକୁ ପଡୁଚି, ଶହେଥର ବଦଳିର ମୁହଁ ଦେଖିବାକୁ ପଡୁଚି, ମିଥ୍ୟା ଅଭିଯୋଗରେ ନିନ୍ଦିତ ହେବାକୁ ପଡୁଚି, ତା’ହେଲେ ବରଂ ଭଲ କିଛି କାମ ନ କରି ଚୁପ୍‌ଚାପ ବସିବା ଭଲ। ଯିଏ ଯାହା କହିଲା ସେଥିରେ ମୁଣ୍ଡ ଟୁଙ୍ଗାରିଦିଆ କାମ କଲେ ସିନା ଭୁଲ ହେବ, କୋର୍ଟ କଚେରି ଯିବାକୁ ପଡ଼ିବ, ପ୍ରୋସିଡିଂ ହେବ, ସସ୍‌ପେଣ୍ଡ ହେବ। କାମ ମୂଳରୁ ନ କଲେ କ’ଣ ହେବ! ହେଇ ହେଇ ଅତିବେଶୀରେ କିଏ କୈଫିୟତଟିଏ ମାଗିବ ନ ହେଲେ ଗାଳି ଦି’ପଦ କରିବ। ସେଇ ସାମୟିକ ଝଡ଼ଟା ପାରି ହୋଇଗଲେ ଗଲା। ତା’ଛଡ଼ା ଥରେ ଦି’ଥର ଏମିତି ଅକର୍ମା ବୋଲି ଜାଣିଲେ ଉପରିସ୍ଥ ଅଧିକାରୀ ମଧ୍ୟ ଆଉ ତାଙ୍କଠୁ ଅଧିକ ଆଶା ରଖିବେ ନାହିଁ। ଇଏ ବି ଗୋଟେ ପ୍ରକାର ମୁକ୍ତି।

ତେଣୁ ଆଜିକାଲି ନିରାପଦ ସ୍ଥାନରେ ରହିବା ପାଇଁ ପ୍ରତିଯୋଗିତା ଚାଲୁଚି। ଆଗେ ଅଫିସରମାନେ ଜିଲାକୁ ଯିବାକୁ ପସନ୍ଦ କରୁଥିଲେ। ସଚିବାଳୟ ବା ନିର୍ଦ୍ଦେଶାଳୟରେ ରହିଲେ ଫାଇଲ ଚଷିଚଷି ଅକାଳ ବାର୍ଦ୍ଧକ୍ୟ ଆସିଯିବ ବୋଲି ମନେ କରାହେଉଥିଲା। ମାତ୍ର ଆଜିକାଲି ଏଇ କାରଣରୁ ଅଧିକାଂଶ ଅଧିକାରୀ କ୍ଷେତ୍ରକୁ ନ ଯାଇ ବରଂ କୋଉଠି ନିରାପଦ, ନିଷ୍କଣ୍ଟକ, ଚିନ୍ତାରହିତ ପଦବୀ ଅଛି ତା’ର ତଲାସ କରୁଛନ୍ତି ଆରମ୍ଭରୁ। ଥରେ ସେମିତି ପଦବୀଟିଏ ମିଳିଗଲେ ବର୍ଷ ବର୍ଷ ଧରି ସେଠି ନିରୁପଦ୍ରବ ଭାବେ ରହିହେବ। କେହି ସେଠୁ ହଟେଇବାକୁ ପଛରେ ଲାଗିବେନି। ବିଶେଷ କିଛି କରିବାକୁ ପଡୁନଥିବ। ଛୁଟି ଦିନ ସବୁ ଭଲରେ ଉପଭୋଗ କରିହେଉଥିବ। ପଦପ୍ରଯୁକ୍ତ ଯତ୍‌କିଂଚିତ୍ ସୁବିଧା ସୁଯୋଗକୁ ଆଧାର କରି ଆରାମରେ ସମୟ ବିତେଇ ଦେଇ ହେବ। ସେଠି ଯେହେତୁ କାହାର କ୍ଷତି ହଉନଥିବ, ତେଣୁ ପଛରେ ମଧ୍ୟ କେହି ଲାଗିବାର ନଥିବ। ଏସବୁ ଜାଗାରେ ବେଶୀ ଲାଭ ନ ଥାଉ ପଛକେ କ୍ଷତି ବି ନାହିଁ।

ତେଣୁ ଏବେ ବିଶ୍ୱାସ ସୃଷ୍ଟି ହେଲାଣି ଯେ କାମ କଲେ ଭୁଲ ହେବାର ସମ୍ଭାବନା ଅଛି। ଆଉ ବହୁତ କାମ କଲେ ବହୁତ ଭୁଲ ହେବାର ସମ୍ଭାବନା ଅଛି। ଯେତେ ଅଧିକ ଭୁଲ ହେବ ସେତେ ବିପଦର ସମ୍ଭାବନା ଅଛି। ତେଣୁ କିଛି କାମ ନ କଲେ ହିଁ ଜଣେ ବିପଦମୁକ୍ତ ରହିବ। କାମ ନ କଲେ ଭୁଲ ହେବାର ସମ୍ଭାବନା ନ ଥିବ। ଆଦୌ କାମ ନ କଲେ ଆଦୌ ଭୁଲ ହେବାର ସମ୍ଭାବନା ନ ଥିବ। ବରଂ ହାତରେ ପ୍ରଚୁର ସମୟ ରହିବ, ଯାହାକୁ କି ନିଜ ସ୍ୱାର୍ଥର ବିକାଶ ପାଇଁ ବିନିଯୋଗ କରିହେବ। ଏହା ଏକ ବିପଜ୍ଜନକ ତଥା ହାନିକାରକ ଲକ୍ଷଣର ଅୟମାରମ୍ଭ ପ୍ରତି ଇଙ୍ଗିତ କରୁଚି। ତେଣୁ କରିବା ଲୋକକୁ ପୁରସ୍କାର ଓ ନ କରିବା ଲୋକକୁ ତିରସ୍କାରର ବ୍ୟବସ୍ଥା କରାଗଲେ ସୁଫଳ ମିଳିବ ବୋଲି ବିଶ୍ୱାସ କରାଯାଏ। ମାତ୍ର ଧୁଆମୂଳା ଅଧୁଆମୂଳା ସମସ୍ତଙ୍କୁ ଯଦି ଗୋଟିଏ ବୋଝରେ ରଖାଯିବ, ତେବେ ସଫାଧୁଆ ମୂଳାର ଅବମୂଲ୍ୟାୟନ ହେବ ସିନା ଗ୍ରାହକର କିଛି ଲାଭ ହେବନାହିଁ କି ପରିବା ଦୋକାନୀର ଗ୍ରାହକ ବଢ଼ିବେ ନାହିଁ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ: ୯୪୩୭୨୮୬୫୧୨

## ପାଠକ ଶ୍ରେଷ୍ଠ ବିଚାରକ

### ଭିତ୍ତିଭୂମି ସୁଦୃଢ଼ କରାଯାଉ

ମହାଶୟ,

କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ପଛୁଆ ଅଞ୍ଚଳ। ଆଦିବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ସରକାରଙ୍କ ଦ୍ୱାରା କରାଯାଇଥିଲେ ମଧ୍ୟ ତାହାର ସଫଳ ରୂପାୟନରେ ଅନେକ ସମସ୍ୟା ଉପୁଜୁଛି। ବିଜୁଳି ସମସ୍ୟା, ପାନୀୟ ଜଳ ଅଭାବ, ରାସ୍ତାଘାଟ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା, ସର୍ବୋପରି ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନଙ୍କର ଅଭାବ ଏଥିରେ ମଧ୍ୟ ବାଧକ ସାଜିଛି। ସରକାରୀ କ୍ୱାର୍ଟରର ସ୍ୱଳ୍ପତା ତଥା ବାସୋପଯୋଗୀ ଗୃହ ନ ମିଳିବା ଯୋଗୁ ଅଧିକାଂଶ କର୍ମଚାରୀ କେନ୍ଦୁଝରରେ ରହି ଯିବାଆସିବା କରିଥାଆନ୍ତି। ସେହିପରି ଉପଯୁକ୍ତ ଭିତ୍ତିଭୂମି ତଥା ଆବଶ୍ୟକୀୟ ସୁବିଧା ସୁଯୋଗ ନ ଥିବା କାରଣରୁ କର୍ମଚାରୀ ଏବଂ ଅଧିକାରୀମାନେ ଏଠାକୁ ଆସିବାକୁ ମୁହଁ ମୋଡ଼ିଥାନ୍ତି। ତେଣୁ ସରକାର ବାଂଶପାଳ ଭଳି ଏକ ଆଦିବାସୀ ବହୁଳ ବ୍ଲକର ସର୍ବାଙ୍ଗୀନ ବିକାଶ ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ କରନ୍ତୁ ଏବଂ ସମସ୍ତ କର୍ମଚାରୀ ପଦବୀ ପୂରଣ କରନ୍ତୁ।

-ରାଜେନ୍ଦ୍ର ଦେହୁରୀ, ବାଂଶପାଳ

## ଚିରନ୍ତନୀ

ବିରହ ରତି ନୁହଇ ଆନ
କେବଳ ଦେହ-ତାପ।
ଭାବର ଜାଲେ ରହଇ ସେ ତ ଲୁଚି
ନୀତିର ନାମେ ଏ ଧରାଧାମେ
ଚଳଇ ଯଥା ପାପ
ଅନୀତି ଯଥା ହୁଅଇ ଏଥି ଶୁଚି!
-(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅଶ୍ଳୀଳ ଭିଡିଓ ଭାଇରାଲ: ୬ ଯୁବକ ଅଟକ

ଭୋଗରାଇ,(ଡି.ଏନ.ଏ.):ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ସନ୍ଦିଗ୍ଧ ଥିବା ୬ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, କ୍ରାଇମ୍ ଏସ୍‌ପି ଅମୂଲ୍ୟ କୁମାର ଧର ଓ ଏସ୍‌ଡିପିଓ ଅଙ୍କିତା କୁମାର ବୁଧବାର ସନ୍ଧ୍ୟାରେ କମର୍ଦ୍ଦା ଥାନାରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।

**ସଂକ୍ଷେପରେ**

### ମଦ ଦୋକାନ ଖୋଲିବାକୁ ବିରୋଧ

**ବାରିପଦା ଅଫିସ, ୨।୬:** ମୟୂରଭଞ୍ଜ ଜିଲା ମୁଖ୍ୟ ଡାକ୍ତରଖାନାଠାରୁ ୨୦ ମିଟର ଦୂରରେ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ମହିଳାମାନେ ବିରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ସହ ଅବକାରୀ ବିଭାଗକୁ ମଧ ଜଣାଇଛନ୍ତି। ବାରିପଦା ପୌରପରିଷଦର ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ୱାର୍ଡ ନଂ. ୪ ଓ ୬ର ଶତାଧିକ ମହିଳା ରାସ୍ତାରେ ବିରୋଧ ପ୍ରଦର୍ଶନ କରିଥିଲେ। ମଦ ଦୋକାନ ଖୋଲାଯିବାକୁ ଥିବା ସ୍ଥାନଠାରୁ ୫୦ମିଟର ଦୂରତା ମଧରେ ଡାକ୍ତରୀ ଚିକିତ୍ସା କେନ୍ଦ୍ର, ସରକାରୀ ନର୍ସିଂ ସ୍କୁଲ, କଲେଜ, ଧର୍ମାନୁଷ୍ଠାନ, ହୋଟେଲ ଓ ଶିକ୍ଷାନୁଷ୍ଠାନ ରହିଛି। ସ୍ଥାନ ନିରୂପଣ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ଏଥିପ୍ରତି ଧାନ ଦିଆ ନ ଯାଇ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଅନୁମତି ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାର ପୁର୍ନବିଚାର କରିବାକୁ ମହିଳାମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନିରୋଜ ସାହୁ, କଂଗ୍ରେସ ନେତ୍ରୀ ସୁସ୍ମିତା ଘୋଷାଲ, ପ୍ରଭାତୀ ବେହେରା, ଗୀତାରାଣୀ ଦାସ, ଚିତ୍ତରଞ୍ଜନ ବେହେରା, ଜ୍ୟୋତି ଶଙ୍କର ତ୍ରିପାଠୀ, ଇଶିକା ଅଗ୍ରୱାଲ, କୀର୍ତ୍ତିକା ଅଗ୍ରୱାଲ ଓ ଶତାଧିକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

### ଜଙ୍ଗଲୀ ବିଲେଇ ମାଂସ ଜବତ, ଶିକାରୀ ଗିରଫ

**ବାରିପଦା ଅଫିସ,୨।୬:** ମୟୂରଭଞ୍ଜ ଜିଲା ବାରିପଦା ରେଞ୍ଜ ଡୁକୁରା ସେକ୍ସନର ଚମ୍ପାଗଡ଼ ଅଞ୍ଚଳରୁ ବୁଧବାର ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୨ କିଲୋ ଜଙ୍ଗଲୀ ବିଲେଇ ମାଂସ ଓ ମୁଣ୍ଡ ଜବତ ହୋଇଛି। ଅଭିଯୁକ୍ତ ହେଲେ ବେସରପାଣି ଗ୍ରାମର ସୁଶୀଲ ନାଏକ। ଶିମିଳିପାଳ ଅଭୟାରଣ୍ୟରୁ ଶିକାର କରି ଫେରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଏକ ଗଛରେ ବାନ୍ଧି ଦେଇଥିଲେ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୦/୨୧) ରୁଜୁ ହୋଇଛି।

### ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**କେନ୍ଦୁଝର, ୨।୬(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବେ ଜଗବନ୍ଧୁ ସାହୁ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ କେନ୍ଦୁଝର ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନବନିଯୁକ୍ତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଦର ବ୍ଲକ ପ୍ରାଥମିକ ସଂଘର ସଭାପତି ହେମନ୍ତ ପାତ୍ର,ଶିକ୍ଷକ ପ୍ରଦୀପ ମିଶ୍ର,ପିନାକୀ ମିଶ୍ର,ରବିନାରାୟଣ ଦାସ, ତିଲୋତ୍ତମା ସାହୁ ପ୍ରମୁଖ ଫୁଲତୋଡା ଦେଇ ଅଭ୍ୟର୍ଥନା ଜଣାଇଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଖଇରା,୨।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ବାରପଡା ଦାଶରଥି ହାଇସ୍କୁଲର ଇଂରାଜୀ ଶିକ୍ଷକ ରଘୁନାଥ ପତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାକ୍ତନ ପରିଚାଳନା କମିଟି ସଭାପତି ମଧୁସୁଦନ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାଇଧର ନାୟକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତ, ପୂର୍ଣ୍ଣଚନ୍ଦ୍ର ନାୟକ, ଲକ୍ଷ୍ମଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅଫିସ ସହାୟକ ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ବତନ ଶିକ୍ଷକଙ୍କ ପରଲୋକ

**ଖଇରା,୨।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମର ରଘୁନାଥ ଭଞ୍ଜ(୭୬)



ବୁଧବାର ରାତିରେ ହୃଦଘାତରେ ପ୍ରାଣ ହରାଇଛନ୍ତି। ସ୍ୱର୍ଗତ ଭଞ୍ଜ ମହତୀପୁର ହାଇସ୍କୁଲରେ ଶିକ୍ଷକ ଭାବେ କର୍ମଜୀବନ ଆରମ୍ଭ କରିଥିଲେ। ପରେ ସମାଜସେବା ପାଇଁ ଚାକରି ଛାଡିଥିଲେ। ଅଣ୍ଡାଇଲୋ ପ୍ରାଥମିକ ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟ ଗଠନରେ ମୁଖ୍ୟ ପୁରୋଧା ଥିବା ବେଳେ ଜଣେ ସଫଳ ଠିକାଦାର ଭାବେ ମଧ୍ୟ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ଆଖପାଖ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ଜୁଏଲେରି ମାଲିକଙ୍କ ଘରେ ଡକାୟତି

- ଗୁଳି ମାଡ଼, ଭୁଜାଲି ଚୋଟରେ ୫ ଆହତ
- ଲୁଟି ନେଲେ ୨୫୦ ଗ୍ରାମ ସୁନା, ୫ କିଲୋ ରୁପା
- ଡକାୟତଙ୍କ ବାଇକ୍, ମୋବାଇଲ ଜବତ

**ବାହାନଗା,୨।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ଗ୍ରାମ ତଳସାହିର ଜଣେ ଜୁଏଲେରି ମାଲିକଙ୍କ ଘରେ ମଙ୍ଗଳବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଗୁଳି ଫୁଟାଇ ଓ ଭୁଜାଲିରେ ଆକ୍ରମଣ କରି ୨୫୦ ଗ୍ରାମ ସୁନା, ୫ କିଲୋ ରୁପା ଗହଣା ଲୁଟି ନେଇଛନ୍ତି। ଡକାୟତଙ୍କ ଆକ୍ରମଣରେ ଜୁଏଲେରି ମାଲିକଙ୍କ ପରିବାରର ୩ ସଦସ୍ୟଙ୍କ ସମେତ ସାହାଯ୍ୟ କରିବାକୁ ଆସିଥିବା ପଡ଼ିଶା ଘରର ବାପ, ପୁଅ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର ହୋଇଛନ୍ତି। ଖବରପାଇ ସୋର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ଅଫୁଟା ଗୁଳି ଓ ଦୁର୍ବୃତ୍ତମାନେ ଛାଡ଼ି ଯାଇଥିବା ଏକ ବାଇକ୍ ଏବଂ ୨ଟି ମୋବାଇଲ୍ ଫୋନ ଜବତ ହୋଇଛି।

ସୂଚନା ଅନୁଯାୟୀ, ସାଉଡୁ ଗ୍ରାମ ୬ନଂ. ୱାର୍ଡର ସନାତନ କମିଲାଙ୍କର ସ୍ଥାନୀୟ ବଜାରରେ ଏକ ଗହଣା ଦୋକାନ ଅଛି। ପ୍ରତ୍ୟେହ ରାତିରେ ସେ ଦୋକାନ ବନ୍ଦ କରି ଗହଣା ସବୁ ଘରକୁ ନେଇ ଆସନ୍ତି। ଲକ୍‌ଡାଉନ୍ ଯୋଗୁ ଦୋକାନ ବନ୍ଦ ଥିବାରୁ ସେ ଘରେ ଗହଣା ରଖିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତମାନେ ସନାତନଙ୍କ ଘର ପଛପଟକୁ ଯାଇ ତାଙ୍କ ବଡ଼ପୁଅ ମନ ମୋହନଙ୍କୁ ଡାକିଥିଲେ। ସେ କବାଟ ଖୋଲିବା ମାତ୍ରେ ୫ ଡକାୟତ ତାଙ୍କୁ କାବୁ କରି ଭୁଜାଲିରେ ଆକ୍ରମଣ କରିଥିଲେ। ମନମୋହନଙ୍କ ପାଟି ଶୁଣି ସନାତନ ପହଞ୍ଚି ଯିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ପରେ ସନାତନଙ୍କ ସ୍ତ୍ରୀଙ୍କଠାରୁ ଘର ଚାବି ନେଇ ଘର ଭିତରେ ପଶିଥିଲେ। ଡକାୟତଙ୍କୁ ଦେଖି ସନାତନଙ୍କ ସାନପୁଅ ସୁରେଶ ମୋବାଇଲ ଯୋଗେ ପାଖ ପଡ଼ୋଶୀଙ୍କୁ ଡାକିଦେଇଥିଲେ। ଏହା ଜାଣିପାରି ଡକାୟତମାନେ ସୁରେଶଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ସମୟରେ ପଡ଼ୋଶୀ ରବୀନ୍ଦ୍ର ବାରିକ୍ ଓ ତାଙ୍କ ପୁଅ ଦେବାଶିଷ ପହଞ୍ଚି ଯିବାରୁ ଡକାୟତମାନେ ତାଙ୍କୁ ମଧ ଭୁଜାଲି ଆକ୍ରମଣ କରିବା ସହ ସେମାନଙ୍କ ଉପରକୁ ଗୁଳି ଚଳାଇ ଥିଲେ। ପାଟିତୁଣ୍ଡ ଶୁଣି ଅନ୍ୟଲୋକମାନେ ପହଞ୍ଚି ଯିବାରୁ ଡକାୟତମାନେ ସେଠାରୁ ପଳାଇ ଯିବାକୁ ଚେଷ୍ଟା କରିଥିଲେ। ଲୋକେ ସେମାନଙ୍କୁ ଧରିବାକୁ ଉଦ୍ୟମ କରିବା ସମୟରେ ଡକାୟତମାନେ ୧୦ ରାଉଣ୍ଡ ଫାଙ୍କା ଗୁଳି ଚଳାଇ ଭୟଭୀତ କରିଥିଲେ। ଧସ୍ତାଧସ୍ତି ବେଳେ ଲୋକେ ସେମାନଙ୍କଠାରୁ ୨ଟି ମୋବାଇଲ ଛଡ଼ାଇ ରଖିଥିଲେ। ସନାତନ ଓ ତାଙ୍କ ଦୁଇ ପୁଅଙ୍କ ସମେତ ପଡ଼ୋଶୀ ରବୀନ୍ଦ୍ର ଓ ତାଙ୍କ ପୁଅ ଦେବାଶିଷଙ୍କୁ ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସାଉଡୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ପରେ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସୁରେଶ, ରବୀନ୍ଦ୍ର ଓ ଦେବାଶିଷଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଜିଲାପାଳଙ୍କ ଦ୍ୱାରସ୍ଥ ଚାଷୀ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଚାଷୀ।

**ବାଲେଶ୍ୱର ଅଫିସ,୨।୬**

**ଧାନର ଅଭାବୀ ବିକ୍ରି**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଇଙ୍କିଡ଼ା ସେବା ସମବାୟ ସମିତି ଅଧୀନ ଚାଷୀ ସଂଘ ଉକ୍ତ ଅଞ୍ଚଳରେ ରବି ଧାନର ଅଭାବୀ ବିକ୍ରି ନେଇ ବୁଧବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରସ୍ଥ ହୋଇଛି।

ପ୍ରକାଶ ଯେ, ଏହି ସମିତି ଅଧୀନରେ ୩୮୧ ଜଣ ଚାଷୀଙ୍କ ନାମ ପଞ୍ଜିକରଣ ହୋଇଛି। ସମିତିରେ ଧାନ ରଖିବା ପାଇଁ ଗୋଦାମ ନ ଥିବାରୁ ପୂର୍ବରୁ ଦୁଇ ମିଲ୍‌ର ଟ୍ୟାଗ୍ କରାଯାଇଥିଲା। ଚଳିତବର୍ଷ ଗୋଟିଏ ମିଲ୍‌କୁ ଟ୍ୟାଗ୍ କରାଯାଇ ଗତ ମେ' ୧୯ରେ ଧାନ କିଣା ପାଇଁ ମଣ୍ଡି ଆରମ୍ଭ ହୋଇଥିଲା। କିନ୍ତୁ ବାତ୍ୟା 'ୟାସ୍' ଯୋଗୁ ଧାନ କିଣା ବନ୍ଦ ହେବାରୁ ଟୋକନ ପାଇଥିବା ଅଧିକାଂଶ ଚାଷୀଙ୍କର ବାତିଲ୍ ହୋଇଯାଇଛି। ଅନ୍ୟପକ୍ଷେ ଟ୍ୟାଗ୍ ହୋଇଥିବା ମିଲ୍ ଅଧିକ ଧାନ କିଣିବା ପାଇଁ ଅସମର୍ଥ ପ୍ରକାଶ କରୁଛି। ଫଳରେ ଆଗାମୀ ଦିନରେ ଟୋକନକୁ ପୁନଃ ନବୀକରଣ କରାଇଲେ ମଧ ଧାନ ବିକ୍ରି ସମ୍ଭବ ହୋଇ ନ ପାରିବାର ଅଭିଯୋଗ କରିଛନ୍ତି ଚାଷୀ। ସମିତିକୁ ଟୋକନ ମୁତାବକ ଟାର୍ଗେଟ୍, ବାତିଲ ହୋଇଯାଇଥିବା ଟୋକନକୁ ପୁନଃ ନବୀକରଣ ଓ ଦୁଇଟି ମିଲ୍‌କୁ ଟ୍ୟାଗ୍ କରାଯିବା ପାଇଁ ଚାଷୀ ପତିତପାବନ ପ୍ରଧାନ, ପାରିତୋଷ ହୁଇ, ବଂଶୀଧର ଦାସ, ନିଳାମ୍ବର ସିଟ, ସବିତା ହୁଇ, ସୁବଳ ଚନ୍ଦ୍ର ହୁଇ, ମୃତ୍ୟୁଞ୍ଜୟ ଗିରି, ଲକ୍ଷ୍ମୀକାନ୍ତ ଗିରି ପ୍ରମୁଖ ଦାବି କରିଛନ୍ତି।

# ଦମ୍ପତିଙ୍କୁ ଗଛରେ ବାନ୍ଧି ପିଟିଲେ

**ଲଙ୍ଗଳେଶ୍ୱର,୨।୬(ଡି.ଏନ.ଏ.)**

**ବାଡ଼ିରେ ଛେଳି ପଶିବା ଘଟଣାକୁ ନେଇ ଉତ୍ତେଜନା**

ଛେଳି ଚରାଇବାକୁ ନେଇ ଘଟିଛି ଉତ୍ତେଜନା। ପର ବାଡ଼ିରେ ଛେଳି ପଶିବାରୁ ଏକ ଦମ୍ପତିଙ୍କୁ ଗଛରେ ବାନ୍ଧି ଗାଁଲୋକେ ମାଡ଼ ମାରିଛନ୍ତି। ସୂଚନା ଅନୁସାରେ ବାଲିଆପାଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଛେଳି ଚରାଇବା ପାଇଁ ଯାଇଥିଲେ। ଏହି ସମୟରେ ଜଣଙ୍କ ବାଡ଼ିରେ ଛେଳିଟି ପଶି ଯାଇଥିଲା। ଯାହାକୁ ନେଇ ଅପରପକ୍ଷର ବ୍ୟକ୍ତି ରାଗି ଯାଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଏନେଇ ବଚସା ହୋଇଥିଲା। ଏହାପରେ ଉକ୍ତ ବ୍ୟକ୍ତି ତାଙ୍କୁ ଅଟକ ରଖି ମାରପିଟ୍ କରିଥିଲେ। ଖବରପାଇ ଛେଳି ଚରାଇବାକୁ ଆସିଥିବା ବ୍ୟକ୍ତିଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ସେମାନଙ୍କୁ ଗଛରେ ବାନ୍ଧି ଲୋକେ ନିସ୍ଥୁକ ମାଡ଼ ମାରିବା ଆରମ୍ଭ କରିଥିଲେ। ଏହି ସମୟର ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ବାଲିଆପାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗକୁ ଭିତ୍ତି କରି ବାଲିଆପାଳ ପୋଲିସ ଘଟଣାର ତଦନ୍ତ କରୁଛି।

## 'ସିମୁଳିଆର ବିଶ୍ୱକର୍ମା ଥିଲେ ପର୍ଶୁରାମ'

**ଖଇରା, ୨।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀ ଜଣେ ସରଳ, ମିଷ୍ଟଭାଷୀ, ମାନବବାଦୀ ମଣିଷ ଥିଲେ। ନିଜର ଦକ୍ଷତା ପାଇଁ ସେ ଓଡିଶା ବିଧାନସଭାରେ ଶ୍ରେଷ୍ଠ ବିଧାୟକର ମାନ୍ୟତା ଲାଭ କରିଥିଲେ। ସର୍ବୋପରି ସେ ସିମୁଳିଆ ଖଇରାର ବିଶ୍ୱକର୍ମା ଥିଲେ ବୋଲି ଖଇରା ଦୁର୍ଗାମଣ୍ଡପ ଠାରେ ଆୟୋଜିତ ପର୍ଶୁବାବୁଙ୍କ ୬ଷ୍ଠ ଶ୍ରାଦ୍ଧ ବାର୍ଷିକୀରେ ଯୋଗ ଦେଇଥିବା ବକ୍ତା ମାନେ ଆଲୋକପାତ କରିଛନ୍ତି । ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ତାଙ୍କର ପୁଅ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଲକ୍ଷ୍ମୀଧର ସ୍ୱାଇଁ, ଜୟନ୍ତ ରାଉତ, ରଶ୍ମିତା ମହାପାତ୍ର, ବିଷ୍ଣୁପ୍ରସାଦ ମିଶ୍ର, ଅନ୍ତର୍ଯ୍ୟାମୀ ପାତ୍ର, ମାନସ ଦାଶ, ରାକେଶ ଗଦାଧର ବରାଳ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।




ଦୁର୍ଗାମଣ୍ଡପରେ ଆୟୋଜିତ ପର୍ଶୁରାମ ପାଣିଗ୍ରାହୀଙ୍କ ସ୍ମୃତିସଭା।

## ବ୍ରାଉନସୁଗାର, ମଦ ଜବତ: ୨ ଗିରଫ

**ଭଦ୍ରକ ଅଫିସ, ୨।୬**

ଭଦ୍ରକରୁ ବ୍ରାଉନସୁଗାର ଜବତ ହେବା ଏକ ନିତିଦିନିଆ ଘଟଣା ହୋଇଯାଇଛି। ବୁଧବାର ଭଦ୍ରକ ସହର ବନ୍ତ ଛକଠାରେ ଜଣେ ଯୁବକ ବ୍ରାଉନସୁଗାର ଧରି ଛିଡ଼ା ହୋଇଥିବା ବେଳେ ଅବକାରୀ ଗୁଇନ୍ଦାର ସ୍ୱତନ୍ତ୍ର ଟିମ୍ ତାଙ୍କୁ କାବୁ କରିଛି। ସମ୍ପୃକ୍ତ ଯୁବକଙ୍କଠାରୁ ୧୪ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ସହ ତାଙ୍କୁ ଗିରଫ କରିଛି ଏହି ଟିମ୍। ଗିରଫ ଯୁବକ ହେଲେ ଗ୍ରାମାଞ୍ଚଳ ଥାନା ଅଧୀନ ଅରଞ୍ଜି ଗ୍ରାମର ଗଣେଶ ପଣ୍ଡା। ସେହିପରି ବନ୍ତ ଛକଠାରେ ଜଣେ ଯୁବକ ୧୪ ପେଟି ଆସ୍କାଫର୍ଟି ନେଇ ଯାଉଥିବା ବେଳେ ତାଙ୍କୁ ମଧ ଏହି ଅବକାରୀ ଗୁଇନ୍ଦା ଗିରଫ କରିଛି। ସେ ହେଲେ ବାସୁଦେବପୁର ଅଞ୍ଚଳର ବୈକୁଣ୍ଠ ଦାସ। ସେ ବେଆଇନ ଭାବେ ଏହି ମଦ କରବାର କରୁଥିଲେ। ବ୍ରାଉନସୁଗାର ଓ ମଦ କାରବାର ସମ୍ପର୍କରେ ଜାଣିବା ପରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସେମାନଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିଥିଲା। ୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।

## ବାବା ଆଖଣ୍ଡଳମଣିଙ୍କ ଲଗ୍ନ ମହୋତ୍ସବ



ବରପିତାଙ୍କ ଘରକୁ ଲଗ୍ନ ନିଆଯାଉଛି।

**ଆରଡ଼ି, ୨।୬ (ଡି.ଏନ.ଏ.)**

**୧୫ରେ ଶିବବିବାହ**

ଚଳିତ ମାସ ୧୫ ତାରିଖରେ ଶିବବିବାହ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବୁଧବାର ଭଦ୍ରକ ଜିଲା ଆରଡ଼ିର ଆଖଣ୍ଡଳମଣି ମନ୍ଦିର କାର୍ଯ୍ୟାଳୟ ପରିସରରେ ବାବାଙ୍କ ଶୁଭଲଗ୍ନ ମହୋତ୍ସବ ସମ୍ପନ୍ନ ହୋଇଛି। ଅପରାହ୍ନରେ ସମ୍ପୂର୍ଣ୍ଣ ଲୌକିକ ପରମ୍ପରାରେ ମାତା ପାର୍ବତୀଙ୍କ ପିତା ସାଜିଥିବା ଚନ୍ଦ୍ରମଣି ପାଢ଼ୀଙ୍କ ଉପସ୍ଥିତିରେ ଲଗ୍ନ ଚିଟାଉ ଲେଖା ଯାଇଥିଲା। ଏହି ଲଗ୍ନ ଚିଟାଉକୁ ଏକ ଚାନ୍ଦି ନିର୍ମିତ ରେକାବୀରେ ରଖି ମଙ୍ଗଳ ପ୍ରତୀକ ଲାଲ କପଡ଼ା ଦ୍ୱାରା ଆବଦ୍ଧ କରାଯାଇଥିଲା। ପରେ ଅନ୍ୟ ଲଗ୍ନ ସାମଗ୍ରୀ ଯଥା ରତ୍ନହାର , ରତ୍ନମୁଦ୍ରିକା, ପାଟ ଯୋଡ଼ ଆଦିକୁ ନେଇ ବାରିକ, ପୁରୋହିତ, ଜ୍ୟୋତିଷ ବାବା ଭୋଳାଶଙ୍କରଙ୍କ ପିତା ସାଜିଥିବା ରଶ୍ମୀରଞ୍ଜନ ପାଢ଼ୀଙ୍କ ବାସଗୃହକୁ ଯାଇଥିଲେ। ସେଠାରେ ବିଧି ପୂର୍ବକ ଲଗ୍ନ ପାଠ କରାଯାଇଥିଲା। ସାମାଜିକ ଦୂରତା ବଜାୟ ରଖି ଲଗ୍ନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସେବାୟତ ଅଧ୍ୟାପକ ବିଜୟ ଦାଶ, ଭୀମସେନ ପଣ୍ଡା, ଆଶିଷ ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ ଓ ମନ୍ଦିର ସହ ପରିଚାଳକ ସୁଧାକର ବିଶ୍ୱାଳ ଲଗ୍ନ ଲେଖା ବେଳେ ଉପସ୍ଥିତ ଥିଲେ। ଜିଲାପାଳ ଜ୍ଞାନ ଦାସ ଭର୍ଚୁଆଲ ବୈଠକ ମାଧ୍ୟମରେ ଲଗ୍ନ ସମୀକ୍ଷା କରିବା ସହ ଶିବବିବାହ ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ।

## କଲେଜ ଅଧକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସଜନାଗଡ଼,୨।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ଅଧକ୍ଷ ଡ. ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପକ ତଥା ନବନିଯୁକ୍ତ ଅଧକ୍ଷ ଡ. ଗିରିଶ କିଙ୍କର ମଲ୍ଲିକ ଅଧକ୍ଷତା କରିଥିଲେ। ଅଟଳ ବିହାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ବସନ୍ତ କୁମାର ପାଢ଼ୀ, ଡ. ପ୍ରତାପ କୁମାର ନାୟକ. ଡ. ରମାକାନ୍ତ ଦାସ ଓ ଡ. ଗୋବିନ୍ଦ ବିଶ୍ୱାଳ, ଡ. ରତ୍ନାକର ରାଜ, ଡ. ଉମାକାନ୍ତ ନାୟକ, ଡ. ଦିଲୀପ କୁମାର ପାତ୍ର, ଅଧ୍ୟାପକ ଡ. ଅମର ବଲ୍ଲଭ ପଣ୍ଡା. ଡ. ରାମଶଙ୍କର ମିଶ୍ର, ଅଧ୍ୟାପକ ଶଶିକାନ୍ତ ମହାନ୍ତି ପ୍ରମୁଖ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟରୁ ଯୋଗଦେଇ ଡ. ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ବିଷୟରେ କହିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରଦୀପ କୁମାର ମିଶ୍ର ଓ ମିତ୍ରପୁର ଶିକ୍ଷାବିତ୍ କର୍ଣ୍ଣଲ ଗୋପାଳ ଚନ୍ଦ୍ର ମହାପାତ୍ର ଯୋଗଦେଇ ବିଦାୟୀ ସମ୍ବର୍ଦ୍ଧନା ସହ ନବନିଯୁକ୍ତ ଅଧକ୍ଷଙ୍କୁ ସ୍ୱାଗତ ଜଣାଇଥିଲେ। ଆଇକ୍ୟୁଏସିର ପ୍ରୋଗ୍ରାମ ଅଫିସର ଡ. ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ଭିକ୍ଷା ମାଗିଲେ ସେବାୟତ

**ଭଦ୍ରକ ଅଫିସ, ୨।୬**

କରୋନା ପାଇଁ ଲକ୍‌ଡାଉନ, ଶଟ୍‌ଡାଉନ ଜାରି ରହିଛି। ମନ୍ଦିରରେ ତାଲା ଝୁଲୁଛି। ପ୍ରଶାସନ ନିଷ୍ପତ୍ତି କ୍ରମେ କେବଳ ରୀତିନୀତି ଅନୁଯାୟୀ ପୂଜକ କିମ୍ବା ସେବାୟତ ପୂଜାର୍ଚ୍ଚନା କରୁଛନ୍ତି। ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବାରୁ ପୂଜକଙ୍କ ରୋଜଗାର ନାହିଁ। ଜୀବିକାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ପୂଜକ ପରିବାର। ଭଦ୍ରକ ଜିଲାର ପ୍ରସିଦ୍ଧ ଆଖଣ୍ଡଳମଣି ମନ୍ଦିରର ପୂଜକମାନେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବାବା ଆଖଣ୍ଡଳମଣିଙ୍କ ନୀତିକାନ୍ତି ପାଇଁ ପ୍ରତ୍ୟେହ ୧୦ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ଏମିତି ସମୟରେ ପ୍ରଶାସନ ପକ୍ଷରୁ ସହାୟତା ମଧ ମିଳୁନାହିଁ। କେତେଜଣ ସେବାୟତ ପୂର୍ବରୁ ଜିଲା ପ୍ରଶାସନର ସହଯୋଗ ଲୋଡ଼ିଥିଲେ। ସହଯୋଗ ନ ମିଳିବାରୁ ଏବେ ସେମାନେ ଜିଲା ପ୍ରଶାସନକୁ ଭିକ୍ଷା ମାଗିଛନ୍ତି। 'ସହାୟତା ମାଗିଲୁ ଦେଲେ ନାହିଁ, ଏବେ ଭିକ ମାଗୁଛୁ ଦିଅ ନ ହେଲେ ଆଗାମୀ ଦିନରେ ଆମ ପରିବାର ଲୋକେ ଆସି ଭିକ ମାଗିବେ' ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ପୋଖରୀରୁ ମିଳିଲା ଶିଶୁପୁତ୍ର ମୃତଦେହ

**ଭଣ୍ଡାରିପୋଖରୀ,୨।୬(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବର୍ୟାଁବନାପୁର ପଞ୍ଚାୟତ ହଳଦୀଗଡ଼ିଆ ଗ୍ରାମରେ ବୁଧବାର ଏକ ପରିତ୍ୟକ୍ତ ପୋଖରୀରୁ ଶିଶୁପୁତ୍ର ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁସାରେ, ପୋଖରୀରେ ଜଣେ ଶିଶୁର ମୃତଦେହ ଭାସୁଥିବା ସକାଳେ ଗ୍ରାମବାସୀ ଦେଖିଥିଲେ। ଏ ନେଇ ସେମାନେ ଭଣ୍ଡାରିପୋଖରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

## ସ୍ଲରି ପାଇପ୍ ଲାଇନ ପାଇଁ ଟ୍ରାଫିକ ଜାମ୍

**ଯୋଡ଼ା,୨।୦୬(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଯୋଡା ସହର ମଧ ଦେଇ ଯାଇଥିବା ରାସ୍ତାର ଏସବିଆଇ ଛକଠାରେ ମାଟିତଳେ ଯାଇଥିବା ଏକ ଘରୋଇ କମ୍ପାନୀର ସ୍ଲରି ପାଇପ ଲାଇନର ତ୍ରୁଟି ପାଇଁ ଏକ ଡମ୍ପର ଫସି ଯାଇ ଅଟକି ରହିଥିଲା। ଫଳରେ ଟ୍ରାଫିକ ସମସ୍ୟା ଉପୁଜି ଜନସାଧାରଣ ହଇରାଣ ହୋଇଥିଲେ। ଜରାଜୀର୍ଣ୍ଣ ଓ ସଙ୍କୁଚିତ ରାସ୍ତା ଯୋଗୁ ଏହି ସମସ୍ୟା ଉପୁଜିଥିଲା। ଲକ୍‌ଡାଉନ ଯୋଗୁ ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବା ପାଇଁ ବଜାରକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ମହିଳା ବନ୍ଦନା ଦାସ, ପୁରୁଷୋତ୍ତମ ଦାସ, ଯୁଗଳ ସେଠୀ, ଲକ୍ଷ୍ମ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଦୀର୍ଘ ଘଣ୍ଟା ବ୍ୟବଧାନ ପରେ କ୍ରେନ୍ ସାହାଯ୍ୟରେ ଡମ୍ପରକୁ ଉଠାଯାଇଥିଲା। ପୂର୍ବରୁ ମଧ ଏହି ଛକ ନିକଟରେ ପାଇପ ଲାଇନର ଗର୍ତ୍ତ ଯୋଗୁ ଡମ୍ପର ଫସି ଟ୍ରାଫିକ ସମସ୍ୟା ଉପୁଜିଥିଲା। ପ୍ରଶାସନ ହସ୍ତକ୍ଷେପ କରି ସ୍ଲରି ପାଇପ ଲାଇନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହେଉଛି।

## ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା

**ପାଟଣା, ୨।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ତହସିଲ କେନ୍ଦେଇପଶି ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ କାଶୀପୁର ନାଳ ଓ ପାଟଣା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ସ୍ୱାମ ନାଳରୁ ଦୁଇ ଟ୍ରାକ୍ଟର ବୁଧବାର ବେଆଇନ ବାଲି ଚାଲାଣ କରୁଥିବା ବେଳେ ତହସିଲର ଏନଫୋର୍ସମେଣ୍ଟ ଟିମ୍ ହାତରେ ଧରାପଡ଼ିଥିଲା। ଉଭୟ ଟ୍ରାକ୍ଟରରୁ ୩୦ହଜାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି।

# କୋଭିଡ୍ ହସ୍ପିଟାଲରେ ଲାଗିଲା ସିସିଟିଭି

**ବାରିପଦା ଅଫିସ,୨।୬**

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦା ବାଙ୍କିଶୋଳ କୋଭିଡ୍ ହସ୍ପିଟାଲର ସମସ୍ତ ୱାର୍ଡରେ ସିସିଟିଭି ଲଗାଯାଇଛି । ଭାଇରଲ ଭିଡିଓକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। କିଭଳି ରୋଗୀ ଚିକିତ୍ସା ଓ ସେବା କରାଯାଉଛି ତାହା ଜିଲା ପ୍ରଶାସନ ସିଧାସଳଖ ଦେଖି ପାରିବେ। ସେହିପରି ପିଆର୍‌ଏମ୍ ମେଡିକାଲର ଏକ ଡାକ୍ତରୀ ଦଳ ପ୍ରତିଦିନ ବାଙ୍କିଶୋଳ ହସ୍ପିଟାଲକୁ ଯାଇ ରୋଗୀଙ୍କ ସହ ଯୋଗାଯୋଗ କରିବେ। ବିଶେଷ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦେବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପ୍ରଶାସନ ଏକ ପ୍ରେସ ଇସ୍ତାହାରରେ ଜଣାଇଛି।

**ଅନୁଧ୍ୟାନ କଲେ କେନ୍ଦ୍ରମନ୍ତ୍ରୀ**

କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବୁଧବାର ରାତିରେ ମୟୂରଭଞ୍ଜ ଜିଲା ବାରିପଦା ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରି ଫେରିଛନ୍ତି। ପିପିଇ କିଟ୍ ପିନ୍ଧି ଚିକିତ୍ସିତ ଆକ୍ରାନ୍ତଙ୍କ ସହ ସେ ଆଲୋଚନା କରିଥିଲେ। ଏକ ୩ ଜଣିଆ ଟିମ୍ ଗଠନ କରି ହସ୍ପିଟାଲ ଅବ୍ୟବସ୍ଥା ସମ୍ପର୍କିତ ଭାଇରାଲ୍ ଭିଡିଓର ସତ୍ୟତା ଉପରେ ତଦାରଖ କରି ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ସହ ଚିକିତ୍ସା ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବାକୁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନା ଅନୁଯାୟୀ, ବାଙ୍କିଶୋଳ କୋଭିଡ୍ ହସ୍ପିଟାଲ ଚଟାଣ, ଶୌଚାଳୟ ଓ ତଳେ ପଡ଼ିଥିବା ରୋଗୀଙ୍କ ଭିଡିଓ ଏବଂ ଫଟୋ ଭାଇରାଲ ହୋଇଥିଲା । ଏନେଇ ଜିଲା ବ୍ୟାପୀ ଅସନ୍ତୋଷ ଦେଖାଦେଇଥିଲା। ହସ୍ପିଟାଲ ପରିଦର୍ଶନ ବେଳେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ ଓ କୋଭିଡ୍ ପରିଚାଳନାରେ ଥିବା ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଚିକିତ୍ସିତଙ୍କ ସହ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଲୋଚନା କରୁଛନ୍ତି।

# ଭୂମିକାକୁ ଗୁରୁତ୍ୱ ଦିଏ

**ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ପ୍ରଣୀତା ସୁବାସ ନିଜ କ୍ୟାରିୟର ସମ୍ପର୍କରେ ଯାହା କହନ୍ତି...**



ପ୍ରଣୀତା

ଏକ ଡାକ୍ତର ପରିବାରରେ ପ୍ରଣୀତାଙ୍କ ଜନ୍ମ। ତାଙ୍କର ବାପା ସୁବାସ ଏବଂ ମା' ଜୟଶ୍ରୀଙ୍କର ବାଙ୍ଗାଲୋରରେ ଏକ ହସ୍‌ପିଟାଲ ଅଛି। ପୁଣି ସେମାନଙ୍କର ଏକମାତ୍ର ଅଲିଅଳ କନ୍ୟା ହେଉଛନ୍ତି ପ୍ରଣୀତା। ତେଲୁଗୁ ବ୍ଲକ ବଷ୍ଟର 'ପୋର୍‌କି'ର କନ୍ନଡ ରିମେକ୍‌ରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରନ୍ତି ଏହି ନାୟିକା। ପୁଣି ଏପରି ସୌଭାଗ୍ୟ ଯେ ଏହି ସିନେମାଟି ସୁପରହିଟ୍ ସାବ୍ୟସ୍ତ ହୁଏ। ତା'ପରେ ପ୍ରଣୀତା ଦେଖିଚାହିଁ ସିନେମା ସାଇନ୍ କରନ୍ତି। ତେଲୁଗୁ ଫିଲ୍ମ 'ବାଭା' ମଧ୍ୟ ତାଙ୍କ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଥିଲା ଏବଂ ରାତାରାତି ସେ ନିଜକୁ ନାୟିକା ଦୌଡ଼ରେ ସାମିଲ କରିପାରିଥିଲେ। ତା'ପରେ ସତେଯେମିତି ଭାଗ୍ୟଦେବୀ ତାଙ୍କୁ ସହାୟ ହୋଇଥିଲେ। ତାଙ୍କ ଅଭିନୀତ ଗୋଟିଏ ପରେ ଗୋଟିଏ ସିନେମା ଦର୍ଶକଙ୍କୁ ପ୍ରଭାବିତ କରେ ଏବଂ ସେ ପାଲଟି ଯାଆନ୍ତି ଜଣେ ଲୋକପ୍ରିୟ ଅଭିନେତ୍ରୀ। ନିଜର କ୍ୟାରିୟର ସମ୍ପର୍କରେ ପ୍ରଣୀତା କହନ୍ତି, 'ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ କେବେ ପଛକୁ ଫେରି ଚାହିଁ ନ ଥିଲି। ନିଜର ଅଭିନୟ ଦକ୍ଷତାର ପରିଚୟ ଦେବା ପାଇଁ ମୁଁ ସବୁବେଳେ ନିଜ ଭୂମିକାକୁ ଗୁରୁତ୍ୱ ଦିଏ, ଯେଉଁଥିପାଇଁ ମୋର ଅଧିକାଂଶ ସିନେମା ହିଟ୍ ସାବ୍ୟସ୍ତ ହୋଇଛି। ଆଦୌ ତରବର ହୋଇ ମୁଁ ଆଗକୁ ବଢ଼ିବାକୁ ଚାହେଁନା। ଉଭୟ ତେଲୁଗୁ ଏବଂ ତାମିଲ ଭାଷାରେ ନିର୍ମିତ ତଥା ଶଙ୍କର ଦୟାଲଙ୍କ ନିର୍ଦ୍ଦେଶିତ 'ଶଗୁନି' ଏକାଥରେ ରେକର୍ଡ ସଂଖ୍ୟକ ୧୧୫୦ ପ୍ରେକ୍ଷାଳୟରେ ୱାର୍ଲ୍ଡ ୱାଇଡ୍ ରିଲିଜ ହୋଇଥିଲା। କେବଳ ଆନ୍ଧ୍ରପ୍ରଦେଶର ୪୫୦ଟି ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।

**ପ୍ରଣୀତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର**

'ପୋର୍‌କି', 'ଜରାସନ୍ଧ', 'ବ୍ରହ୍ମା', 'ପଣ୍ଡାଭୁଲୁ ତୁମିଡା, 'ମାସ୍ ଲିଡର', 'ମିଷ୍ଟର ୪୨୦', 'ହ୍ୱିସିଲ୍' (କନ୍ନଡ), 'ଶଗୁନି', 'ଉଡୟନ' (ତାମିଲ), 'ଡିନାମାଇଟ୍' (ତେଲୁଗୁ)।

# ଓଡ଼ିଶୀ ନୃତ୍ୟରେ ଭାରତର ସାଂସ୍କୃତିକ ବିଭବ



'ଇଣ୍ଡିଆନ୍ ହେରିଟେଜ୍ ଥ୍ରୁ କଲଚର୍' ଚଳଚ୍ଚିତ୍ରରେ ନୃତ୍ୟଶିଳ୍ପୀ

ସମୃଦ୍ଧ ଭାରତୀୟ ଐତିହ୍ୟ ଓ ସଂସ୍କୃତି। ଆମ ଦେଶର ବିବିଧ ସୂକ୍ଷ୍ମ କଳା, ପ୍ରାଚୀନ ସ୍ତୋତ୍ରର ନୈସର୍ଗିକ ପରିବେଶ, ମନ୍ଦିର ଗାତ୍ରରେ ସୂକ୍ଷ୍ମ କାରୁକାର୍ଯ୍ୟ, ଛନ୍ଦମୟୀ ନୃତ୍ୟାଙ୍ଗନା, ଭାବପୂର୍ଣ୍ଣ ସଂଗୀତର ମୂର୍ଚ୍ଛନା ଭାରତୀୟ ସଂସ୍କୃତିର ଅପୂର୍ବ ପରିସ୍ଫୁଟନ। ବୈଦିକ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାଂସ୍କୃତିକ ବିଭବର ସମ୍ମେଳନ ପୁଣି ଓଡ଼ିଶୀ ନୃତ୍ୟରେ ପ୍ରଦର୍ଶିତ ହୋଇଛି 'ଇଣ୍ଡିଆନ୍ ହେରିଟେଜ ଥ୍ରୁ କଲଚର୍' ଚଳଚ୍ଚିତ୍ରରେ। କାନାଡ଼ା ମଣ୍ଟ୍ରିଲସ୍ଥିତ କବୀର ସେଣ୍ଟର ଫର୍ ଆର୍ଟ ଆଣ୍ଡ କଲଚର୍ ଏହି ଚିତ୍ରର ପ୍ରଯୋଜକ। ଟରୋଣ୍ଟୋ ଡୋମିନିୟନ ବ୍ୟାଙ୍କ ଗ୍ରୁପ୍ ସହାୟତାରେ ନିର୍ମିତ ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ପରିକଳ୍ପନା, ନୃତ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି କାନାଡ଼ାରେ ଅବସ୍ଥାପିତ ପ୍ରଖ୍ୟାତ ନୃତ୍ୟାଙ୍ଗନା ଏନାକ୍ଷୀ ସିହ୍ନା। କାନାଡ଼ା ଏବଂ କଲିକତାର ଶିଳ୍ପୀମାନେ ଏହି ଚିତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ ସହ ବର୍ତ୍ତମାନ ଆମ ଦେଶର କଠିନ ଆହ୍ୱାନକୁ ନେଇ ସେମାନଙ୍କ ଭାବାବେଗ ପ୍ରକଟ କରିଛନ୍ତି। ଉଭୟ ଇଂରାଜୀ ଓ ଫରାସୀ ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରିମିୟର ଗତ ମେ ୩୦ ତାରିଖ ରବିବାର (ରାତି ୮) ଏବଂ ପୁନଃ ଜୁନ୍ ୧ ମଙ୍ଗଳବାର (ରାତି ୮ଟା)ରେ ଅନ୍‌ଲାଇନରେ ପ୍ରସାରିତ ହୋଇଯାଇଛି।

# ରହସ୍ୟ ଖୋଲିଲେ ହୁମା



ହୁମା

ନିକଟରେ ହୁମା କ୍ୟୁରେସି ଅଭିନୀତ 'ଆର୍ମି ଅଫ୍ ଦ ଡେଡ୍' ରିଲିଜ ହୋଇଛି। ଓଟିଟି ଫର୍ମାଟରେ ମୁକ୍ତିଲାଭ କରିଥିବା ଏହି ସିନେମାରେ ତାଙ୍କ ଭୂମିକାର ସମୟ ଅବଧିକୁ କାଟ୍‌ଛାଣ୍ଟ କରାଯାଇଛି ବୋଲି ଆଲୋଚନା ହେଉଛି। କିନ୍ତୁ ଶେଷରେ ଏପରି ଆଲୋଚନାକୁ ନେଇ ମୁହଁ ଖୋଲିଛନ୍ତି ହୁମା। ସେ କହିଛନ୍ତି ଯେ, 'ଏସବୁ ଆଲୋଚନା ଉପରେ ସେପରି ସତ୍ୟତା ନାହିଁ। କାରଣ କାହାଣୀ ଅନୁସାରେ ମୋ ଭୂମିକାର ସମୟସୀମା ନିର୍ଭର କରେ। ତେଣୁ ତାକୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଜ୍ୟାକ୍ ସ୍ୟାନଡର।

# ନୋରାଙ୍କ ଟିପ୍ସ



ନୋରା ଫତେହୀ

ଏବେ ତ କରୋନାର ଦ୍ୱିତୀୟ ଲହର ପାଇଁ ଲକ୍‌ଡାଉନ୍ ଚାଲିଛି। ଯେହେତୁ ଶୁଟିଂ ବନ୍ଦ ଅଛି ତେଣୁ ନୋରା ଫତେହୀଙ୍କୁ ଅଧିକାଂଶ ସମୟ ଘରେ ହିଁ ରହିବାକୁ ପଡୁଛି। ଏହି ସମୟରେ ସେ ସୋସିଆଲ ମିଡିଆରେ ଆକ୍ଟିଭ ରହୁଛନ୍ତି। କିଛି ମାସ ପୂର୍ବରୁ ସେ ମ୍ୟୁଜିକ୍ ଭିଡିଓ ପାଇଁ ଚର୍ଚ୍ଚାର ପରିସରକୁ ଆସିଥିଲେ। ଆଉ ଏବେ ସେ ନିଜକୁ ଏକ କାମରେ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି? କରୋନା ସମୟରେ କିପରି ମାନସିକ ଶାନ୍ତି ପାରିବେ ସେ ନେଇ ଟିପ୍ସ ବାଣ୍ଟୁଛନ୍ତି। ଏ ନେଇ ନୋରା କହନ୍ତି, 'ଥରେ ଏମିତି କଥା ପ୍ରସଙ୍ଗରେ ମୋର ସାଙ୍ଗମାନେ ମୋତେ ମାନସିକ ଶାନ୍ତି ନେଇ ପଚାରିଥିଲେ। ସେମାନଙ୍କୁ ପ୍ରଥମେ ଟେନସନଠାରୁ ଦୂରେଇ ରହିବା ସହ ଯୋଗ, ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଥିଲି। ତା' ସହ ମନ ପସନ୍ଦର ସିନେମା ଦେଖିବା ଏବଂ ଗୀତ ଶୁଣିବାକୁ କହିଥିଲି। ଯାହା ହେଉ ମୋର କେତେଜଣ ସାଙ୍ଗ, ଯେଉଁମାନଙ୍କ ମନରେ ସବୁବେଳେ କରୋନାକୁ ନେଇ ଭୟ ସଂଚାର ହେଉଥିଲା ତାହା କେତେକାଂଶରେ ଦୂର ହୋଇଛି। ମୋ ଟିପ୍ସ ତ ଅଲଗା କଥା, ମାନସିକ ଶାନ୍ତି ପାଇଁ ସବୁବେଳେ ନିଜ ମନୋଭାବକୁ ସକାରାତ୍ମକ ରଖନ୍ତୁ।'

## ରିଲିଜ ଅପେକ୍ଷାରେ..

# ବାୟ ବାୟ ଦିଲ୍





ରିଲିଜ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। କାରଣ ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ମହ୍ଲାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର।

# ଆଶାରେ କିଶୋର



କିଶୋର-ପୁନମ୍

ପ୍ରେମର ରାସ୍ତା କଣ୍ଟକିତ। ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ବେଳେବେଳେ ବାଧାବିଘ୍ନର ସାମନା କରିବାକୁ ପଡିଥାଏ। ଏକ ସତ ଘଟଣା ଉପରେ ଆଧାରିତ ପ୍ରେମ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ୟୁ ଜାନୁ'। ଏଥିରେ କେବଳ ଲଭ୍ ନୁହେଁ, ପ୍ରତିଶୋଧ ଏବଂ ଭାବପ୍ରବଣତା ମଧ୍ୟ ରହିଛି। ତନ୍ମୟ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ପ୍ରଥମ ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଜିତେନ୍ଦ୍ର ଓଝା। ଚିତ୍ରଟିର ସହ-ପ୍ରଯୋଜନା କରିଛନ୍ତି ଲିପୁନ। ସଂଳାପ ରଚନା କରିଛନ୍ତି ବୈଜୟନ୍ତୀ ମିଶ୍ର। ତା'ସହ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଦିବ୍ୟଜ୍ୟୋତି ପାତ୍ର ଓରଫ ଦୀପୁ। ଅଭିଜିତ ମଜୁମଦାର ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି । ଖାସ୍ କଥା ହେଲା, ନବାଗତ କିଶୋର କୁମାର ଏହି ଫିଲ୍ମରୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରୁଛନ୍ତି ପୁନମ ମିଶ୍ର। କିଶୋର-ପୁନମଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ପ୍ରିୟଙ୍କା ମହାପାତ୍ର, ମନୀଷା ମିଶ୍ର, ଜୟପ୍ରକାଶ ଦାସ, ଜିତୁ, ଭକ୍ତି, ସୀମା, ଜ୍ଞାନ, ମୋନାଲିସା, ମହିମା ଏହି ଫିଲ୍ମରେ ଅଭିନୟ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ,
ପର୍ସନାଲ, ସମ୍ପତ୍ତି, ଗୃହ,
ବ୍ୟବସାୟ, କୃଷି, ଶିକ୍ଷା,
କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସୁଧାକର ସ୍ୱାଇଁ
କେଶପୁର, C.R.R.I. କଟକ-୬
ଆବିର୍ଭାବ- ୦୭.୦୬.୧୯୫୩
ତିରୋଧାନ- ୨୪.୦୫.୨୦୨୧
ତୁମ ଅକାଳ ବିୟୋଗ ତଥା ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ତଥା ମାର୍ଗଦର୍ଶନ ଆମ ମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ଲିଲିମା, ପ୍ରଭାକର, ନିବେଦିତା, ରତ୍ନାକର, ବନୀ, ରାଜେଶ, ଇତିଶ୍ରୀ, ପିଙ୍କି, ରନ୍‌ଦୀପ, ଜ୍ୟୋତିକ୍ରିଷ୍ଣା, ନିଲେଶ୍, ରିଶି, ରାହୀ, ଖୁସୀ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୭୧୧୦୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




ସ୍ୱର୍ଗତା ସାରଦା ସାହୁ
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଣୁନା ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୬।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୦୭୧୧

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



୰ସୀତାନାଥ ନନ୍ଦ
ଗାନ୍ଧୀମାର୍ଗ, ଆଠଗଡ଼
ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧ୍ୟାତ୍ମିକ ଜୀବନଶୈଳୀ କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଆମମାନଙ୍କର ପ୍ରେରଣାର ଉତ୍ସ ହେଉ।
ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଅମୃତମୟ ଆଶୀର୍ବାଦ ଭିକ୍ଷାରେ
ସ୍ତ୍ରୀ, ଝିଅ, ଶୌ, ପୁଅ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂ।
ଧ-୨୦୮୨୨

# ଡାକଘର



**ନନ୍ଦିନୀ ଶତପଥୀ**ଙ୍କ ଜନ୍ମ ୯ ଜୁନ୍‌ରେ। ସେ କେବଳ ଓଡ଼ିଶା ଓ ସର୍ବୋପରି ଭାରତବର୍ଷର ବିଚକ୍ଷଣ ନାରୀନେତ୍ରୀ ନୁହନ୍ତି, ବହୁ ଗୁଣାତ୍ମକ କବିତା ଓ ଜୀବନଧର୍ମୀ ଗଳ୍ପ ଲେଖି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟକୁ ନାନା ଭାବେ ଋଦ୍ଧିମନ୍ତ କରିଯାଇଛନ୍ତି। ମହାଶ୍ୱେତା ଦେବୀଙ୍କ ଭଳି ଧ୍ରୁପଦ ଲେଖିକାଙ୍କ ଗଳ୍ପକୁ ଓଡ଼ିଆରେ ଅନୁବାଦ କରି ତାଙ୍କ ଅନାବିଳ ସାହିତ୍ୟ ରୁଚିର ପରିଚୟ ଦେଇଛନ୍ତି। ଓଡ଼ିଆ ସାହିତ୍ୟରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ଗଙ୍ଗାଧର ରଥ ଫାଉଣ୍ଡେଶନ୍' ପ୍ରଦତ୍ତ 'ସାହିତ୍ୟ ଭାରତୀ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସ୍ତମ୍ଭରେ ସ୍ଥାନିତ ଗଳ୍ପଟି ତାଙ୍କ ରଚିତ 'କେତୋଟି କଥା'ରୁ ଗୃହୀତ। ଗଳ୍ପର ମୂଳ ଶୀର୍ଷକ 'ଡାକଘର ହେବା ନୋହିଲା'। ସ୍ୱାର୍ଥବିଜଡ଼ିତ ଜଟିଳତା ଭିତରେ ଗାଁର କେତେ ମହତ୍ତର ସମ୍ଭାବନା କିପରି ଉଜୁଡ଼ିଯାଏ- ଏ ଗଳ୍ପଟି ତା'ର ଏକ ଉଜ୍ଜ୍ୱଳ ଦଲିଲ...

ସ୍ମରଣୀୟ

ପଦ୍ମପୁର ମୌଜାଖଣ୍ଡ ଆଜି ଉଠୁଛି ପଡୁଛି। ଠା'କୁ ଠା', ଦଳେ ଦଳେ ଲୋକ ଠିଆହୋଇ କ'ଣ ଚୁପ୍‌ଚାପ୍ ଭୁସ୍‌ଭାସ୍ ହେଉଛନ୍ତି। ସବୁରି ମୁହଁରେ ଗୋଟାଏ ଉଦ୍‌ବେଗର ଛାଇ। ନ ଜାଣିଲା ଲୋକ ବିଚାରିବ, ପାଖରେ କେଉଁଠି ବାଘ ମାଡିଛି କି ଗାଁମୁଣ୍ଡରେ ତୃତୀୟ ମହାସମର ଆରମ୍ଭ ହୋଇଗଲାଣି; ହେଇ, ଉଦ୍‌ଜାନ ବୋମା ପଡ଼ିଲା ପ୍ରାୟ!

ଡେଙ୍ଗୁରାବାଲାଟା ଡାଇ ଡାଇ କରି ଡେଙ୍ଗୁରାଟାକୁ ଦି'ପାହାର ପିଟିଦେଇ ପାଟି କରି ଉଠିଲା- "ମଧୁ ପଧାନଙ୍କ ଦାଣ୍ଡ ଚଉପାଢ଼ିରେ ଆଜି ସଞ୍ଜକୁ ସଭା ହେବ- ଡାକଘର କଥା ବିଚାର ହେବ। ଗାଁବାଲା ସମସ୍ତେ ଯିବ।" ପୁଣି ଦି'ପାହାର- ଡାଇ ଡାଇ।

ଦଳଦଳ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାସବୁ ଘଡ଼ିକ ପାଇଁ ବନ୍ଦ ହୋଇଗଲା। ଉପର ସାହି ଫକୀର ମିଶ୍ର ଟିକିଏ ଜାଣିବା-ଶୁଣିବାର। ଗଲାସନ କଟକରୁ ମାଟ୍ରିକ୍ ପାସ୍ କରି ସେ ଆସି ଗାଁରେ ରହିଛି। ଏ ପାଖଆଖ ଛ'ସାତ ଖଣ୍ଡ ଗାଁରେ ତା' ଭଳି ଶିକ୍ଷିତ କେହି ନାହାନ୍ତି। ଭଲମନ୍ଦରେ ଲୋକ ତା' ପାଖକୁ ବୁଝି ଆସନ୍ତି। ହେଲେ କ'ଣ ହେବ- ମଧୁ ପଧାନଙ୍କ ଭଳି ପୁରୁଖା ଲୋକେ ଫକୀରଟାକୁ ଜମା ପାସଙ୍ଗରେ ପକାନ୍ତିନି। ତା' ଛାଇ ପଡ଼ିଲେ ସେମାନଙ୍କ ନାହି ଡିଏଁ।

ଫକୀର ଆଗେଇ ଆସିଲା ଡେଙ୍ଗୁରାବାଲା ପାଖକୁ- "ହଇରେ ପାଣୁଆ, କିଏ ତତେ କହିଛି ଡେଙ୍ଗୁରା ବାଡ଼େଇବାକୁ? ଆମେ ମଧୁ ପଧାନ ଜାଣୁନି କି ସଭା-ଫଭା ଜାଣୁନି। ଭଲ ଦଶା ଅଛି ଯେବେ ସେ ଡାଇ-ଡାଇ ବନ୍ଦ କରି ସୁନାପୁଅ ଭଳି ଘରକୁ ଫେରି ଯା!"

ପାଣୁଆ ଡରିବା ଲୋକ ନୁହେଁ। ମଧୁ ପଧାନଙ୍କର ସେ ପୁରୁଣା ଚାକର- ଭାରି ନିମକସଚ୍ଚା। ଚିହିଁକି ଆସିଲା ଫକୀର ପାଖକୁ- "କ'ଣ କହିଲ ଫକୀର ସାଆନ୍ତେ- ଡେଙ୍ଗୁରା ବାଡ଼େଇବିନି? ଏ ଗାଁଦାଣ୍ଡ କ'ଣ ତମର?"

ଫକୀର ବି ଅଣ୍ଟାରେ ଗାମୁଛା ଖଣ୍ଡେ ଜୋର୍‌ରେ ଭିଡ଼ିଦେଇ ପାଟି କରି ଉଠିଲା- "କିରେ, ବାଉରିଟୋକା ତ ଭାରି ବଡ଼ିବଡ଼ି କଥା କହୁଚି?"

ପାଣୁଆ ଡେଙ୍ଗୁରାଟା ତଳେ ଥୋଇଦେଇ ଯୁଦ୍ଧକୁ ବାହାରି ଆସିଲା- "ହଁ, ହଁ, ମୁହଁ ହୁଡ଼ନି କହୁଛି ସାଆନ୍ତେ! ବାଉରି ଟୋକାର କରାମତି ତମେ ଜାଣିନା ପରା!"

ଲୋକ ଜମା ହୋଇ ପଡ଼ିଲେ। ଫକୀରର ତାଳୁକୁ ରାଗ ଉଠିଯାଇଛି। ଏ ବଚସା ଯୁଦ୍ଧରେ ପରିଣତ ହେବାକୁ ଯାଉଛି ଦେଖି ଗାଁଲୋକେ ମଝିରେ ପଶି କଳି ଭାଙ୍ଗିଦେଲେ। ଡେଙ୍ଗୁରାଟାକୁ ତଳୁ ଉଠାଇ ନେଇ ପୂର୍ବପରି ବାଡ଼େଇ ବାଡ଼େଇ ପାଣୁଆ ଚାଲିଲା ଆଗକୁ। ଫକୀର ରାଗରେ ଗୋଟାପଣ ଥରୁଛି। ମଦନା ତାକୁ ଶାନ୍ତ କରୁକରୁ କହିଲା- "ଛି, ଭାଇନା, ସେ ଛୋଟଲୋକଟା ସାଙ୍ଗରେ ତୁମେ କଳି କରୁଚ?"

ଏତେବେଳ ପରେ ଫକୀରକୁ ନିଜ ଅବସ୍ଥାଟା ଭଲରୂପେ ବୁଝାଇ ଦେବାର ଗୋଟାଏ ସୁଯୋଗ ମିଳିଲା। ପାଣୁଆ ସହିତ ତା'ର କଳି ଗାଁଲୋକମାନେ ଦେଖିଥିବାରୁ ସେ ଯେ କମ୍ ଲଜ୍ଜିତ ହୋଇଥିଲା- ଏପରି ନୁହେଁ। ସାଙ୍ଗେସାଙ୍ଗେ କହିଲା, "ସେଇ ମଧୁ ପଧାନଟା ହୋ, ମନେମନେ ଗୋଟେ ମାମଲତ୍‌କାର ହେଇଚି। ଚଷା କି ଜାଣେ ପଶାର କଥା? କହିଲୁ ମଦନା, ସେଇଟା ଭଲା ଡାକଘର କଥା କ'ଣ ଜାଣେ? ସେ ପୁଣି ତା' ଚଉପାଢ଼ିରେ ସଭା ଡାକିଛି!"

ମଦନା ହସିଲା; କହିଲା- "ଭାଇନା, ତମେ ଜାଣିନ ପରା! ଡାକଘର ବଡ଼ସାହାବ ଆଜି ସକାଳୁ ଆମ ଗାଁକୁ ଆସିଛନ୍ତି। ମଧୁ ପଧାନ ଘରେ ପରା ରହୁଛନ୍ତି ସେ। ମତେ ଲାଗୁଚି ସେଇ ଏ ସଭା ଡକେଇଚନ୍ତି।"

ଫକୀର ଟିକିଏ ଦବିଗଲା। ଏତେବେଳେ କଳିକଜିଆ ରଗାରଗିଟା ଭଲ ହେବନି। ଏଇ ଡାକଘରଟା ବସାଇବାକୁ ସେ ନିଜେ ବହୁତ ଚେଷ୍ଟା କରିଛି। କେତେ ଦଉଡ଼-ଧାପଡ଼ କରି ଦସ୍ତଖତ ଆଣିଛି; ହାତରୁ ପଇସା ଖର୍ଚ୍ଚ କରି କଟକ ଯାଇ ବୁଝାବୁଝି କରି ଆସିଛି। ଆଉ ଏ ଗାଁବାଲା ତା' ବିରୁଦ୍ଧରେ ଗୋଟାଏ ମେଳିକରି ବୁଢ଼ା ବଇଷମକୁ ପୋଷ୍ଟମାଷ୍ଟର କରିଦେବେ ବୋଲି ବିଚାର ଚଳେଇଛନ୍ତି। ନା, ସେ ଥିବାଯାଏ ଏ କଥା କରେଇ ଦେବନି। ଆଜି ଡାକ-ସାହାବଙ୍କ ଆଗରେ ସବୁ କଥା ସାଫ୍‌ସାଫ୍ ଶୁଣାଇଦେବ। ଦେଖାଯାଉ, ବୁଢ଼ା ବଇଷମର କେତେ ମଗଜ।

ସେ ମଦନାକୁ କହିଲା, "ବୁଝିଲୁ ମଦନ, ଭଲ ଯୋଗଟାଏ ଏକା ଜୁଟିଛି। ମଲୁ ଖୋଜୁଥିଲା ଯାହା, ବଇଦ ବି ବତେଇଲା ସେଇଆ। ଚାଲ, ସମସ୍ତଙ୍କୁ ଡକାଡକି କରି ଆଜି ସଭାକୁ ଯିବା- ସେଇଠି ଡାକ-ସାହାବ ଆଗରେ କାହାର ବୁଦ୍ଧି କେତେ ବିଚାର ହେବ।"

ମଦନା ମୁଣ୍ଡ ଟୁଙ୍ଗାରିଲା, "ଠିକ୍ କହିଛ ଭାଇନା, ଆମ ତରଫର ଲୋକଙ୍କୁ ନେଇ ମୁଁ ଯାଇ ସେଠି ହାଜର ହୋଇଯିବି। ତମ ସାଙ୍ଗରେ ପୁଣି କାଲ ବଇଷମ କୁଆଡ଼େ ସରି ହେବ? କାହିଁ ରାଣୀ ନା କାହିଁ ଚନ୍ଦରକାଣୀ?" ଅନେକଦିନୁଁ ଫକୀର ମଦନକୁ କଥା ଦେଇଚି- ସେ ଯଦି ଡାକମାଷ୍ଟର ହେବ ତେବେ ମଦନକୁ ନିଶ୍ଚୟ ଡାକପିଅନ କରିଦେବ। ସାଙ୍ଗେ ସାଙ୍ଗେ ମଦନ ବାହାରିପଡ଼ିଲା ଲୋକ ଗୋଟେଇବାକୁ।

> **ସଞ୍ଜ ହେଉ ନ ହେଉଣୁ ଚଉପାଢ଼ିରେ ଲୋକ ଜମା ହୋଇପଡ଼ିଲେ। ବାଉଁଶ ପୋତା ହୋଇ ମଝିରେ ଗ୍ୟାସ୍ ଆଲୁଅ ଓହଳିଛି। ଚଉପାଢ଼ି ଖଣ୍ଡ ଦିନ ଭଳି ଦିଶୁଛି ଟୋଫା। ମଝିରେ ଖଣ୍ଡେ ଚଉକି ପଡ଼ିଛି। ତା'ରି ଉପରେ ବସିଛନ୍ତି ଡାକ-ସାହାବ।**

ସଞ୍ଜ ହେଉ ନ ହେଉଣୁ ଚଉପାଢ଼ିରେ ଲୋକ ଜମା ହୋଇପଡ଼ିଲେ। ବାଉଁଶ ପୋତା ହୋଇ ମଝିରେ ଗ୍ୟାସ୍ ଆଲୁଅ ଓହଳିଛି। ଚଉପାଢ଼ି ଖଣ୍ଡ ଦିନ ଭଳି ଦିଶୁଛି ଟୋଫା। ମଝିରେ ଖଣ୍ଡେ ଚଉକି ପଡ଼ିଛି। ତା'ରି ଉପରେ ବସିଛନ୍ତି ଡାକ-ସାହାବ। ଗାଁର ବୋହୂ-ଭୁଆସୁଣୀ ରନ୍ଧାବଢ଼ା ସାରି ପଧାନ ଘର ଦାଣ୍ଡଘରେ ଜମା ହୋଇଛନ୍ତି। ବୁଢ଼ା-ବୁଢ଼ୀଏ ଦାଣ୍ଡପିଣ୍ଡାରେ ଗୋଡ଼ ଲମ୍ବେଇ ଗପ ଜମେଇ ଦେଇଛନ୍ତି।

ସଭା ଆରମ୍ଭ ହେଲା। ଡାକ-ସାହାବ ଚଉକିରୁ ଉଠି କହିଲେ- "ଏ ଗାଁରେ ଡାକଘର ହେବାପାଇଁ ସରକାରୀ ଅର୍ଡର ମିଳିଛି; କିନ୍ତୁ ଗାଁଲୋକଙ୍କ ଭିତରେ ପୋଷ୍ଟମାଷ୍ଟର ହେବାପାଇଁ କଳିତକରାଳ ଲାଗି ଅନେକ ଦରଖାସ୍ତ ମୋ' ପାଖରେ ପଡ଼ିଲାଣି। ସେ ସବୁର ଗୋଟାଏ ମୀମାଂସା ନ କଲେ ଡାକଘର ଏଠି ବସିପାରିବ ନାହିଁ। ସେଥିପାଇଁ ତମମାନଙ୍କୁ ମୁଁ ଏଠିକି ଡକାଇଛି।"

ଫକୀର ଠିଆହେଲା, "ଆଜ୍ଞା, ଡାକଘର ପାଇଁ ମଞ୍ଜୁରୀ ମିଳିବାକୁ ମୁଁ ଅନେକ ଚେଷ୍ଟା କରିଛି- ଗାଁଲୋକଙ୍କୁ ପଚାରନ୍ତୁ। ମୁଁ ମାଟ୍ରିକ୍ ପାସ୍ କରିଛି। ମୋତେ ପୋଷ୍ଟମାଷ୍ଟର ନ କଲେ ଲୋକେ ଅସନ୍ତୁଷ୍ଟ ହେବେ।"

ସାହାବ ଟିକିଏ ହସିଲେ। କହିଲେ, "ହଉ ବସ।" ବଇଷମ ବୁଢ଼ାର ପୁଅ ଶରତ- ଗାଁ ମାଇନର ସ୍କୁଲରେ ମାଷ୍ଟର। ଦି'ଥର ଘରପୋଡ଼ିରେ ଉଚ୍ଛନ୍ନ ହୋଇସାରିଛି। ବାପା, ମା', ସ୍ତ୍ରୀ, ପୁଅ, ଝିଅ ହେଇ ଘରେ ଖାଇବାକୁ ପଞ୍ଚାଏ ଲୋକ। ଦରମାଗଣ୍ଡାକ କୁଆଡ଼କୁ ଅଣ୍ଟେନି। ବାପଟିକୁ ପୋଷ୍ଟମାଷ୍ଟର ଚାକିରିରେ ଭର୍ତ୍ତି କରିଦେବାକୁ ଚେଷ୍ଟା କରୁଛି। ଉଠିପଡ଼ି ଶରତ କହିଲା, "ଆଜ୍ଞା, ଡାକଘର ତ ଆଉ ପିଲାଖେଳ କଥା ନୁହେଁ। ଟୋକାଟାକଳିଆ ଲୋକଙ୍କ ଉପରେ ବିଶ୍ୱାସ କରି କ'ଣ ଦାୟିତ୍ୱ ଦିଆଯାଇ ପାରିବ? ମୋ' ବାପାଙ୍କୁ ଯଦି..."

ଶରତର କଥା ନ ସରୁଣୁ ମଦନା ପାଟିକରି ଉଠିଲା, "ହଁ ହଁ, କାଲ ବୁଢ଼ା ଭାରି ଦାୟିତ୍ୱ ନେବ- ମଶାଣିକୁ ବାଟ ଖୋଜିଲାଣି..."

ଶରତର ଦଳ ପାଟିକରି ଉଠି ଆସିଲେ, "କିଏରେ ସେ କହିଲା କାଲ ବୁଢ଼ା?" ମଦନା ବି ତା' ଦଳ ଧରି ଓହ୍ଲେଇ ଆସିଲା। ଡାକ-ସାହାବ ମନା କରୁକରୁ ଦି'ଦଳଙ୍କ ଭିତରେ ଗାଳିଗୁଲଜ ହେଇ ହାତ ଉଠାଉଠି ହୋଇଗଲା। ମାଡ଼ ଭୟରେ ସାହାବ ସଭା ଛାଡ଼ି ପଳେଇଗଲେ।

ପଧାନେ ଘର ଭିତରକୁ ଉଠିଗଲେ। ନବେ ବରଷର ବୁଢ଼ୀ ମା' ଭିତର ପିଣ୍ଡାରେ ଗୋଡ଼ ଲମ୍ବେଇ ବସିଥିଲେ। ଶବ୍ଦ ବାରି କହିଲେ- "ସଭାରେ କ'ଣ ହେଲା କି ବାପା?"

ଚାଲି ଯାଉଁଯାଉଁ ପଧାନେ କହିଲେ, "ନାଇଁ ବୋଉ, ଏ ଗାଁରେ ଡାକଘର ହେବା ନୋହିଲା।"

## କବିତା

### ଆକାଶିକା

କେଦାର ମିଶ୍ର

ଉଡ଼ିଯାଉଛି ଯିଏ, ସେ କିଏ
ପକ୍ଷୀ? ମେଘ? ଉଡ଼ାଜାହାଜ?
ନିଶା ବିଭୋର ସ୍ୱପ୍ନ?
ତୋତେ ପାଇବାର ଇଚ୍ଛା ବି ଉଡ଼ାଏ ମୋତେ।

ମୁଁ ପାଇଯାଏ ତୋତେ
ନୂଆ ପିକଉଥିବା ଆମ୍ବପତ୍ରର ରଙ୍ଗରେ
ଟ୍ରାଫିକ୍ ଭିଡ଼ରେ ଟହଲୁଥିବା
ବୁଗେନଭିଲାର
ଶିଶୁ ପରିକା ପାଦରେ
ଟୋପାଏ କାକର ଚମକୁଥିବା
ସୂର୍ଯ୍ୟୋଦୟରେ
ମୁଁ ପାଇଯାଏ ତୋତେ
ହଜି ଯାଉଥିବା ମୋର
ଉଦାସୀ ରାସ୍ତାର ଶେଷରେ।

ମୁଁ ଉଡ଼ିଉଡ଼ି ତୋ' ଆକାଶରେ
ତିଆରି କରେ ଇନ୍ଦ୍ରଧନୁ
ସାତ ରଙ୍ଗ, ସାତ ସ୍ୱପ୍ନ ଓ ସାତୋଟି ଭଉଁରି
ମୁଁ ମୋର ଡେଣାରୁ ଝାଡ଼ିଦିଏ
ସାତରଙ୍ଗର ପର
ତୁ ତାକୁ ଖୋସିଦେଉ ତୋର ଖୋଷାରେ।

ତୋର ମୁହଁ ବି ମୋର ଆକାଶ
ମୁଁ ତୋ' ମୁହଁରେ ଚକଚକ ଚମକିଯାଏ
ଟୋପାଏ ଆନନ୍ଦ ହୋଇ
ମୁଁ ତୋର ଆଖିରୁ ଖସିପଡ଼େ
ଗଭୀର ଦୁଃଖର ଧାରେ ଲୁହ
ମୁଁ ତୋର ଛାତି ଭିତରେ
ରୁନ୍ଧି ହୋଇ ରହିଥିବା ହାବୁକାଏ ଦୀର୍ଘଶ୍ୱାସ
ତୁ ମୋର ନା ମୁଁ ତୋର ଆକାଶ?

ମୁଁ ଆକାଶର ମନ୍ତ୍ର ସାଧନା କରେ
ତୋତେ ଅଜପା ଜପେ
ଅଘୋରି ପରି ସାଧେ
ନିଜକୁ, ନିଜର ଶବ ଉପରେ
ତୁ ମହାକାଳୀ ପରି ଠିଆ ହେଉ
ମୋର ଛାତିରେ।

ମୁଁ ତୋତେ ଦେଖେ
ସବୁ ମଣିଷର ଉଲ୍ଲସିତ ମୁଠାଏ ଜୀବନରେ
ତୁ ମୋର ବିଷାଦବିହୀନ ଗୋଟିଏ ବୋଲି ପୃଥିବୀ
ମୁଁ ମୋତେ ଖୋଜିଖୋଜି ତୋତେ ଇ ପାଉଥାଏ।

ମୋ: ୯୪୩୭୧୫୪୪୪୫

### ବାହାନା

ଡ. ଅସୀମା ସାହୁ

ଥାକ ଥାକ ବାହାନାରେ
ମୋ' ପ୍ରେମ ଓ ବିରହ
ମିଳନ ଓ ଅନାସକ୍ତ ଭାବ।
ତୁମେ ବୋଲି ସିନା ଏତେ ସବୁ ଛଳନାକୁ
ରଙ୍ଗେ-ହାତ ଧରି
ମୋ' ଭଳି ମିଛେଇକୁ ଭଲପାଇ ପାର।

ମୋ' ଜୀବନ ଯୁଦ୍ଧର କ୍ଳାନ୍ତି
ଆଞ୍ଜୁଳା ଆଞ୍ଜୁଳା ଅବସାଦକୁ
ଆଦରର ସାବୁନ ଫେଣରେ
ମାଜି ସଫା କରୁଥାଅ, ପୁଣି
ମୋ' ଦେହରେ ନେସି ହୋଇଥିବା
ବାହାର ଲୋକଙ୍କ ଝିଟ ଚାହାଣିକୁ
ପରସ୍ତ ପରସ୍ତ କରି ଖୋଲି ଦେଉଥାଅ।

ମୋ' ନାକର ପଥରବସା
ନାକଗୁଣାରେ ବସି ଯାଇଥିବା ବହଳେ
ବିଷୟାର ଅରୁଚିକୁ ପୋଛି ପକାଅ, ପୁଣି
କେହି କେବେ ଦେଖି ନ ଥିବା
ମୋ' ଚିବୁକ ତଳ ତିଳଚିହ୍ନରେ
ସମର୍ପଣ ଓ ସମ୍ଭାବନାର ସ୍ୱୟଂବରକୁ
ସଜାଇ ଦେଉଥାଅ।

କେବେ ଖରାପଖଳା ଚିକ୍‌ମିକ୍ ବେଳାରେ
ତୁମକୁ ଆଉଜି ବହେ ଗପିଲାବେଳେ
ମୁଁ ଅଚାନକ ଧରା ପଡ଼ିଗଲେ,
ଜିଭ କାମୁଡ଼ିଦିଏ, ହେଲେ
ତୁମେ ବୋଲି ସିନା ସହିଯାଇ
କୁହ, ହେ... ତମେ !!
ତୁମ ଯାବତୀୟ ମିଛ କଥାରୁ
ଅନ୍ତତଃ ମୋତେ ବାଦ୍ ଦିଅ ଥରେ।

ଲୁଗା ପଣତରେ
ଅଙ୍ଗୁଳି ଗୁଡ଼ାଏ-ଫିଟାଏ, ହେଲେ
ମୁଁ କେଉଁ ମାନେ
ବାହାନାରେ ଜିଏଁ, ବାହାନାରେ ମରେ।


ତଥାପି କହିବାକୁ ଲାଜ ଲାଗୁନି ଯେ,
ଧାଡ଼ିଏ ସତ କବିତା ତୁମ ପ୍ରେମ
ମୋ' ତମାମ ମିଛଙ୍କ ଗହଳିରେ॥

ମୋ: ୯୪୩୭୩୮୯୭୭୦

## ପୁସ୍ତକ ପରିଚୟ

### ଉପଲକ୍ଷ୍ୟ

**ଲେଖକ:** ପ୍ରସନ୍ନ କୁମାର ମିଶ୍ର
**ପ୍ରକାଶକ:** କଟକ ଷ୍ଟୁଡେଣ୍ଟ୍‌ସ ଷ୍ଟୋର୍, ବାଲୁବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୦୦/-




ମୋଟ ୬୮ଟି ଚିନ୍ତାନିଷ୍ଠ ଗଦ୍ୟ ରଚନାକୁ ନେଇ 'ଉପଲକ୍ଷ୍ୟ' ପୁସ୍ତକଟି ପରିକଳ୍ପିତ। ଲେଖାଗୁଡ଼ିକ ସମ୍ଭବତଃ କୌଣସି ଦୈନିକରେ ଆଗ ସ୍ତମ୍ଭାକାରରେ ପ୍ରକାଶିତ ଓ ପରେ ଏଇ ଗ୍ରନ୍ଥରେ ଏକତ୍ର। 'କର୍ମ-ସଂସ୍କୃତି'କୁ ପ୍ରୋତ୍ସାହିତ କରାଯିବା ଦ୍ୱାରା ରାଷ୍ଟ୍ର ତଥା ମାନବ ସମାଜର କଲ୍ୟାଣ ସାଧିତ ହୋଇଥାଏ। ଯୁବଶକ୍ତିର ଅନେକ ଆବଶ୍ୟକତା ରାଷ୍ଟ୍ର ବହନ କଲେ କର୍ମ ବିମୁଖତା ସୃଷ୍ଟିହୁଏ ଓ ଏହାଦ୍ୱାରା ରାଷ୍ଟ୍ରର ଉନ୍ନତି ବାଧାପ୍ରାପ୍ତ ହୁଏ। ଏହିପରି ସକାରାତ୍ମକ ଅନୁଭବ ହେଉଛି ଗ୍ରନ୍ଥସ୍ଥ ରଚନାଗୁଡ଼ିକର ମୂଳ ଆଧାର। ମୁଖବନ୍ଧରେ ଲେଖକ ତାଙ୍କ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ସ୍ପଷ୍ଟ ଭାବେ ମତ ରଖିଛନ୍ତି। 'ଗାଁ ଲୋକଙ୍କ ପାଇଁ କାମ', 'କୃଷି ସଂସାର', 'ଆମେ କ'ଣ ହାରୁଥିବା?', 'କର୍ମ ସଂସ୍କୃତି', 'ମଦର ପ୍ରସାର ଓ ଓଡ଼ିଶାର ସମୃଦ୍ଧି', 'ଅପରାଧ ଓ ପ୍ରଶାସନ', 'ଜନସଂଖ୍ୟା ନିୟନ୍ତ୍ରଣ', 'ଧାନକିଣା ପ୍ରସଙ୍ଗ', 'ନାରୀ ସୁରକ୍ଷା', 'ବରିଷ୍ଠ ନାଗରିକ ଓ ଆମ ସମାଜ', 'ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ', 'ସହଭାଗୀ ଚାଷ-ଭାଗ ଚାଷର ବିକଳ୍ପ', 'ଡିଜିଟାଲ ଇଣ୍ଡିଆ-ନୂତନ ଦିଗନ୍ତ', 'ସ୍ମାର୍ଟ ସିଟିର ଚଢ଼େଇ ବିକାଳି' ଓ 'ତୃଣମୂଳ ସ୍ତରର ପ୍ରଶାସନ' ଆଦି ବିଷୟଗୁଡ଼ିକ ତଥ୍ୟନିଷ୍ଠ ଓ ସମକାଳୀନ ପ୍ରାସଙ୍ଗିକତା ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। ବହିଟି ସାଧାରଣ ପାଠିକାପାଠକଙ୍କ ସମେତ ଚାରିଆଡ଼କୁ ଆଖି ରଖୁଥିବା ବିଦ୍ୱାନ୍‌ଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

### ହନ୍ତସନ୍ତ ବାଣ୍ଟୁଥିବା ହଳଦୀବସନ୍ତ

**କବି:** ନୃସିଂହ ବେହେରା
**ପ୍ରକାଶକ:** ଶେଫାଳୀ ପବ୍ଲିକେଶନ, ଝାରପଡ଼ା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୨୫/-




ଆଲୋଚ୍ୟ କବିତା ଗ୍ରନ୍ଥରେ ମୋଟ ୬୦ଟି କବିତା ସଂକଳିତ। 'ପ୍ରୀତିଧାରାରୁ ପ୍ରତିଦାନ' ଶୀର୍ଷକରେ ୫ଟି, 'ମଧୁମିତା' ଶୀର୍ଷକରେ ୨ଟି, 'ସ୍ମୃତିହତ ଅଭିମନ୍ୟୁ' ଶୀର୍ଷକରେ ୩ଟି ଏବଂ 'ଇତିହୀନ ସ୍ମୃତିର ସମାଧି' ଶୀର୍ଷକରେ ୫ଟି କବିତା ବ୍ୟତୀତ କେତୋଟି ଏକକ କବିତା ଗ୍ରନ୍ଥରେ ସାମିଲ ହୋଇଛି। ବହିଟିର ପ୍ରାୟ କବିତାରେ କବି ପ୍ରଚଳିତ କାବ୍ୟଧାରାର ଅନ୍ଧ ଅନୁଗାମୀ ନ ହୋଇ ଭାବ ଓ ଭାଷାରେ ନୂଆ ଛାପ ଛାଡ଼ିଯିବା ଦିଗରେ ସଚେତନ ହୋଇଛନ୍ତି। "ସେଇ ଝିଅ କ'ଣ ଜାଣିଥିଲା/ ଦିନେ ସିଏ କଣ୍ଢେଇଟେ ହେବ" ('କଣ୍ଢେଇ'-ପୃ:୧୬) ଭଳି ଧାଡ଼ି ପାଠକକୁ ଅନ୍ୟମନସ୍କ କରାଏ, ଭାବିତ କରେ। ନୃସିଂହ ତାଙ୍କ କବିତାରେ ପ୍ରସଙ୍ଗ କରନ୍ତି ପ୍ରେମ ଓ ଜୀବନକୁ। ଭାଷାରେ ତାଙ୍କର ଲୁଚି ରହିଥାଏ ଗୀତ। ବିଶିଷ୍ଟ କବି ହୃଷୀକେଶ ମଲ୍ଲିକ ବହିଟି ସମ୍ପର୍କରେ ମତ ଦେଇ କହନ୍ତି: "ନୃସିଂହଙ୍କ ହାତରେ କବିତା ନିଶ୍ଚୟ ଭଲ ହେବ। ସାହିତ୍ୟ କାନନରେ ଏକ ଭିନ୍ନ ଝଲକରେ ମହକିବ। x x ତଥାପି ଲୋଡ଼ା ନିରନ୍ତର ତପସ୍ୟା।" ବହିଟିର ବହୁଳ ଆଦୃତି ଓଡ଼ିଆ କବିତା ପାଇଁ ନିଶ୍ଚୟ ଏକ ଖୁସି ଖବର ହେବ।

## ରେଡ୍ ସିଗ୍‌ନାଲ

**ରାଧାଶ୍ୟାମ ରାଉଳ**

ରମ୍ୟ ରଚନା



ଟ୍ରାଫିକ୍ ଜାମ୍। ରେଡ୍ ସିଗ୍‌ନାଲ ଆଡ଼କୁ ନଜର ନାହିଁ। ଗୃହମନ୍ତ୍ରୀ ଯାନି ପତ୍ନୀଙ୍କର କଡ଼ା ନିର୍ଦ୍ଦେଶରେ ବିପ୍ରବାବୁ ସକାଳୁ ସକାଳୁ ଖାସି ମାଉଁସ ପାଇଁ ବଜାରମୁହାଁ ଧପାଲୁଥିଲେ। ଟ୍ରାଫିକ୍ ପୋଲିସ୍ ଲମ୍ବା ହୁଇସିଲ୍ ବଜେଇ ଗାବୁକିନା ଭିଡ଼ିଧରିଲା ବିପ୍ରବାବୁଙ୍କ ସ୍କୁଟିର ନିତମ୍ବକୁ। ବିଦ୍ରୂପ କରି କହିଲା, "ହଇହୋ ଲମ୍ବୁବାବୁ, ସହରର ରାସ୍ତା କ'ଣ ତୁମ ଶ୍ୱଶୁର ଘର ଅଗଣା? ତୁମ ଆଖିକୁ ରେଡ୍ ସିଗ୍‌ନାଲ କ'ଣ ପୂନେଇଁ ଚାନ୍ଦ ପରିକା ଲାଗୁଛି? ଫୁଲ୍ ଦିବାନା, ନାଇଁ? ଗାଡ଼ି ସାଇଡ୍ କର। ଲାଇସେନ୍ସ ଦେଖାଅ।"


ଉପାୟ ପାଞ୍ଚିଲେ ବିପ୍ରବାବୁ; ସିଗ୍‌ନାଲ ପ୍ରତି ସତର୍କ ନ ରହିବା ଅର୍ଥ ଫୁଲ୍ ଜୋରିମାନା ଦେବାଟି ଥୟ। ତେବେ, ରୁପିୟା କ୍ୟା ନକରେ କାମ୍? ଆବେ ପର୍ଶୁ, ଯା'ବେ ପର୍ଶୁ, ବାବୁ ପରଶୁରାମ୍! ଲାଇସେନ୍ସ କ'ଣ ଦର୍କାର? ଖଞ୍ଜାରେ ଖଞ୍ଜାରେ ବିପ୍ରବାବୁ ମନିପର୍ସ ଭିତରୁ ଖଣ୍ଡିଏ ଶହେଟଙ୍କିଆ ନୋଟ୍ ବାହାର କରି ଅତିପ୍ୟାର୍ସେ ଟ୍ରାଫିକ୍ ପୋଲିସ୍ ହାତରେ ଗେଞ୍ଜିଦେଲେ। ତହୁଁ ଟ୍ରାଫିକ୍ ପୋଲିସ୍ ନଗଦ ନାରାୟଣଙ୍କୁ ସଯତ୍ନରେ ପ୍ୟାଣ୍ଟ୍ ପକେଟରେ ପୂରେଇ ମୁର୍କିହସ ମାରି ବିପ୍ରବାବୁଙ୍କୁ କହିଲେ, ଯାଅ ଯାଅ, ବିନା ଲାଇସେନ୍ସରେ ପୁଣି ଥରେ ଯଦି ମୋ' ହାତରେ ପଡ଼, ତେବେ ଡବଲ୍ ଫାଇନ୍ କଷିଦେବି। ହାଁ।

ଘରେ ପହଞ୍ଚି ପତ୍ନୀଙ୍କୁ ଏ ସମ୍ବନ୍ଧୀୟ ଖଟା ମିଠା ଓ ତିକ୍ତ ଅନୁଭୂତିର କଥା ବଖାଣି ବସିଲେ ବିପ୍ରବାବୁ। ପତ୍ନୀ ବିରକ୍ତ ହୋଇ କହିଲେ, "ଦେଖୁଛି ଆଜିକାଲି ତୁମେ ବାରମ୍ବାର ରେଡ୍ ସିଗ୍‌ନାଲ ଡେଇଁ ଗାଡ଼ି ଚଳଉଛ! ଟାଉନ୍ ଭିତରେ ସିନା ଟ୍ରାଫିକ୍ ପୋଲିସକୁ ଲାଞ୍ଚ ଦେଇ ନିୟମ ଉଲ୍ଲଙ୍ଘନ କରିଯାଉଛ! ଦୁଇ ଗୁଣନ ଦୁଇ ସମାନ ଚାରି ବଦଳରେ ଆଠ କରିଦେଇପାରୁଛ! ଲେକିନ୍ ମୋ' ଅଲକ୍ଷ୍ୟରେ ଟୁର୍ ଯିବା ବାହାନାରେ କେଉଁ ଲଳିତା, ବିଶାଖା, ବୃନ୍ଦା ଇତ୍ୟାଦିଙ୍କ କେଳିକୁଞ୍ଜରେ ତୁମେ ରାତି ବିତଉଛ, କିଏ ଜାଣେ ଲୋ ମାଆ? ଯା' ଭିତରେ ସବୁପ୍ରକାରର ରେଡ୍ ସିଗ୍‌ନାଲକୁ ତୁମେ ଅତିକ୍ରମ କରିସାରିଲଣି। ହେଲେ ଆଉ ନୁହେଁ। କାନ ଖୋଲିକିରି ଭଲକିନା ଶୁଣି ନିଅ ମୋର ଏ ଚରମବାଣୀ; ଏଣିକି ମୋ' ସନ୍ଧାନୀ ଆଖିଯୋଡ଼ିକ ଉଚ୍ଚସ୍ତରୀୟ ଗୋଇନ୍ଦା ପରି ତୁମ ପଛେପଛେ ଲାଗିରହିବ। ମୋ' ଆଖି ସାମ୍ନାରେ ରେଡ୍ ସିଗ୍‌ନାଲ ଡେଇଁ ତୁମେ କେମିତି ଗାଡ଼ି ଚଳେଇବ ମୁଁ ଦେଖିବି? ସର୍ବାଙ୍ଗରେ ବିଛୁଆତି କିବାଇଡଙ୍କ ଲଗେଇଦେବି। ହାଁ!"

ପତ୍ନୀଙ୍କ ଭୈରବୀ ସ୍ୱରୂପ ସାମ୍ନାରେ ବିଚରା ବିପ୍ରବାବୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ନତମସ୍ତକ ହେଲେ।

ମୋ: ୯୪୩୭୦୯୦୯୮୫

## କାଳକାଳକୁ



"ସୂର୍ଯ୍ୟାଲୋକ ଆଡ଼କୁ ମୁହଁ ରଖ, ଦେଖିବ ଛାଇ ପଡୁଛି ତୁମ ପଛରେ।"
-ୱାଲ୍‌ଟ ହୁଇଟ୍‌ମ୍ୟାନ୍

**ୱାଲ୍‌ଟ ହୁଇଟ୍‌ମ୍ୟାନ୍‌ଙ୍କ** ଜନ୍ମ ୩୧ ମେ ୧୮୧୯ରେ, ନ୍ୟୁୟର୍କର ୱେଷ୍ଟ ହିଲ୍‌ସରେ ଓ ପରଲୋକ ୨୬ ମାର୍ଚ୍ଚ ୧୮୯୨ରେ ନ୍ୟୁଜର୍ସିର କାମ୍‌ଡେନ୍‌ରେ। ସେ ଏକାଧାରରେ ଥିଲେ କବି, ପ୍ରାବନ୍ଧିକ ଓ ପତ୍ରକାର। ଆମେରିକୀୟ ମୁକ୍ତଛନ୍ଦ କବିତାର ସେ ଜନକ ଭାବେ ଖ୍ୟାତ। ବାସ୍ତବବାଦ ଓ ଉତ୍ତରଣବାଦର ମଧ୍ୟକାଳରେ ସବୁଠୁଁ କ୍ରିୟାଶୀଳ ଏହି କବି ମୂଳତଃ ମାନବବାଦୀ। ତାଙ୍କ ରଚିତ ପ୍ରମୁଖ କାବ୍ୟଗ୍ରନ୍ଥ: 'ଲିଭ୍‌ସ ଅଫ୍ ଗ୍ରାସ୍', 'ସଂଗ୍ ଅଫ୍ ମାଇଁ ସେଲ୍‌ଫ', 'ଓ କ୍ୟାପ୍‌ଟେନ୍, ମାଇଁ କ୍ୟାପ୍‌ଟେନ୍' ଓ 'ଆଇ ସିଙ୍ଗ୍ ଦ ବଡି ଇଲେକ୍ଟ୍ରିକ୍'। ସେ କହିଥିଲେ: "ତୁମକୁ ଯାହାସବୁ କୁହାଯାଇଛି ତାକୁ ଆଉ ଥରେ ପରଖ। ଯହିଁରେ ତୁମ ଆତ୍ମା ଅବମାନିତ ତାକୁ ଖାରଜ କର।" ଆଉ କହିଥିଲେ: "ତୁମ ଆଖି ଯାହା କହେ, ତାହା ମୋର ସାରା ଜୀବନର ପଢ଼ାଠୁଁ ଅଧିକ।"

# ମୋତେ କବିତା ସହ ଯୋଡ଼ିଦେଲା ଅସ୍ତଗାମୀ ସୂର୍ଯ୍ୟର ଆଭା

ସୃଜନ-ସ୍ମୃତି


ଶୈଳବାଳା ମହାପାତ୍ର

*ଶୈଳବାଳା ମହାପାତ୍ର ୧୯୮୦ ପରବର୍ତ୍ତୀ ଓଡ଼ିଆ କବିତାରେ ଏକ ପ୍ରତିଶ୍ରୁତିପୂର୍ଣ୍ଣ ନାମ, ଯଦିଓ କେବେକେବେ ସେ ଅଳସୀ। ପ୍ରକାଶିତ କବିତା ପୁସ୍ତକ 'ଜୀବନ ବିଚିତ୍ର ଫୁଲ', 'ଆମେ ଦୁହେଁ ସମୟ ସାମ୍ନାରେ', 'ନିଜର ନିର୍ଜନପଣ', 'କେତେ ରଙ୍ଗର ସମୟ', 'ଅଧାଅଧା ସ୍ୱପ୍ନ ଯେତେ' ଓ 'ଛୋଟଛୋଟ କଥାରେ ଈଶ୍ୱର'। ଓଡ଼ିଆ ପ୍ରବନ୍ଧ ଓ ଶିଶୁ-ସାହିତ୍ୟକୁ ତାଙ୍କର ଅବଦାନ ମନେରଖିଲା ଭଳି ଶୈଳବାଳା ଆମ ସମୟର ଜଣେ ଦକ୍ଷ ଅନୁବାଦିକା ବି।*

କଥା ଥିଲା କବିତା ଓ ମୁଁ ତମାମ୍ ଜୀବନ ଚାଲିବୁ ଏକାଠି। ପାଖାପାଖି। ହାତ ଧରାଧରି ହେଇ ଚାଲିଲୁ ବି! ହଁ, ଏମିତି ହୋଇଛି, କେବେ କବିତା ମୋଠୁଁ ଟିକିଏ ଆଗରେ ତ କେବେ ମୁଁ କବିତାଠୁଁ ଦୁଇପାଦ ଆଗରେ। ଆମେ ଚାଲୁଥିଲୁ ଏମିତି- ପାଖାପାଖି। ଆଗପଛ ହେଇ। କିନ୍ତୁ ଥିଲୁ ଏକାଠି।

ଏବେ ସାତ ଆଠ ବର୍ଷ ହୋଇଗଲା, ହୁଏତ ତା'ଠୁଁ ବି ଅଧିକ ହୋଇପାରେ, କବିତା ଆସେ ଖୁବ୍ କମ୍, ଗୁମ୍‌ସୁମ୍ ହେଇ। ବେଶି କଥା ନାଇଁ। ବାର୍ତ୍ତା ନାଇଁ। ଆସେ ଓ ଫେରିଯାଏ ତୁରନ୍ତ। ଅଥଚ ଆମେ ଅନେକ ଦିନ ବିତାଇଛୁ ଏକାଠି। ସକାଳ ସଜଫୁଲ ହେଇ ଫୁଟିଚି କବିତା ସହ। ଦି'ପହର ବିତିଯାଇଚି ଅନ୍ତରଙ୍ଗ ଆଳାପରେ। ରାତିରେ ବାଣ୍ଟିଚୁ ପରସ୍ପର ସୁଖ ଦୁଃଖ ବ୍ୟଥା ବେଦନା ହର୍ଷ ଉଲ୍ଲାସ।

ଖୁବ୍ ପିଲାବେଳୁ ମତେ ସାହିତ୍ୟ ବହିର ଗପ, ଗୀତ ପଢ଼ିବାକୁ ଭଲ ଲାଗୁଥିଲା। ସାହିତ୍ୟ ବହିର ପଦ୍ୟ ସବୁ ଆପେ ଆପେ ମୁଖସ୍ଥ ହୋଇଯାଇଥାଏ। ସେ ଗୀତ ସବୁ ମୁଁ ସୁର୍ କରି ଗାଏ। ଥରେ ଗାଁକୁ ବସ୍‌ରେ ଗଲାବେଳେ ଝରକା ପାଖରେ ଠିଆହୋଇ ମୁଁ 'କାତ ଧରି ଧୀରେ ନାଉରୀ ନାଆ ଦେଇଚି ମେଲି...' ପଦ୍ୟଟି ଗାଉଥାଏ। କିଛି ସମୟ ପରେ ଶୁଣିଲି ଜଣେ ମହିଳା ବାପାଙ୍କୁ କହିଲେ- 'ଏ ଝିଅଟିକୁ ଆପଣ ଗୀତ ଶିଖାନ୍ତୁ। ଭଲ ଗାଉଛି।'

ମୁଁ ଗୀତ ଗାଇବା ଶିଖି ପାରିଲିନି। ମୋ' ଛାତିର ସୁର୍ ଶବ୍ଦ ହେଇ ଝରିପଡ଼ିଲା ମୋ' କଲମ ଦେଇ।

ଝରଣାଟିଏ, ଚଢ଼େଇଟିଏ, ନଈଟିଏ, ଫୁଲଟିଏ ବା ଜଗନ୍ନାଥଙ୍କ ଆଖି ଦୁଇଟା ଏଇଭଳି କିଛି ଚିତ୍ର କରି ତା' ତଳେ ଦୁଇଧାଡ଼ି ପଦ ପକେଇ ଲେଖିବା ଆଦତ ଖୁବ୍ ପିଲାବେଳୁ ଥିଲା। ଷଷ୍ଠ କି ସପ୍ତମ ଶ୍ରେଣୀ ହେବ ବୋଧହୁଏ। ଆର୍ତ୍ତ ସାର୍ କହିଲେ, 'ତୁ କବିତା ଲେଖୁନୁ! ଏଇ ଗୀତ ମ! ଛୋଟଛୋଟ ଧାଡ଼ି ପଦ ପକେଇ ଲେଖ୍।' ମୋ' ଭିତରେ କ'ଣ ଦେଖି ସେ ଏତକ କହିଥିଲେ, ତା' କହିପାରିବିନି। ତେବେ ସାର୍‌ଙ୍କ କଥା ପରେ ମୋର କବିତାର ପରିଧି ବଢ଼ିଗଲା। ଏମିତି ଦିନେ ଓଡ଼ିଆ ସିନେମାର ନାଁ ସବୁକୁ ନେଇ କବିତାଟିଏ ଲେଖିଲି ଓ ଚିତ୍ରପୁରୀକୁ ପଠେଇଦେଲି। ସେତେବେଳକୁ ମୋର ଏକାଦଶ ଶ୍ରେଣୀ। କବିତାଟି ପ୍ରକାଶିତ ହେଲା। ନିଜ ଲେଖା କବିତା ଛପା ଅକ୍ଷରରେ ନିଜ ନାଁ ସହ ଦେଖି ଖୁବ୍ ଖୁସି ହୋଇଥିଲି।

ସେଇ ଖୁସି ମୋର ପ୍ରେରଣା ପାଲଟିଗଲା। ଅବଶ୍ୟ ମୋର ଏଇ ଲେଖିବା ପଢ଼ିବା ସାହିତ୍ୟ କରିବା ଇତ୍ୟାଦିରେ ବୋଉର ଅବଦାନ ଯଥେଷ୍ଟ ଥିଲା। ଯଥେଷ୍ଟ ଥିଲା ଭାଇ ଭଉଣୀଙ୍କ ସହଯୋଗ। ପରବର୍ତ୍ତୀ ସମୟରେ ସ୍ୱାମୀ ଓ ପିଲାମାନେ ଖୁବ୍ ସଖ୍ୟ ଦେଇଥିଲେ। ଶାଶୁଘରେ ବି ଥିଲା ଗୋଟେ ସାହିତ୍ୟିକ ପରିବେଶ। ତେଣୁ ମୋର ଲେଖିବାର ସ୍ରୋତଟି ଆଗକୁ ଆଗକୁ ବହି ଚାଲିଥିଲା।

ସତ କହିବାକୁ ଗଲେ କାହାଣୀ ହିଁ ଥିଲା ମୋର ପ୍ରଥମ ପ୍ରେମ। ଗପ କହିବାକୁ ଓ ପଢ଼ିବାକୁ ମତେ ଭାରି ଭଲ ଲାଗୁଥିଲା। ପଢ଼ାବହି ଭିତରେ ଗପ ବହି ରଖି ପଢ଼ିବାରେ ମୁଁ ଥିଲି ପ୍ରବୀଣା। ସେଇ କାହାଣୀର ପ୍ରେମ ଦିନେ କବିତାର ନିମନ୍ତ୍ରଣ ନେଇ ପହଞ୍ଚିଲା। ସେଇଦିନଠୁଁ ମୁଁ ଓ କବିତା ଛନ୍ଦାଛନ୍ଦି ଜୀବନ ପୃଷ୍ଠାରେ!

ଗାଁ ମୋର ଅତି ପ୍ରିୟ। ଗାଁର ସକାଳ, ସଞ୍ଜ, ଆମ୍ବତୋଟା ବୁଲା, ଲଙ୍କାଆମ୍ବ ଖିଆ, ଶଢ଼େଇରେ କଯାଁ ଓ କଇଁଥ ଚଟଣୀ ବିଶେଷକରି 'ନନ୍ଦିଆଖାଲ' ପୋଖରୀ ହୁଡ଼ାରେ ଠିଆ ହୋଇଥିବା ବେଳେ ଅସ୍ତଗାମୀ ସୂର୍ଯ୍ୟର ସେ ଅପୂର୍ବ ଆଭାର ଅନୁଭବ ମତେ କବିତା ସହ ଯୋଡ଼ିଦେଲା ମୋ' ଅଜାଣତରେ।

ଛଅସ୍ତରି ମସିହାରୁ ନବେ ମସିହା ଯାଏଁ ଖୁବ୍ ଛପିଲି ପ୍ରଜାତନ୍ତ୍ର, ସ୍ୱରାଜ୍ୟ, ଧରିତ୍ରୀ ଇତ୍ୟାଦିରେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଖବରକାଗଜରେ କବିତା ଓ କାହାଣୀମାନ ପ୍ରକାଶିତ ହେଲା। ଊଣେଇଶଶହ ଏକାଅଶୀରେ ଛପିଲି ଝଙ୍କାରରେ।

'ସୁଚରିତା' ପତ୍ରିକା ମୋ' ସାହିତ୍ୟିକ ସାଧନାର ଅନ୍ୟତମ ବଳିଷ୍ଠ ପ୍ରେରଣା। ସେଥିରେ ବର୍ଷକୁ ଚାରି ପାଞ୍ଚଟି କବିତା ମୋର ନିଶ୍ଚୟ ଛପୁଥିଲା। ତତ୍କାଳୀନ ପ୍ରାୟ ସମସ୍ତ ପତ୍ରିକାର ସମ୍ପାଦକ କବିତା ପାଇଁ ଚିଠି ଲେଖୁଥିଲେ। ସେ ଚିଠି ମନରେ ଖୁବ୍ ଆନନ୍ଦ ଆଣି ଦେଉଥିଲା। କେମିତି କେଉଁ ବାଟଦେଇ ଆସିଥିଲା କବିତା ତା' କେବେ ପରଖିନି। ପରଖିଛି ତା' ସ୍ନେହକୁ, ତା' ସମ୍ପର୍କକୁ। ଦୀର୍ଘ ଚଉରାଳିଶ ବର୍ଷ ଧରି ପରସ୍ପର ବାଣ୍ଟି ଚାଲିଛୁ ଦୁଃଖ ସୁଖ ବ୍ୟଥା ବିଷାଦ। ଏବେ ମୋ' ଜଞ୍ଜାଳ ପାଇଁ ହେଉ ବା କବିତାର ଅଭିମାନ ପାଇଁ ଜୀବନ ବାଟରେ ତା' ସହ ଭେଟ କମ୍ ହେଉଛି ତ ହେଉ! ହେଉଛି ତ!

ମୋ: ୯୯୩୭୨୪୭୪୪୨


ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଗୁରୁବାର, ଜୁନ୍ ୩/୨୦୨୧ Balasore, Thursday, June 3/ 2021

# ପଦାର୍ପଣରେ କନ୍‌ୱେଙ୍କ ଶତକ

**ଲର୍ଡ୍ସ, ୨।୬**

ସ୍ଥାନୀୟ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ବୁଧବାର ଆରମ୍ଭ ହୋଇଛି। ନିଜ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରି ଦକ୍ଷତା ଦେଖାଇଛନ୍ତି ଡେଭନ କନ୍‌ୱେ। ତାଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ପ୍ରଥମ ଦିବସରେ ଖବର ମିଳିବା ବେଳକୁ ନ୍ୟୁଜିଲାଣ୍ଡ ୭୬ ଓଭରରେ ୩ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା। କନୱେ ୨୧୨ ବଲ୍‌ରୁ ୧୫ ଚୌକା ସହ ୧୨୫ ଓ ହେନରି ନିକୋଲ୍ସ ୧୧୬ ବଲ୍‌ରୁ ୨ ଚୌକା ସହାୟତାରେ ୩୩ ରନ କରି ଅପରାଜିତ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଦଳ ପକ୍ଷରୁ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ କନ୍‌ୱେ। ଆହତ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ଅନୁପସ୍ଥିତିରେ ଇଂଲଣ୍ଡ ୪ ପେସ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ୍, ମାର୍କ ଉଡ୍‌ଙ୍କ ସହ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଥିଲେ ପଦାର୍ପଣକାରୀ ଓଲି ରବିନ୍‌ସନ। ଉଇକେଟ କିପର ଜେମ୍ସ ବ୍ରାକେ ମଧ୍ୟ ପ୍ରଥମ ଟେଷ୍ଟ କ୍ୟାପ୍ ପାଇଥିଲେ। ଆଣ୍ଡରସନ ଏଠାରେ



ଶତକ ଅବସରରେ ଡେଭନ କନ୍‌ୱେ।

୧୬୧ତମ ଟେଷ୍ଟ ଖେଳିଛନ୍ତି, ଯାହାକି ଆଲିଷ୍ଟର କୁକ୍‌ଙ୍କ ସମକକ୍ଷ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଷ୍ଟାଡିୟମ କ୍ଷମତାର ୨୫ ପ୍ରତିଶତ ସ୍ଥାନ ପାଇଁ ଦର୍ଶକଙ୍କୁ ଅନୁମତି ମିଳିଥିଲା। ୨୦୧୯ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଶେସ ଟେଷ୍ଟ ପରେ ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ।

ନ୍ୟୁଜିଲାଣ୍ଡ କନୱେ ଓ ଟମ୍ ଲଥାମଙ୍କ ଓପନିଂ ଯୋଡ଼ିରେ ୫୮ ରନ ସଂଗ୍ରହ କରି ଭଲ ମୂଳଦୁଆ ପକାଇଥିଲା। ୫୭ ବଲ୍‌ରୁ ୨ ଚୌକା ସହାୟତାରେ ୨୩ ରନ କରିଥିବାବେଳେ ଲଥାମଙ୍କୁ ଆଉଟ କରି ଇଂଲଣ୍ଡ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ଦ୍ରୁତ ବୋଲର ଓଲି ରବିନସନ ପ୍ରଥମ ସଫଳତା ପାଇଥିଲେ। ଅଧିନାୟକ କେନ୍ ୱିଲିୟମସନ ୧୩ ଓ ଭେଟେରାନ ରସ୍ ଟେଲର ୧୪ ରନ କରି ଆଉଟ ହେବାରୁ ଇଂଲଣ୍ଡ ସ୍କୋର ୧୧୪/୩ ହୋଇ ଯାଇଥିଲା। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ସହସିକ ଇନିଂସ ଖେଳିଥିଲେ କନ୍‌ୱେ। ସେ ୧୬୩ ବଲ୍‌ରୁ ୧୧ ଚୌକା ସହ ଶତକ ପୂରଣ କରି ଟେଷ୍ଟ ପଦାର୍ପଣକୁ ସ୍ମରଣୀୟ କରିଥିଲେ। କେବଳ ସେତିକି ନୁହେଁ ହେନରି ନିକୋଲ୍ସଙ୍କ ସହ ଶତକୀୟ ଭାଗୀଦାରି ଗଢ଼ି ସେ ନ୍ୟୁଜିଲାଣ୍ଡକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଇଂଲଣ୍ଡ ପକ୍ଷରୁ ରବିନସନ ୨ଟି ଏବଂ ଜେମ୍ସ ଆଣ୍ଡରସନ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୨୨୧/୩(ଡେଭନ କନୱେ-୧୨୫*, ହେନରି ନିକୋଲ୍ସ-୩୩*, ଟମ୍ ଲଥାମ-୨୩, ଓଲି ରବିନସନ-୨/୫୦, ଜେମ୍ସ ଆଣ୍ଡରସନ-୧/୪୬)।

## ପ୍ରସ୍ତୁତି ସମୟର ଅଭାବ ନେଇ କୋହଲି ଚିନ୍ତିତ ନୁହଁନ୍ତି

**ମୁମ୍ବାଇ,୨।୬(ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପୂର୍ବରୁ ପ୍ରସ୍ତୁତି ପାଇଁ ଭାରତୀୟ ଖେଳାଳିଙ୍କ ହାତରେ ପର୍ଯ୍ୟାପ୍ତ ସମୟ ହାତରେ ନାହିଁ। ତେବେ ଏ ନେଇ ଅଧିନାୟକ ବିରାଟ କୋହଲି ସେତେଟା ଚିନ୍ତିତ ନୁହଁନ୍ତି। ଇଂଲଣ୍ଡର ପାଣିପାଗରେ ଖେଳିବାର ଅଭିଜ୍ଞତା ଆମେ ଖେଳାଳିଙ୍କ ନିକଟରେ ଯଥେଷ୍ଟ ରହିଛି। ତେଣୁ ଏ ନେଇ ସେତେଟା ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ବୋଲି କୋହଲି କହିଛନ୍ତି। ଏହି ହାଇପ୍ରୋଫାଇଲ ଫାଇନାଲ ମ୍ୟାଚ୍ ସାଉଥାମ୍ପଟନରେ ଜୁନ୍ ୧୮ ତାରିଖରେ ଆରମ୍ଭ ହେବ। ଏବେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛନ୍ତି। ଭାରତ ଇଂଲଣ୍ଡରେ ପହଞ୍ଚିବା ପରେ କ୍ୱାରାଣ୍ଟାଇନ୍‌ରେ ରହିବ। ଏଥିରେ ୩ ଦିନିଆ ହୋଟେଲ କ୍ୱାରାଣ୍ଟାଇନ ସାମିଲ ରହିଛି। ପୂର୍ବରୁ ଆମେ କୌଣସି ସିରିଜ ଆରମ୍ଭ ହେବାର ୩ ଦିନ ପୂର୍ବରୁ ପହଞ୍ଚିଥିଲେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିଛୁ। ତେଣୁ ଏ ବିଷୟରେ ଆମେ ଭଲ ଭାବେ ଅବଗତ ରହିଛୁ ବୋଲି ଇଂଲଣ୍ଡ ପ୍ରସ୍ଥାନ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୋହଲି କହିଛନ୍ତି। ଆମେ ପ୍ରଥମଥର ପାଇଁ ଇଂଲଣ୍ଡରେ ଖେଳିବାକୁ ଯାଉନୁ। ସେଠାକାର ସ୍ଥିତି ସମ୍ପର୍କରେ ଆମେ ଭଲ ଭାବେ ଅବଗତ ରହିଛୁ। ମ୍ୟାଚ୍ ପୂର୍ବରୁ ମାତ୍ର ୪ଟି ପ୍ରାକ୍ଟିସ ସେସନର ସୁବିଧା ପାଇଲେ ମଧ୍ୟ ଆମେ ସେତେଟା ଚିନ୍ତିତ ନୁହଁ। ଇଂଲଣ୍ଡରେ ଆମେ ସମସ୍ତେ ପୂର୍ବରୁ ଖେଳିଛୁ ଓ ଦଳଗତ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ଅଛୁ। ଦୀର୍ଘଦିନ ଧରି ଆମେ କଠିନ ପରିଶ୍ରମ ଜାରି ରଖିଛୁ। ଯାହା ଫଳରେ ଆମେ ଫାଇନାଲରେ ପ୍ରବେଶ କରିଛୁ ବୋଲି କୋହଲି କହିଛନ୍ତି।



ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଜର୍ମାନୀର ଆଲେକଜାଣ୍ଡର ଜେଭରେଭ୍।

# ତୃତୀୟ ରାଉଣ୍ଡରେ ଜେଭରେଭ, ଇସ୍ନର

**ପ୍ୟାରିସ,୨।୬**

ଫ୍ରେଞ୍ଚ ଓପନ ବୁଧବାର ଚତୁର୍ଥ ଦିବସରେ ପହଞ୍ଚିଛି। ପୁରୁଷ ସିଙ୍ଗଲ୍ସରେ ଜର୍ମାନୀର ଷଷ୍ଠ ସିଡ୍ ଖେଳାଳି ଆଲେକଜାଣ୍ଡର ଜେଭରେଭ୍, ୧୫ତମ ସିଡ୍ ଖେଳାଳି ନରୱେର କାସପର ରୁଡ, ୨୭ତମ ସିଡ ଇଟାଲୀର ଫାବିଓ ଫୋଗନିନି, ୩୧ତମ ସିଡ୍ ଖେଳାଳି ଆମେରିକାର ଜନ୍ ଇସ୍ନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜେଭରେଭ ୭-୬, ୬-୩, ୭-୬ ସେଟ୍‌ରେ କ୍ୱାଲିଫାୟର ରୋମାନ ସାଫିଉଲିନ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ତୃତୀୟ ରାଉଣ୍ଡରେ ଜେଭରେଭ ସର୍ବିଆର ଲାସଲୋ ଡେରେଙ୍କୁ ଭେଟିବେ। ଟପ୍ ସିଡ ନୋଭାକ ଜୋକୋଭିଚ୍ ବୁଧବାର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୬-୪, ୬-୨ ସେଟ୍‌ରେ ଆମେରିକାର ଟେନିସ ସାଣ୍ଡଗ୍ରେନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଫୋଗନିନି ୭-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ମାର୍ଟନ ଫକୋଶୋଭିକ୍ସଙ୍କୁ ଭେଟିବେ। ସେହିପରି ଇସ୍ନର ୭-୬, ୬-୧, ୭-୬ ସେଟ୍‌ରେ ଫିଲିପ୍ କ୍ରାଜିନୋଭିକଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### କଲିନ୍ସ, ଭେସନିନା ତୃତୀୟ ରାଉଣ୍ଡକୁ ଉଠିଲେ

ମହିଳା ସିଙ୍ଗଲ୍ସରେ ଆମେରିକାର ଡାନିଏଲେ କଲିନ୍ସ ୬-୦, ୬-୨ ସେଟ୍‌ରେ ଆନହେଲିନା କାଲିଆନାଙ୍କୁ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ରୁଷିଆର ଏଲିନା ଭେସନିନା ଦ୍ୱିତୀୟ ରାଉଣ୍ଡରେ ୱାକଓଭର ପାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି

**ଫ୍ରେଞ୍ଚ୍ ଓପନ ଟେନିସ୍**

ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଟି. ଜିଡାନସେକ, କେ. ସିନିଆକୋଭା, ଏସ୍. ସିର୍ଷ୍ଟିଆ, ଡି. କାସାଟକିନା, ପି. ହେରକୋଗ, ଏମ. ଭୋଣ୍ଡ୍ରୋଉଶୋଭା, ପି. ବଡୋଶା, ଏ. ବୋଗଡାନ।

## 'କ୍ଲିନ୍ ସୁଇପ୍ ଲକ୍ଷ୍ୟ'

**ଲଣ୍ଡନ, ୨।୬ (ପି.ଟି.):** ଟେଷ୍ଟ କ୍ରିକେଟର ଦୁଇ ଶୀର୍ଷ ଦଳ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ଲିନ୍ ସୁଇପ୍ କରିପାରିଲେ ଏହା ଆମର ଆଶେସ ସିରିଜ ପାଇଁ ଶ୍ରେଷ୍ଠ ପ୍ରସ୍ତୁତି ହୋଇପାରିବ ବୋଲି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜ ପୂର୍ବରୁ ଇଂଲଣ୍ଡ ଚଳିତ ଗ୍ରୀଷ୍ମଋତୁରେ ନ୍ୟୁଜିଲାଣ୍ଡ ଓ ଭାରତ ବିପକ୍ଷରେ ୭ଟି ଟେଷ୍ଟ ଖେଳିବ। ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ସିରିଜ ବୁଧବାର ଆରମ୍ଭ ହୋଇ ଯାଇଥିବାବେଳେ ଆଗାମୀ ଅଗଷ୍ଟ-ସେପ୍ଟେମ୍ବରରେ ଭାରତ ବିପକ୍ଷରେ ୫ ଟେଷ୍ଟ ଖେଳିବ। ଆଶେସ ସିରିଜ ପାଇଁ ଦୀର୍ଘ ସମୟ ବାକି ରହିଛି। ମାତ୍ର ଏବେ ଆଗାମୀ ୭ ଟେଷ୍ଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ବିପକ୍ଷରେ ୭ ଟେଷ୍ଟ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।

# ଘରୋଇ କ୍ରିକେଟରେ କେନ୍ଦ୍ରୀୟ ଚୁକ୍ତି ଲାଗୁ ଦାବି

**ନୂଆଦିଲ୍ଲୀ,୨।୬(ପି.ଟି.)**

କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଘରୋଇ କ୍ରିକେଟରଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ଷତିପୂରଣ ଦେବାକୁ ପ୍ରୟାସ ଆରମ୍ଭ କରିଛି। ଯଦିଓ ଏ ନେଇ ରାଜ୍ୟ ଆସୋସିଏଶନଗୁଡ଼ିକ ବିସିସିଆଇକୁ ଆଶାନୁରୂପ ସହଯୋଗ କରିପାରି ନାହାନ୍ତି। କେବଳ କ୍ଷତିପୂରଣ ଦେଲେ ଏହା ପର୍ଯ୍ୟାପ୍ତ ହେବ ନାହିଁ। ଏବେ ଘରୋଇ କ୍ରିକେଟରେ ଓ ଖେଳାଳିଙ୍କ ଲାଗି ସେଣ୍ଟ୍ରାଲ କଣ୍ଟ୍ରାକ୍ଟ (କେନ୍ଦ୍ରୀୟ ଚୁକ୍ତି) ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ଜୟଦେବ ଉନାଡକଟ, ଶେଲ୍‌ଡନ ଜ୍ୟାକଶନ ଓ ହରପ୍ରୀତ ସିଂ ଭାଟିଆଙ୍କ ଭଳି ଅଭିଜ୍ଞ ତଥା ଜଣାଶୁଣା ଘରୋଇ କ୍ରିକେଟର ଏ ନେଇ ସ୍ୱର ଉତ୍ତୋଳନ କରିଛନ୍ତି।

ଗତମାସରେ ପୂର୍ବତନ ଭାରତୀୟ ଖେଳାଳି ତଥା ଘରୋଇ କ୍ରିକେଟର ରୋହନ ଗାଭାସ୍କର ମଧ୍ୟ ସମାନ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ଆସୋସିଏଶନଗୁଡିକ ଖେଳାଳିଙ୍କ ଲାଗି କେନ୍ଦ୍ରୀୟ ଚୁକ୍ତି ଲାଗୁ କରିବା ନେଇ ନିଜର ମତ ରଖିଥିଲେ। ଜାତୀୟ ଦଳର କ୍ରିକେଟରଙ୍କ ଭଳି ଘରୋଇ କ୍ରିକେଟରମାନେ ମଧ୍ୟ ମ୍ୟାଚ୍ ପାଉଣାକୁ ବାଦ୍ ଦେଲେ କେନ୍ଦ୍ରୀୟ ଚୁକ୍ତିର ସୁବିଧା ପାଇବା ଉଚିତ ବୋଲି ସେ କହିଥିଲେ।

ଅଧିକାଂଶ ଘରୋଇ କ୍ରିକେଟର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାର ସୁଯୋଗ ପାଉନାହାନ୍ତି। ଏମାନଙ୍କର ଚାକିରିର ସୁରକ୍ଷା ମଧ୍ୟ ନାହିଁ। ଘରୋଇ କ୍ରିକେଟରମାନେ କେବଳ ମ୍ୟାଚ୍ ପାଉଣା ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଗତବର୍ଷ କୋଭିଡ୍-୧୯ କାରଣରୁ ରଣଜୀ ଟ୍ରଫି ସମ୍ପୂର୍ଣ୍ଣ ବାତିଲ ହେବା ଫଳରେ ଖେଳାଳିମାନେ ପାଉଣା ପାଇନାହାନ୍ତି। ପ୍ରତ୍ୟେକ ରାଜ୍ୟର ଶ୍ରେଷ୍ଠ ୩୦ଜଣ କ୍ରିକେଟରଙ୍କୁ ଆସୋସିଏଶନଗୁଡିକ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରିବା ଉଚିତ ବୋଲି ଉନାଡକଟ କହିଛନ୍ତି। ମହାମାରୀ ପୂର୍ବରୁ ମଧ୍ୟ କେନ୍ଦ୍ରୀୟ ଚୁକ୍ତି ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏକ ଫୁଲ୍ ସେସନ ଖେଳିଲେ ଜଣେ ଘରୋଇ କ୍ରିକେଟର ୧୫ରୁ ୧୬ ଲକ୍ଷ ଟଙ୍କା ଉପାର୍ଜନ କରିଥାଏ। କିନ୍ତୁ ୨୦୨୧ରେ ୮୭ ବର୍ଷ ପରେ ପ୍ରଥମଥର ପାଇଁ ରଣଜୀ ଟ୍ରଫି ବାତିଲ ହୋଇଥିଲା। ଅନ୍ୟପଟେ ଘରୋଇ କ୍ରିକେଟରଙ୍କୁ କ୍ଷତି ପୂରଣ ଦେବାକୁ ବିସିସିଆଇ ପ୍ରସ୍ତୁତ ରହିଛି। ଏ ନେଇ ରାଜ୍ୟ ଆସୋସିଏଶନଗୁଡିକ ସହ ଆଲୋଚନା ଚାଲିଛି ବୋଲି ବିସିସିଆଇ କୋଷାଧ୍ୟକ୍ଷ ଅରୁଣ ଧୁମଲ କହିଛନ୍ତି।

# କ୍ରୀଡ଼ାର ନୂଆ ସୋପାନରେ ଓସାକା

**ପ୍ୟାରିସ୍,୨।୬(ଏପି)**

କ୍ରୀଡ଼ାରେ ଇଞ୍ଜୁରି ନେଇ ଆଥଲେଟମାନେ ଖୋଲାଖୋଲି ନିଜର ମତ ରଖିଥାନ୍ତି। ତେବେ ମାନସିକ ସ୍ୱାସ୍ଥ୍ୟ ନେଇ ଜଣେ ଆଥଲେଟ କୌଣସି ଇଭେଣ୍ଟରୁ ଓହରିବା ସମ୍ପୂର୍ଣ୍ଣ ଭିନ୍ନ କଥା। ମାନସିକ ଅବସାଦ ପାଇଁ ଫ୍ରେଞ୍ଚ୍ ଓପନ୍‌ରୁ ଓହରିବା ସହ ବିଶ୍ୱର ସବୁଠାରୁ ଦାମୀ ମହିଳା ଖେଳାଳି ନାଓମି ଓସାକା ଏବେ ବିତର୍କ ସୃଷ୍ଟି କରିଛନ୍ତି ଓ କ୍ରୀଡ଼ାକୁ ନୂଆ ଦିଗରେ ପହଞ୍ଚାଇଛନ୍ତି। ଏହି ମେଗା ଇଭେଣ୍ଟରୁ ଓହରି ଓସାକା ଟେନିସ ଅଧିକାରୀଙ୍କ ସହ ଚାଲିଥିବା ପରୋକ୍ଷ ବିବାଦର ଅନ୍ତ ଘଟାଇଛନ୍ତି। ଏହା ଦ୍ୱାରା ସେ କ୍ରୀଡ଼ାର ନୂଆ ତଥା ତୃତୀୟ ସୋପାନରେ ପଦାର୍ପଣ କରିଛନ୍ତି।

ପ୍ରଥମଥର ପାଇଁ ବିନା ଇଞ୍ଜୁରିରେ କୌଣସି ଜଣେ ବଡ଼ ତାରକା ଖେଳାଳି ଏକ ବଡ଼ ଟୁର୍ନାମେଣ୍ଟରୁ ଓହରିଛନ୍ତି। ତେଣୁ ଓସାକାଙ୍କର ଏହି ନିଷ୍ପତ୍ତି ଅନେକଙ୍କର ହଜମ ହୋଇନାହିଁ। ଅଲିମ୍ପିଆନ ମାଇକେଲ ଫେଲପ୍ସ ପୂର୍ବରୁ ନିଜର ମାନସିକ ସ୍ୱାସ୍ଥ୍ୟ ନେଇ ଖୋଲାଖୋଲି ଭାବେ ମତ




**ଫ୍ରେଞ୍ଚ୍ ଓପନ୍‌ରୁ ଓହରିବା ଘଟଣା**

ରଖିଥିଲେ। ସେହିପରି ମହାନ ବାସ୍କେଟବଲ୍ ଖେଳାଳି ଜେରୀ ୱେଷ୍ଟ ମନ୍ତବ୍ୟ ଦେଇଥିଲେ। ମାନସିକ ଅବସାଦ ନେଇ ସେ ନିଜର ସଂଘର୍ଷର କାହାଣୀ ଉପସ୍ଥାପନା କରିଥିଲେ। ତେବେ ସେ ନିଜର କ୍ରୀଡ଼ା ଜୀବନର ଶେଷରେ ସେ ଏ ନେଇ ଯାହା କିଛି କହିଥିଲେ। ଅନ୍ୟ କେତେକ ଆଥଲେଟ ଜୀବନ ସାରା ନିଜର ସମସ୍ୟା ନେଇ ସଂଘର୍ଷ ଜାରି ରଖିଥିଲେ। ଆଗକୁ ଆଥଲେଟମାନେ ଓସାକାଙ୍କୁ ଅନୁସରଣ କରୁଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ପୁଣି ପ୍ରଶଂସକ ଓ କ୍ରୀଡ଼ାଜଗତ ମଧ୍ୟ ଏ ନେଇ ପ୍ରତିକ୍ରିୟାଶୀଳ ହେବେ।

ଶରୀର ଆଘାତ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟରେ ବହୁତ ଫରକ ରହିଛି ବୋଲି ଚିକାଗୋର ପ୍ରତିଷ୍ଠିତ ମନସ୍ତତ୍ତ୍ୱବିତ୍ ଡଃ ୱେଣ୍ଡି ବୋରଲାବି କହିଛନ୍ତି। ପୂର୍ବରୁ ସେ ପେସାଦାର, ଅଲିମ୍ପିକ୍ ଓ କଲେଜ ଆଥଲେଟଙ୍କ ସହ କାର୍ଯ୍ୟ କରିଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଖୋଲାଖୋଲି ଆଲୋଚନା କଲେ ଖାସ୍ କରି କ୍ରୀଡ଼ାରେ କଳଙ୍କକୁ ଆମେ ପଛରେ ପକାଇପାରିବା। ଖେଳାଳିମାନେ ମଧ୍ୟ ଏଥିରୁ ଲାଭ ପାଇପାରିବେ ବୋଲି ସେ କହିଛନ୍ତି।

କିଛି ଦିନତଳେ କେଭିନ ଲଭ ଓ ଡିମାର ଡିରୋଜାନଙ୍କ ଭଳି ଏନ୍‌ବିଏ ଖେଳାଳି ଓ ଡବ୍ଲ୍ୟୁଏନ୍‌ବିଏର ଅଜା ୱିଲଶନ ନିଜର ଅବସାଦ ନେଇ ସଂଘର୍ଷ, ସଫଳତା ଓ ବିଫଳତାର କାହାଣୀ ଖୋଲାଖୋଲି ଭାବେ ସେୟାର କରିଥିଲେ। କ୍ରୀଡ଼ାରେ ମାନସିକ ସ୍ୱାସ୍ଥ୍ୟ ନେଇ ଯେ ସମସ୍ୟା ରହିଛି ଏହା ସ୍ୱୀକାର କରିବାକୁ ହେବ। ତେଣୁ ଓସାକା ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସାହସିକ ବୋଲି କୁହାଯାଇପାରେ। ଓସାକା ଏ ନେଇ ଉଦାହରଣ ସୃଷ୍ଟି କରିଛନ୍ତି। ଏବେ ଆଥଲେଟମାନେ ମାନସିକ ସ୍ୱାସ୍ଥ୍ୟ ନେଇ ଆଲୋଚନା କରିବାକୁ ଆଦୌ ଦ୍ୱିଧାବୋଧ କରିବେ ନାହିଁ। ଏହା ନିଶ୍ଚିତ ଭାବେ କ୍ରୀଡ଼ା ପାଇଁ ଶୁଭଙ୍କର ବୋଲି କୁହାଯାଇପାରେ। ଫ୍ରେଞ୍ଚ୍ ଓପନରୁ ଓସାକା ଓହରିବା କ୍ରୀଡ଼ାକୁ ଏକ ନୂଆ ଦିଗ ପ୍ରଦାନ କରିବା ସହ ଭିନ୍ନ ଏକ ସୋପାନରେ ପହଞ୍ଚାଇଛି ବୋଲି କୁହାଯାଇପାରେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ